Split by PDF Splitter



...cular Road
CALCUTTA

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୩୦ ଶ | ସ ୪୦ ସଂଖ୍ୟା

ତା ୧୯ ରଖ ମାହେ ଅକ୍ଟୁବର ସନ ୧୮୯୫ ମସିହା । ମୁ । ୧୪ ନ କାର୍ତ୍ତିକ ଶକ ୧୩୦୩ ସାଲ ଶନିବାର ।

ଅଗ୍ରିମ ଟ ୩ ୯
ପଶ୍ଚାଦ୍ଦେୟ ଟ ୭ ୯

ଗତ ବୁଧବାର ଗର୍ଭଣାସଂକ୍ରାନ୍ତି ଏବଂ ତହିଁ ଅନନ୍ତର ଦୀପାବଳୀ ଅମାବାସ୍ୟା ଥିଲା ଏ ସମୟରେ ବୃଷ୍ଟି ହେବ ବୋଲି ଲୋକେ ବଡ଼ ଆଶା କରୁଥିଲେ । କିନ୍ତୁ ପ୍ରଥମଦିନ ଏ ନଗରରେ ଅଳ୍ପକାଳ ଆକାଶ ମେଘାଚ୍ଛନ୍ନ ଦେଖାଯାଇ ପଶ୍ଚାତ୍ ଦିନକୁ ପରିଷ୍କାର ହୋଇ ଗଲା । ମୋଫସଲରେ ଠାବେଠାବେ ବୃଷ୍ଟି ହୋଇଥିବାରୁ ଅବଶ୍ୟ ଜଳକଷ୍ଟ କିଛିର ବାଧା ନାହିଁ ମାତ୍ର ଶୀଘ୍ର ଗୋଟିଏ ଲଗାଣ ବୃଷ୍ଟିର ପ୍ରୟୋଜନ ଏବଂ ତହିଁ ପାଇଁ ଲୋକେ ବ୍ୟସ୍ତ ଅଛନ୍ତି ।

---

ହାବଡ଼ା ବର୍ଣ୍ଣ କୋମ୍ପାନୀର ଗୋଦାମରକ୍ଷକ ମିଃ ଅଣ୍ଡ୍ରୁ ଅଣ୍ଡର୍ସନ ଜଣେ ଓଡ଼ିଆକୁ ପଦାଘାତ କରନ୍ତେ ତାହାର ମୃତ୍ୟୁ ହୁଏ । ସାହେବ ସାମାନ୍ୟ ଆଘାତର ଅପରାଧରେ ବିଚାର ହେଉଅଛନ୍ତି । ଅପରାଧ ସାମାନ୍ୟ ହେବରୁ ଆସାମୀ ଜାମିନରେ ମୁକ୍ତିଲାଭ କରିଅଛନ୍ତି । ଧନ୍ୟ ଗୋରାଚର୍ମ୍ମ । ଦେଶୀଲୋକ ହୋଇଥିଲେ ତାହାର ଅବସ୍ଥା କେତେ ଦୂର ଶୋଚନୀୟ ହୋଇ ଥାଆନ୍ତା । ମୋକଦ୍ଦମା ହାବଡ଼ା ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ଗ୍ରିଅର୍ସନ୍ ସାହେବଙ୍କ ବିଚାରାଧୀନରେ ଅଛି ।

---

ଅମ୍ଭମାନଙ୍କର ମାନନୀୟ କଲେକ୍ଟର ଶ୍ରୀଯୁକ୍ତ ମଡ଼ ସାହେବ ଆବେଦନକମାନଙ୍କପ୍ରତି ଅବସ୍ଥିର କରିଥିବାର ବୋଧ ହେଉଅଛି । ଆବେଦନକମାନେ କଳାବେଇଟରେ ଉଚିତ ସମୟରେ କଚେରୀରେ ଉପସ୍ଥିତ ହୋଇ ବେତନଭୋଗୀ କର୍ମ୍ମଚାରୀଙ୍କ ପରି କାର୍ଯ୍ୟ କରୁଅଛନ୍ତି ସୁତରାଂ ଠିକାକାର୍ଯ୍ୟରେ ସେମାନଙ୍କ ଦାବୀ ବାହାରଲୋକମାନଙ୍କ ଅପେକ୍ଷା ଅଧିକ କିନ୍ତୁ ଆମ୍ଭେମାନେ ଶୁଣି ଦୁଃଖିତ ହେଲୁଁ ଯେ ରୋଡ଼ସେସ ଅଫିସରେ ସ୍ଥିର ଗୋଟି ଠିକାକାର୍ଯ୍ୟରେ ବାହାର ଲୋକେ ନିଯୁକ୍ତ ହୋଇଅଛନ୍ତି । ଆମ୍ଭେମାନେ ମଧ୍ୟ ଦେଖି ଆସୁଅଛୁଁ ଯେ ସମୟ୨ରେ ମୁକରରି କାର୍ଯ୍ୟରେ ମଧ୍ୟରେ ଅନ୍ୟ ଅଫିସର କର୍ମ୍ମଚାରୀମାନେ ନିଯୁକ୍ତ ହେଉଅଛନ୍ତି ସୁତରାଂ ଆବେଦନକମାନଙ୍କୁ କେବଳ ବେଠିକାର୍ଯ୍ୟରେ ନିଯୁକ୍ତ ରହି ପରିଶେଷରେ ନିରାଶ ହେଉଅଛନ୍ତି । ଅତଏବ ଆମ୍ଭେମାନେ ଆଶା କରୁଁ ଶ୍ରୀଯୁକ୍ତ କଲେକ୍ଟର ସାହେବ ଭବିଷ୍ୟତରେ ଆବେଦନକମାନଙ୍କ ଦାବୀ ଠିକା ଓ ବାହେଲ କାର୍ଯ୍ୟରେ ଉଚିତ ବିଚାର କରି ସର୍ବସାଧାରଣଙ୍କର ପ୍ରୀତିଭାଜନ ହେବେ ।

---

ଗତ ସୋମବାର ବଡ଼ ଦୁଇପ୍ରହର ସମୟରେ ଏଠା କାଠଗଡ଼ାସାହିର ଜଣଙ୍କ ଗୃହରେ ଅଗ୍ନି ଲାଗି ଭସ୍ମସାତ ହୋଇଗଲା । ଗୃହ ଦାହ ଆରମ୍ଭରୁ ଅନେକ ଲୋକେ ଉପସ୍ଥିତ ଥିଲେହେଁ ନିକଟରେ ପୁଷ୍କରିଣୀ ଓ କୂପ ଥିଲେ ମଧ୍ୟ ଲୋକେ ଦର୍ଶକ ପରି ଦଣ୍ଡାୟମାନ ହୋଇଥିଲେ କେବଳ କଳସି ଅଭାବରେ କେହି ଅଗ୍ନି ନିର୍ବାଣ କରିପାରି ନ ଥିଲେ । ଗୃହଟି ପୁଣି ମିଉନିସିପାଲିଟୀର ଓଭରସିୟରଙ୍କ ଗୃହ ସନ୍ନିକଟ ଓ କୁମ୍ଭାରସାହି ସନ୍ନିକଟ । ଯଦ୍ୟପି ଓଭରସିୟର ଉପସ୍ଥିତ ନ ଥିଲେ ତଥାପି ସେଠାରେ ଧନାଢ୍ୟ ପ୍ରତିବାସିମାନେ ଥିଲେ । ଆଦେଶ ମାତ୍ରକେ ଅନେକ ଗୁଡ଼ିଏ କଳସି ଆସି ପାରିଥାନ୍ତା । ଦୁଃଖର ବିଷୟ ଯେ ଏସବୁ କାର୍ଯ୍ୟରେ ଲୋକେ ସାହାଯ୍ୟ ଦେବାକୁ ତତ୍ପର ହୁଅନ୍ତି ନାହିଁ । ବୋଧହୁଏ ଉପସ୍ଥିତ ବୁଦ୍ଧିର ଅଭାବରୁ ଗରିବର ଗୃହଟି ଭସ୍ମୀଭୂତ ହୋଇଗଲା । କହନ୍ତି ଯେ କେହି ଶତ୍ରୁ ଅଗ୍ନି ଲଗାଇ ଦେଇଥିଲା । ଶୀତକାଳରେ ପୁଣି ଅଗ୍ନିର କୋପ ।

---

ଧର୍ମଶାଳା ଥାନା ଇଲାକାରେ ଗୋଟିଏ ବିସ୍ମୟଜନକ ଘଟନା ଘଟିଅଛି । ଗତ ଦୁର୍ଗାପୂଜା ଉପଲକ୍ଷେ ଅଲତିପ୍ରଗନ୍ନା ବନଗୋବିନ୍ଦପୁର ଗ୍ରାମରେ ଯାତ୍ରା ହେଉଥିବାରୁ ଅନେକ ଲୋକ ଯାତ୍ରା ଦେଖିବା ନିମନ୍ତେ ରୁଣ୍ଡ ହୋଇଥିଲେ । ଦୁଃଖୀଶୋଇ ନାମକ ଜଣେ ଲୋକର ଆଠବର୍ଷର ଗୋଟିଏ ଝିଅ ଯାତ୍ରା ଦେଖିବାକୁ ବାହାରିବା ସମୟେ ଜଣେ ଲୋକ ତାହାକୁ ଯାତ୍ରା ଦେଖିବା ବାହାନାରେ ଡାକିନେଇ ଅନ୍ୟ ପାଞ୍ଚଜଣ ଲୋକଙ୍କ ସହିତ ବ୍ରାହ୍ମଣୀ-

Digitized by srujanika@gmail.com

ଜମୀକୂଳକୁ ନେଇ ଯାଇ ସେଠାରେ ତାହାର ଛଞ୍ଚି ଓଧି ତାକୁ ମାଇପକାଇ ତାହା ଦେହରେ ଥିବା ସୁନାରୂପାର ଅଳଙ୍କାରମାନ ନେଇ ଗଲା କହବଗୋଇ ତାହାର ଝିଅଲୁ ଖୋଜି ନ ପାଇ ତାହା ଘରକୁ ବାଲିଆହରପୁରର ପୁରୁଷୋତ୍ତମ ଦାସ ନାମକ ଜଣେ ଲୋକ ସେ ସହରେ ଅ-ସିଥିବାର ଶୁଣି ଆପଣା ସ୍ତ୍ରୀ ବୃନ୍ଦାବନକୁ ସେ ଗ୍ରାମକୁ ପଠାଇବାରୁ ବୃନ୍ଦାବନ ଖୋଜି ପୁରୁ-ଷୋତ୍ତମକୁ ପାଇ ଆପଣା ସଙ୍ଗେ ନେଇ ବାଟରେ ଆସି ପୁରୁଷୋତ୍ତମ ଦାସ କହବଗୋଇର ଯା-ବତୀୟ ଷଡ଼ଯନ୍ତ୍ରଙ୍କ ସହିତ ମିଳି ତାଲକ.ଟିକୁ ମାର ପକାଇଥିବାର ଏକସ୍ୱର କଲା । ମୋକ-ଦମା ଉଦନ୍ତ ହେଉଅଛି ।

---

ଡାକ୍ତର ଗଙ୍ଗାଗୋବିନ୍ଦଙ୍କ ନାଲିଶ ମତେ କାଟୋରର ଶଙ୍କା ଯେଉଁ ଫୌଜଦାରୀମୋକଦ-ମାରେ ଲିପ୍ତ ଥିଲେ ଓ ଯେଉଁ ସକାଶେ ସେ ଅନେକ ଅପମାନ ଓ ଜନ୍ମଅବାଲିତର ଅନ୍ୟାୟ ହୁକୁମରେ କଷ୍ଟ ପାଇଥିଲେ ହାଇକୋର୍ଟର ଅପିଲରେ ଅବ୍ୟାହତ ପାଇବାରୁ ସେ ବର୍ତ୍ତମାନ ସଇସାର୍ଦ୍ଦ ମାଜିଷ୍ଟ୍ରେଟ୍ ପ୍ରାଇସ ସାହେବଙ୍କ ନାମରେ ନାଲିଶ କରିବାକୁ ବସିଛନ୍ତି । ଦେଅଂ-ଲଜ କାର୍ଯ୍ୟ ହେତୁ ତାଙ୍କୁ ଲଣ୍ଡବଣ୍ଡ ହେବାକୁ ହୋଇଅଛି ଓ ସେ ଅନେକ ଖରଚପତ୍ର ହୋଇ-ଅଛନ୍ତି । ବର୍ତ୍ତମାନ କ୍ଷତିପୂରଣ କିମନ୍ତେ ଟ ୨୫୦୦୦ ଙ୍କା ନାଲିଶ କରିବାର ନୋଟିସ ଦେବାର ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଅଛି । ଦେଖାଯାଉ ଫଳରେ କ ହୁଏ ।

ପ୍ରଜା ସକଳ ଯୁଦ୍ଧ ସେଥିରେ ପୁଣି ବଳ ଲୋକ; ପ୍ରଜାର ସାହସ ସାମାନ୍ୟ ନୁହଇ ।

---

ବଙ୍ଗ ପ୍ରଦେଶର ସନ ୧୮୯୪।୯୫ ସାଲର ଇନ୍‌କମ୍ ଟିକସ ବିଭାଗର ବାର୍ଷିକ ବିବରଣରୁ ପ୍ରକାଶ ଯେ ତହିଁ ପୂର୍ବବର୍ଷଠାରୁ ବର୍ତ୍ତିତ ବ-ର୍ଷର ଅସୁ ଦୁଇଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବଢ଼ିଅଛି ଅଥଚ ବ୍ୟୟ ବୃଦ୍ଧି ନ ହୋଇ ବରଂ କମ ଊଣା ହୋଇଅଛି । ଅର୍ଥାତ୍ ସନ ୧୮୯୩।୯୪ ସାଲର ନିଟ ଅସୁ ୪୧ ଲକ୍ଷ ୭୨ ହଜାର ଟଙ୍କାରୁ ସନ ୧୮୯୪।୯୫ ସାଲର ନିଟ ଅସୁ ୪୩ ଲକ୍ଷ ୮୬ ହଜାର ହୋଇଅଛି । ମାତ୍ର ବଙ୍ଗ ବଙ୍ଗୀୟ ଲେଫ୍‌ଟଲଟ ସ୍ୱୀକାର କରୁଅଛନ୍ତି ଯେ ଇନକମ ଟିକସକୁ କେହି ସୁଖ ପାଉ ନାହାନ୍ତି । ଏହା ଅସନ୍ତୋଷଜନକ ଭିନ୍ନ ଅନ୍ୟ କିଛି ହୋଇ ନ ପାରେ ମାତ୍ର ଯେଉଁମାନେ ସରକାରଙ୍କ ଆର୍ଥିକ ଅବସ୍ଥା ବୁଝିବାକୁ ସକ୍ଷମ ଅଟନ୍ତି ସେମାନେ ଏହି ଅସୁଖକର ଅଥଚ ଅବକାର୍ଯ୍ୟ ଦାୟିତ୍ୱହେଣ କରିବାକୁ ଅଗ୍ରମ୍ କରିଅଛନ୍ତି । ବାର୍ଷିକ ଏକହଜାର ଟଙ୍କାର ନ୍ୟୂନ ଅସୁ ଛାଡ଼ ଦିଆଗଲେ ଅସନ୍ତୋଷ ପ୍ରାୟ ରହିବ ନାହିଁ । ବୁଝିବା ଲୋକଙ୍କ ସମ୍ବନ୍ଧରେ ମାନ୍ୟବର ମହୋଦୟ ଯାହା କହୁଅଛନ୍ତି ତାହା ଠିକ ନୁହେ । ଇନ୍‌କମ୍ ଟିକସକୁ କେହି ସୁଖ ନୁହନ୍ତି । କେବଳ ସରକାରଙ୍କ ହଦ ଉପରେ କାହାର ବଳ ନାହିଁ ବୋଲି ସହିବାକୁ ବାଧ୍ୟ ହୋଇଅଛନ୍ତି । ପ୍ରକୃତରେ ଯହିଁର ଅସୁ ବାର୍ଷିକ ଅଧକୋଟୀ ସ୍ୱଦା ନୁହେ ଏବଂ ଯହିଁର ବନ୍ଦୋବସ୍ତ ସନ୍ତୋଷଜନକରୂପେ ହେବା ଅବଶ୍ୟକ ତାହାକୁ ଉଠାଇ ଦେବା ନ୍ୟାୟସଙ୍ଗତ ଅଟେ ।

---

## ବଙ୍ଗଦେଶର ପୁଲିସ ।

ସନ ୧୮୯୪ ସାଲର ପୁଲିସ ବିଭାଗର ବାର୍ଷିକ ବିବରଣୀରୁ ପ୍ରକାଶ ଯେ ପୁଲିସର ଉନ୍ନତି ନିମନ୍ତେ ପୁଲିସ କମିଶନରମାନେ ଯେ ସମସ୍ତ ପରାମର୍ଶ ଦେଇଥିଲେ ସେ ସମସ୍ତ ବହୁ ପରିମାଣରେ କାର୍ଯ୍ୟରେ ପରିଣତ ହୋଇ-ଅଛି । ଯଥା, କନଷ୍ଟେବଲଙ୍କ ସଂଖ୍ୟା ଏବଂ ବେତନ ବୃଦ୍ଧି ହୋଇଅଛି, ହେଡ଼ କନଷ୍ଟେବଲଙ୍କ ସଂଖ୍ୟା ଊଣା କରି ସବ ଇନସ୍ପେକ୍ଟରମାନଙ୍କ ସଂଖ୍ୟା ବୃଦ୍ଧି ହୋଇଅଛି ଇତ୍ୟାଦି । ଏହାଦ୍ୱାରା ପୁଲିସର କଉଣ ଏଣ ଭଲ ହେବାର ବୋଲଯାଇ ପାରେ ନାହିଁ ଯେ ପୁଲିସ ଅନ୍ୟାୟର ମୋକଦମା ପୂର୍ବ ବର୍ଷଠାରୁ ଊଣା ପଡ଼ିଅଛି ମାତ୍ର ଦଣ୍ଡବିଧି ଓ ପାଇଁ ଆଇନ ଅନୁସାରେ ଅଧିକ ସଂଖ୍ୟକ ପୁଲିସକର୍ମଚାରୀ ଦୋଷୀ ହୋଇ ଦଣ୍ଡ ପାଇ-ଅଛନ୍ତି କେବଳ ଉପରସ୍ଥ ହାକିମଙ୍କଦ୍ୱାରା ଦଣ୍ଡ ପାଇବାର ସଂଖ୍ୟା ଊଣା ହୋଇଅଛି । ଏଥିରୁ ପ୍ରକାଶ ପାଉଅଛି ଯେ ପୁଲିସ କର୍ମଚାରୀଙ୍କର ଚରିତ୍ର ଗତବର୍ଷାପେକ୍ଷା ବିଶେଷ ଭଲ ହୋଇ ନାହିଁ । ମାତ୍ର ପୁଲିସର ଇନସ୍ପେକ୍ଟର ଜେନେରଲ କହୁଅଛନ୍ତି କି ଯେ ସ୍ଥଳେ କୌଣସି ସ୍ଥାନକୁ ପୁଲିସ ଫାଣ୍ଡି ଉଠିଯିବାର ପ୍ରସ୍ତାବ ହେଲେ ତହିଁ ବିରୁଦ୍ଧରେ ସେ ଅଞ୍ଚଳର ଲୋକମାନେ ଆପତ୍ତି କରିବାର ଦେଖାଯାଏ ସେ ସ୍ଥଳେ ପୁଲିସକୁ ଘୃଣିତ ଦେଖି ନ ପାରିବାରୁ କୁହା ଯାଇ ନ ପାରେ । ସାହେବ ମହୋଦୟ ଜାଣନ୍ତି ନାହିଁ ଯେ 'ନାହିଁ ମାମୁଁଠାରୁ କଣା ମାମୁଁ ଭଲ' ବୋଲି ଏ ଦେଶର ଗୋଟିଏ ପ୍ରାଚୀନ ପ୍ରବାଦ ଅଟେ । ପୁଲିସ ସମ୍ବନ୍ଧରେ ଲୋକଙ୍କର ଠିକ ଏହି ଭାବ । ନଚେତ୍ ଏହା-ଦ୍ୱାରା ପୁଲିସର ଉତ୍କୃଷ୍ଟତା ପ୍ରତିପନ୍ନ ହେଉ ନାହିଁ ।

ଗତ ଦଶବର୍ଷର ଅପରାଧର ସଂଖ୍ୟା ଏବଂ ଚାଉଳର ମୂଲ୍ୟ ଏକ ତାଲିକାରେ ପ୍ରକାଶ କରି ଆମ୍ଭମାନଙ୍କ ଲୋଟଲାଟ ବାହାଦୁର ଦେଖାଇ-ଅଛନ୍ତି ଯେ ଚାଉଳ ଶସ୍ତା ହେଲେ ଅପରାଧ ଊଣା ହୁଏ । ସନ ୧୮୮୫ ସାଲରେ ଚାଉ-ଳର ଦର ଥିଲା ସେ ୨୧୩ ଓ ଅପରାଧର ସଂଖ୍ୟା ଥିଲା ୨ ଲକ୍ଷ ୨୨ ହଜାର । ସନ ୧୮-୯୨ ରେ ଥିଲା ଚାଉଳର ଦର ସେ ୧୩ ର ଓ ଅପରାଧର ସଂଖ୍ୟାଥିଲା ୨ ଲକ୍ଷ ୭ ହଜାର । ସନ ୧୮୯୪ ସାଲରେ ଦର ସେ ୧୩।/ ରୁ ଅପରାଧ ସଂଖ୍ୟା ହେଲା ୨ ଲକ୍ଷ ୫୯ ହଜାର । ସନ ୧୮୯୩ ସାଲରେ ଦର ସେ ୦ ୬/ ଊଣା ଥିଲାରୁ ଅପରାଧ ୩୦୦ ଅଧିକ ହୋଇଥିଲା । ଲୋକେ ଖାଇବାକୁ ନ ପାଇଲେ ଚୋରି ଡକାଇତି କରନ୍ତି ଏ କଥା ସତ୍ୟ ମାତ୍ର ସନ ୧୮୯୩ ସାଲରୁ ସନ ୧୮୯୪ ସାଲରେ ଯେଉଁ ୩୦୦ ଅପରାଧ ଊଣା ହୋଇଅଛି ତାହା ଚୋରି ଡକାଇତି ଇତ୍ୟାଦିରେ ନୁହେ କେବଳ ବା-ଟରେ ମଳ ମୂତ୍ର ତ୍ୟାଗ କରିବା ଅସୁ ଇତ୍ୟାଦ ଚୋରି କରିବାର କଥା ଓ ଅନ୍ୟାନ୍ୟ ସମନ୍ତ ୨ ଅପରାଧ ଊଣା ହୋଇଅଛି । ନରହତ୍ୟା, ଡକାଇତି, ଚୋରି ଇତ୍ୟାଦ ବଡ଼ ଅପରାଧମାନ ବୃଦ୍ଧି ଉଠା ଊଣା ପଡ଼ ନାହିଁ । ପୁଣି ଏହି ସବୁ ଗୁରୁତର ଅପରାଧ ଅଧିକାଂଶ ଧରା ପଡ଼ି ନାହିଁ । ଇନସ୍ପେକ୍ଟର ଜେନେରଲ ସାହେବ ବୁଝାଇଦେଇ ଅଛନ୍ତି କି ଚୌକିଦାରଙ୍କ କର୍ତ୍ତବ୍ୟ ହେବାରୁ ଯେ ସବୁ ମୋକଦମା ପୂର୍ବେ ଲୁଚ ରହୁଥିଲା ଏବେ ପୁଲିସ ଖାତାରେ ଆସୁଅଛି ସୁତରାଂ ଅପରାଧ ବୃଦ୍ଧି ହେବାର ପ୍ରକାଶ ପାଉଅଛି । ଚୌକିଦାରମାନେ ଘଟଣା ପ୍ରକାଶ କରି ଆପଣା କର୍ତ୍ତବ୍ୟ କାର୍ଯ୍ୟ କଲେ । ମାତ୍ର

Split by PDF Splitter
Digitized by srujanika@gmail.com

Split by PDF Splitter



ପୁଲିସ ଯେବେ ଏସବୁ ସଙ୍ଗୀନ ମୋକଦମା ଧର ନ ପାରିଲେ ତେବେ ସେମାନଙ୍କଦ୍ୱାରା କେଉଁ ଉପକାର ହେଲା । ପ୍ରକୃତରେ ଯେ ପର୍ଯ୍ୟନ୍ତ ପୁଲିସ ଅପରାଧ ଧରିବାରେ ପଟୁତା ଦେଖାଇ ନ ପାରିବେ ସେ ପର୍ଯ୍ୟନ୍ତ ସେମାନଙ୍କଦ୍ୱାରା ଉପକାର ହେବାର ବୋଧ ଯିବ ନାହିଁ । ଲୋକଙ୍କ ଧନ ପ୍ରାଣ ରକ୍ଷା ପୁଲିସର ପ୍ରଧାନ କାର୍ଯ୍ୟ ରିପୋର୍ଟରୁ ସେ ବିଷୟରେ ପୁଲିସର ବାହାଦୁରୀ ପ୍ରକାଶ ହେଉ ନାହିଁ । ବାହାଦୁରୀ କେବଳ ବାଟ ଘାଟ ଅପରିଷ୍କାର କରିବା ଇତ୍ୟାଦି ମାମଲା ଧରିବାରେ । ଶେଷ ଡକାଇତି ପ୍ରଭୃତି ବଡ଼ ବଡ଼ ମାମଲା ଛାଡ଼ି କେବଳ ଛୋଟ ମାମଲାରେ ବାହାଦୁରୀ ଦେଖାଇ ପୁଲିସ ଲୋକଙ୍କ ନିକଟରେ ଆଦରଣୀୟ ହୋଇ ପାରିବେ ନାହିଁ ।

---

### ପ୍ରାପ୍ତ ।

ମାହାଙ୍ଗାରେ ଦୁଇବର୍ଷ ପୂର୍ବେ ଦୁର୍ଗାପୂଜା-ଉପଲକ୍ଷେ ଚୌଧୁରୀ ଜନାର୍ଦ୍ଦନପ୍ରସାଦ ରାୟଙ୍କ ଗୃହରେ ବଙ୍ଗଳାନାଟକର ଅଭିନୟ ହୋଇଥିବାର ସେ ସମୟେ ଆମ୍ଭେମାନେ ଉଲ୍ଲେଖ କରିଥିଲୁଁ । ଏବର୍ଷ ପୂଜାଉପଲକ୍ଷେ ବାବୁ ଜଗନ୍ମୋହନ ଲାଲଙ୍କ ଗୃହଠାରେ ତାଙ୍କ ରଚିତ ଓଡ଼ିଆ ବାବାଜୀନାଟକର ଅଭିନୟ ହୋଇଥିଲା । ଏଥିର ଉଦ୍ୟମକାରୀ ତାଙ୍କର ପୁତ୍ର ବାବୁ ରାମମୋହନ ଲାଲ ଅଟନ୍ତି । ଏ ଅଳ୍ପ ବୟସ୍କ ଯୁବକ ଏ କାର୍ଯ୍ୟରେ ବିଶେଷ ଯତ୍ନ ଓ ପରିଶ୍ରମ କରି କୃତକାର୍ଯ୍ୟ ହୋଇଥିବାରୁ ଧନ୍ୟବାଦର ପାତ୍ର ଅଟନ୍ତି । ପ୍ରାୟ ପନ୍ଦରଦିନ ପୂର୍ବେ ସେ କଟକଠାରେ ଏଥିର ପ୍ରସ୍ତାବ ଓ ଅଭିନୟବଳ ଠିକ କରି ଅଠଦିନ ପୂର୍ବେ ଗ୍ରାମଠାକୁ ଆସି ସକଳ ଆୟୋଜନ କଲେ । ପୂର୍ବସ୍ଥେଜ ଅର୍ଥାତ୍ ଅଭିନୟମଞ୍ଚର ଯେ ଅଂଶମାନ ଥିଲା ସେ ସବୁ ପ୍ରଶଂସିତ ଚୌଧୁରୀ ମହାଶୟଙ୍କଠାରୁ ଆଣି ତହିଁରେ ଅଳ୍ପ କିଛି ଯୋଗ କରିବାରୁ ସୁନ୍ଦର ଦିଶୁଥିଲା । ନବମୀ ଦିନବେଳେ ମଞ୍ଚ ପ୍ରସ୍ତୁତ ଶେଷ ହେଲା ସନ୍ଧ୍ୟା ଉତ୍ତାରେ ରିହରସଲ ( ପରୀକ୍ଷା ) ହୋଇ ରାତି ଦୁଇବାଜିବା ସମୟେ ଅଭିନୟ ଆରମ୍ଭ ହୋଇ ପ୍ରଭାତରେ ଶେଷ ହେଲା । ନାଟକଗ୍ରନ୍ଥର ଆଦ୍ୟନ୍ତ ମଙ୍ଗଳାଚରଣ ସ୍ୱରୂପ ପ୍ରଥମେ ହର ପାର୍ବତୀଙ୍କ ପ୍ରଦର୍ଶନୀ ହୋଇଥିଲା ଏଦୃଶ୍ୟଟି ଅତି ମନୋହର ବିଶେଷତଃ ପାର୍ବତୀଙ୍କ ଶୋଭା ଅତି ରମଣୀୟ ହୋଇଥିଲା । ଜଣାଣ ସଙ୍ଗୀତ ମଧ୍ୟ ଉତ୍ତମ ହୋଇଥିଲା । ୧ମ ୨ୟ ଓ ୩ୟ ଅଙ୍କର ଅଭିନୟ ପ୍ରୀତିକର ହୋଇଥିଲା ମାତ୍ର ଶେଷଅଙ୍କର ଅଭିନୟ ତେତେ ପ୍ରୀତିକର ହୋଇ ନ ଥିଲା ଅଧିକାଂଶ ଦର୍ଶକ ଶେଷପର୍ଯ୍ୟନ୍ତ ଉପସ୍ଥିତ ଥାଇ ଆନନ୍ଦଧ୍ୱନି କରୁଥିବାରୁ ଅଭିନୟ ଏକପ୍ରକାର ଉତ୍ତମ ହୋଇ ଥିବାର ବୋଲାଯାଇ ପାରେ । ଆଉ ଥରେ ଏଥିର ଅଭିନୟ ଦେଖିବାକୁ ଅନେକ ଲୋକ ଇଚ୍ଛା ପ୍ରକାଶ କରିବାରୁ ପୂର୍ଣ୍ଣିମା ପୂର୍ବ ରାତ୍ରରେ ଲାଲ ଚନ୍ଦ୍ରମଣି ରାୟଙ୍କ ଗୃହଠାରେ ଏଥିର ଅଭିନୟ ହେଲା । ଏଥର ସମସ୍ତ ଅଭିନୟକାରୀଙ୍କ ବଚନିକା ଓ ଭଙ୍ଗିମାର ସୌଦନ ପୂର୍ବାପେକ୍ଷା ଅଧିକ ଉତ୍ତମ ହୋଇଥିଲା । ଏ ନାଟକର ପ୍ରଧାନ ନାୟକ ବାବାଜୀ ଅଟନ୍ତି ଉଦ୍ୟମକାରୀ ଏ ପାର୍ଟ ଆପେ ନେଇ କୃତକାର୍ଯ୍ୟ ହୋଇଥିଲେ । ତାଙ୍କ ଛଡ଼ା ଯୁବକ ବାବୁ ଓ ଅଶାକରଦାର ପ୍ରଭୃତିଙ୍କ ଅଭିନୟ ମଧ୍ୟ ଉତ୍ତମ ହୋଇଥିଲା । ଯୋଉଏ ପ୍ରଧାନ ଦୋଷ ଲକ୍ଷିତ ହୋଇଥିଲା ଅର୍ଥାତ୍ ଦୃଶ୍ୟ ବଦଳାଇବାରେ ବିଳମ୍ବ ଓ ସଙ୍ଗୀତ ଅପ୍ରୀତିକର । ବାବାଜୀ ନାଟକରେ ଗୀତ ଅଳ୍ପ ଥିବାରୁ ଗ୍ରନ୍ଥକାର ଅଭିନୟକାଳେ ଆଉ କେତେକ ଗୀତ ରଚନା କରି ଓ ତାଙ୍କ ସଙ୍ଗୀତନାଟକରୁ ନେଇ ଯୋଗ କରିଥିଲେ ମାତ୍ର ଗାୟକ ପ୍ରୀତିକର ହେଲା ନାହିଁ । ସ୍ଥାନ ଓ ସମୟ ଓ ପାତ୍ର ଦୃଷ୍ଟିରେ ମୋଟରେ ଅଭିନୟ ଉତ୍ତମ ହୋଇ ଥିବାର ସନ୍ଦେହ ନାହିଁ । ହେଠାର ଛୋଟ ବଡ଼ ଉତ୍କଳ ଯୁବାଙ୍କର ମତ ଏହି—ବଙ୍ଗଳା ଅଭିନୟ ବୁଝି ପାରି ନ ଥିଲୁଁ । 'ଏହା ଉତ୍ତମ ରୂପେ ବୁଝି ପାରିଲୁ' ଏଥିରେ ଇଂରାଜୀ ସହିତ ଅନେକ ସୂକ୍ଷ୍ମ ଓ ଜ୍ଞାନ କଥା ଥିବାରୁ ଏହା ଧୂମଧାମେଥି ଓ ରଣ ପୁଅଙ୍ଗ ଅପେକ୍ଷା ସହସ୍ର ଗୁଣେ ଭଲ ଅଟେ । ଦ୍ୱିତୀୟ ଅଭିନୟ ଦିନ କୌଣସି ଯାତ୍ରାର ସମ୍ପର୍କ ନ ଥିବା ପ୍ରତ୍ୟକ୍ଷେ ଦର୍ଶକ ଦଳର ଭିଡ଼ ହୋଇଥିଲା ଏଥିରୁ ବୋଧ ହୁଏ ଯେ ମୋଫସଲରେ ମଧ୍ୟ ରୁଚି ପ୍ରବର୍ତ୍ତିତ ହୋଇଅଛି ଓ ଏହା ଶୁଭ ଲକ୍ଷଣ ଅଟେ ।

ବାବାଜୀ ନାଟକରେ ନାଟକର ଲକ୍ଷଣ ଅଭାବ ଓ ଅଭିନୟର ଅଯୋଗ୍ୟ ବୋଲି ତାହା ପ୍ରକାଶ ସମୟେ ଅନେକ ସମାଲୋଚକ କହିଥିଲେ ବାସ୍ତବରେ ତହିଁର ନାମ ଉପସ୍ଥାପିତ ନ ଦେଇଥିଲେ ଭଲ ହୋଇଥାନ୍ତା । ସେଥିର ଉପସ୍ଥାର ମୋଫସଲରେ ବିଶେଷ ଓ ଏଥିର ଅଭିନୟ ମୋଫସଲରେ ହେବା ଅଧିକ ଶ୍ରେୟସ୍କର ଅଟେ । ବର୍ତ୍ତମାନ ତହିଁର ଅଭିନୟ ମୋଫସଲରେ ପ୍ରୀତିକର ହୋଇ ଥିବାରୁ ଅଭିନୟ ଅଯୋଗ୍ୟ ଦୋଷଟି କଟିଯିବାର ବୁଝାଯାଇ ପାରେ ।—ଆମ୍ଭେ ଶୁଣିଲୁ ଯେ ଏଥି ପୂର୍ବେ କୋଣ୍ଡଭୁଦରେ ଏ ନାଟକର ଅଭିନୟ ଥରେ ହୋଇଥିଲା ।

ମାହାଙ୍ଗାରେ ଅଷ୍ଟମୀ ସନ୍ଧ୍ୟା ଉତ୍ତାରେ ବର୍ଷା ହୋଇଥିବାରୁ ସେ ରାତ୍ରିର ମଙ୍ଗଳସ ଜମକ ହୋଇ ନ ଥିଲା ନବମୀ ଦିନବେଳେ ସେଠାରେ ବର୍ଷା ହୋଇଥିଲା । ଦଶହରାଦିନ ଖରାପାଗ ହୋଇଥିବାରୁ ଦଶହରାର ବଡ଼ ଜମକ ଓ ଭିଡ଼ ହୋଇଥିଲା ।

---

### ପ୍ରାପ୍ତ ।

### ମିଥୁନ । ( Twise )

ଗତ ଦୁ ବନ୍ଦୋବସ୍ତର ବ୍ୟାପାରରେ ବା ଉତ୍କଳଦେଶର ଗ୍ରାମ୍ୟ ଅର୍ଥ ନୀତି ବିପ୍ଳବରେ ରାଜକର୍ମଚାରୀମାନେ ଯେତେଦୂର ସାଧ୍ୟ ପରିଶ୍ରମ କରୁଅଛନ୍ତି । ବନ୍ଦୋବସ୍ତ ତନ୍ତ ସ୍ୱସ୍ଥରୂପେ ଚଳୁଅଛି । ଜମିଦାରମାନେ ସନ୍ତୁଷ୍ଟ, ଅମୀନମାନେ ଖର୍ଚ୍ଚାନ୍ତ, ହାକିମମାନେ ଜବରଦାଦ, ପ୍ରଜାମାନେ ପାର୍ଗ ଓ ସ୍ୱତ୍ୱବାନ୍ ହୋଇ ପାଇବା ଆଶାରେ ବିମୋହିତ ହୋଇ ବ୍ୟସ୍ତ ଅଛନ୍ତି । ପୂର୍ବ ବନ୍ଦୋବସ୍ତରେ ତାଲୁକ ବା ଜମିଦାରୀ ବା ମହାଲମାନ ଏକ ଏକ ଲାଟ ହୋଇ ସ୍ୱତନ୍ତ୍ର ବା ଅନ୍ୟ କାରଣ ସକାଶ ବିକ୍ରୟ ହେଲା । ବର୍ତ୍ତମାନ ପ୍ରଜାମାନଙ୍କୁ ସ୍ୱତ୍ୱବାନ୍ କରିବା ଦ୍ୱାରା ଉତ୍କଳଦେଶର ମହାଲ ଅନ୍ତର୍ଗତ ଥାନି, ପାହି, ଚନ୍ଦନା, ସମସ୍ତ କ୍ଷେତ୍ରଖଣ୍ଡ ଭୂମି ବିକ୍ରୟ ଯୋଗ୍ୟ ହେବାରୁ ଯେପ୍ରକାର ପ୍ରଜାମାନେ ଆନନ୍ଦିତ ଅଛନ୍ତି ତହିଁର ଠିକ ବିପରୀତ ଅବସ୍ଥା ମହାଲ ବା ମାଲିକାନ ଜମିନ ପ୍ରତି ଘଟିଅଛି । ଖଣ୍ଡଭୂମିର ମୂଲ୍ୟ ପକ୍ଷାନ୍ତରେ ବୃଦ୍ଧି ହେଲେ ଜମିଦାରୀ ଅର୍ଥାତ୍ ଯୌଥ ଖାଲସା ଭୂମିର ମୂଲ୍ୟ କମ ହୋଇଅଛି । ଏ ବନ୍ଦୋବସ୍ତ ସମ୍ପନ୍ନ ହେବା ପୂର୍ବରୁ ଏ ବିପ୍ଳବ ହେବାର କାରଣ କି ? ଗତ ବନ୍ଦୋବସ୍ତ ଶେଷ ହେବା ପୂର୍ବରୁ ବୋଧ ହୁଏ ପ୍ରାୟ ଜମିଦାରମାନେ ଦେଖ ଦେବେ । ଉତ୍କଳଦେଶର ଅର୍ଥ ନୀତିର ଇତିହାସ ଆଲୋଚନା କଲେ ଗତ ବା ୮୦ ବର୍ଷ ମଧ୍ୟରେ ଯେତେ ବନ୍ଦୋବସ୍ତ ହୋଇ-

Digitized by srujanika@gmail.com

ଅଛୁ ତାହା ଶେଷ ହେବା ପୂର୍ବରୁ ଦେଶରେ ଦୈବ ବା ଲୌକିକ କୌଣସି ନା କୌଣସି ବିପଦ ବା ବିପର୍ଯ୍ୟୟ ଘଟୁଅଛି ଓ ଘଟିଥାଇ । ଯେପରି ବନ୍ଦୋବସ୍ତ ସ୍ଥଳେ ବେବନ୍ଦୋବସ୍ତ ହୋଇଅଛି ବା ହେଉଅଛି । ବନ୍ଦୋବସ୍ତ ଏକପ୍ରକାର ସମ୍ପୂର୍ଣ୍ଣ କାଳ ଅତିବାହିତ କରି ଶେଷକୁ ଦୁର୍ଭିକ୍ଷ ରୂପରେ ପରିଣତ ହୋଇ ବା-ଅନ୍ନେ ବିନ ପ୍ରଜାଏ ନିହତ ହୋଇ ଗଲେ ବା ଜମିଦାରମାନଙ୍କର ଭୂମିରୁ ଅନ୍ତର୍ହିତ ହେଲେ ।

ଗବର୍ଣ୍ଣମେଣ୍ଟ ସଶଙ୍କିତ ହୋଇ ପୂର୍ବ ବନ୍ଦୋବସ୍ତକୁ ସମ୍ପୂର୍ଣ୍ଣ ବୃଦ୍ଧି କରିଦେଲେ । ନୂଆ ବନ୍ଦୋବସ୍ତ ଯେପରି ଗମ୍ଭୀର ଭାବରେ ବର୍ତ୍ତମାନ ଚଳୁଅଛି ଉପକ୍ରମ ହେଲେ ଅନ୍ତ୍ୟେ ସେପରି ନ ଥାଏ ଏହି ଆଶଙ୍କା ମନରେ ହେଉଅଛି । ଯେହେତୁ ଅନେକ ସ୍ଥଳରେ ଆମ୍ଭେମାନେ ଦେବତା ଗଠନ କରୁଁ ବାନର ଗଠନ କରିଥାନ୍ତି, ଯେପରି ହିତ କରୁଁ ବିପରୀତ ହୋଇଥାଏ, ସେହିପରି ମାନବୀୟ ସମସ୍ତ ହିତକର କାର୍ଯ୍ୟରେ ଗୋଟାଏ ନା ଗୋଟାଏ ଛିଦ୍ର ଅର୍ଥାତ୍ ଦୁର୍ଭାଗ୍ୟର ଯୋଗ ହୁଏ ଆଏ ସେହି ଛିଦ୍ର କ୍ରମେ ସୂକ୍ଷ୍ମଠାରୁ ଗୁରୁତମ ହୋଇ ଏକାବେଳକେ ତର୍ଜନ ଗର୍ଜନ କରେ । ସ୍ୱଜନକର୍ମଚାରୀମାନେ ଏଥିରେ ତାହାକୁ ବୋଧବାଧ ଦେଇ ବା ଯତ ତର୍ଜନ ଗର୍ଜନରେ ଦମନ କରିଥାନ୍ତି ମାତ୍ର ସେ ଉତ୍ତେଜନା ନିସ୍ତବ୍ଧ ଥିଲେହେଁ ପୁନର୍ବାର ଅନନ୍ତ ମୂର୍ତ୍ତି ହୋଇ ଉଦୟ ହୁଏ, ତେଣୁ ତେଲେ ଭ୍ରମ ସଂଶୋଧନ କରିବାକୁ ଚେଷ୍ଟା ହୁଏ । ଏକ ଭ୍ରମ ସଂଶୋଧନ କରୁ କରୁ ସହସ୍ର ଭ୍ରମ ଉଦୟ ହୁଏ । କୂପରୁ ତଡ଼ାଗ ହୁଏ, ତଡ଼ାଗରୁ ଝିଲ ହୁଏ, ଝିଲରୁ ସ୍ରୋତସ୍ୱତୀ କ୍ରମଶଃ ବେଗବତୀ ହୁଏ । ମୋଗଲ ରାଜାଙ୍କ ସମୟକୁ ଉତ୍କଳ ଭୂମିରେ ତୋଡ଼ରମଲ୍ଲି ଦସ୍ତୁରଙ୍କାରୁ ଟେକ୍ ଖୁମାସ ପ୍ରଭୃତି ଅନେକପ୍ରକାର ନୂତନ ବନ୍ଦୋବସ୍ତ ହେଲାଣି । ସେକାଳର ତୋଡ଼ରମଲ୍ଲି ଏକପ୍ରକାର ଥିଲା, ବର୍ତ୍ତମାନ ବନ୍ଦୋବସ୍ତ ପ୍ରଣାଳୀ ଅନ୍ୟ ପ୍ରକାର, ମାତ୍ର ତୋଡ଼ର ଙ୍କ ବନ୍ଦୋବସ୍ତର ଏପରି ଅପୂର୍ବ ହେଉଥିବା ଇତିହାସ ଉଲ୍ଲେଖ କରି ନାହିଁ ମାତ୍ର ସନ ୧୮୦୩ ସାଲରୁ ଅଦ୍ୟାବଧି କେତେ ମନ୍ୱନ୍ତର ଓ କେତେ ଦୁର୍ଭିକ୍ଷ ଓ କେତେ ଧୋଇ ଓ କେତେ ବନ୍ଦୋବସ୍ତ ହେଲାଣି ପାଠକେ ତାହା ସଙ୍ଖ୍ୟା କରନ୍ତୁ । ଷ୍ଟେନ୍‌ସାହେବଙ୍କ ଇତିହାସ ଏହାର ଉତ୍ତମ ସାକ୍ଷ୍ୟ ଦେଉଅଛି । ଯେଉଁଠାରେ ପ୍ରଜା ପ୍ରଜାର ବନ୍ଧୁ ନାହିଁ, ଯେଉଁଠାରେ ରାଜା ସ୍ୱଜନକର୍ମଚାରୀ ବାନ୍ଧବ, ଯେଉଁଠାରେ ରାଜକର୍ମଚାରୀ ପଥିକ ପକ୍ଷୀ, ଯେଉଁଠାରେ ଅର୍ଥଲାଭ "କେବଳଂ ପୁରୁଷଃ" ଯେଉଁଠାରେ ଭୂମି ଏକମାତ୍ର କାମଧେନୁ, ଯେଉଁଠାରେ ମମତା ନାହିଁ, ସେହିଠାରେ ଏହା ବନ୍ଦୋବସ୍ତରେ ବେବନ୍ଦୋବସ୍ତ ଘଟିଥାଏ । ତୋଡ଼ରମଲ ସମୟରେ ଏପରି ଘଟଣା ମାନଙ୍କର କୌଣସି ଜାଣ ନ ଥିଲା । ରାଜା ପଠାଣ ହେଉ ବା ଅଫଗାନ୍ ହେଉ, ବା ମୋଗଲ ହେଉ, ବା ମହରଟ୍ଟା ହେଉ, ସେ ନଜରେ ଦେଶରେ ଥିଲେ ଏବଂ ଦୁଃଖସୁଖ ଓ ଦେଖୁଥିଲେ ଯେ ପ୍ରଜାଏ କେମନ୍ତେ ଭଲରେ ଅଛନ୍ତି କି ମନ୍ଦରେ ଅଛନ୍ତି ଏବଂ ତାହାର ଯେ କର୍ମଚାରୀ ସେ ବର୍ତ୍ତମାନପରି ଅସ୍ଥିରଚିତ୍ତ ନ ଥିଲେ । ବର୍ତ୍ତମାନ ଶାସନ ପ୍ରଣାଳୀରେ ସେହିପରି ଅନେକାନେକ ଗୁଣ ଥିଲେହେଁ କର ସମ୍ବନ୍ଧୀୟ ଅର୍ଥ ଲାଭ ଓ ତାହାର ବ୍ୟୟ ସମ୍ବନ୍ଧରେ ଏତେ ଦୋଷ ଜନ୍ମିଅଛି ଯେ ତାହାକୁ ପରିଷ୍କାର କରିବାକୁ ହେଲେ ସମ୍ପୂର୍ଣ୍ଣ ବଳ ଓ ମନର ପ୍ରୟୋଜନ । ହରକିଉଲିସ ଭଳି ଏପରି କଷ୍ଟକର, ଗୂଢ଼, କୂଟ, ଓ ପରସ୍ପର ହିତକାରୀ ସଂଯୋଗ ରୂପ ଅଗିୟନ୍‌ଷ୍ଟେବଲ (Augean Stables) ପରିଷ୍କାର କରିବାର କାହାର ସାଧ୍ୟ ? । କ୍ରମଶଃ ଭାରତର ଦରିଦ୍ରତା ବୃଦ୍ଧି ହେବାର ଦେଖା ଓ ଶୁଣାଯାଏ । କୃଷିଜୀବୀ ଭାରତ ଦେବମାତୃକା ବା ନଦୀମାତୃକା ଥିବାରୁ ପୂର୍ବକାଳର ସ୍ୱାମୀଗଣମାନେ କୃଷିର ଅଂଶ କରସ୍ୱରୂପ ଧାର୍ଯ୍ୟ କରିଥିଲେ । କୃଷି ଅନିଶ୍ଚିତ ଥିବାରୁ ଯଥାର୍ଥ କର ଆଦାୟ ଉଦ୍ଦେଶ୍ୟ ଅଭିଳାଷରେ ଏରୂପ ବନ୍ଦୋବସ୍ତ ହୋଇଥିଲା । ଆଧୁନିକ ବନ୍ଦୋବସ୍ତ ମାନଙ୍କରେ ଏଦେଶରେ କେବଳ ଦର ଫସଲ ଉତ୍ତମରୂପେ ଉଚ୍ଚତା ଉଚ୍ଚରୁ ଦିଆ, ଉତ୍ତରରୁ ଜମାର ଠିକାରେ ଭୂମିର କର ବନ୍ଦୋବସ୍ତ ରେ ପରିଣତ ହୋଇ ଥିଲା । ମାତ୍ର ଅନିଶ୍ଚିତ କୃଷି ଉପରେ ନିଷ୍ଟ କର ଧାର୍ଯ୍ୟ କରିବାର କୌଣସିରୂପେ ଯୁକ୍ତି ଯୁକ୍ତ ନ ଥିବା ବିବେଚନାରେ ସ୍ୱଭାବ ବନ୍ଦୀ ହେଲା । ମତି ଗତି କି ପରିମାଣରେ ବିରୂପରେ ସମ୍ପ୍ରତି ସମୟରେ ପ୍ରଜା ଓ ଜମିଦାରମାନଙ୍କ ବଶ ହୋଇ ଅଛି, ତାହାର ଉଲ୍ଲେଖ ଏଠାରେ ପ୍ରୟୋଜନ ନାହିଁ ସେ କେବଳ ତାଦୃଶ ସର୍ତ୍ତି ମାତ୍ର । କି ପରିମାଣ କାର୍ଯ୍ୟରେ ପରିଣତ ହୋଇ ଅଛି ତାହା ଆଲୋଚନା କଲେ ଅନ୍ତତଃ ତ ୨୫ ବର୍ଷ ମଧ୍ୟରେ ବିଶେଷ ଗଡ଼ି ଯାଇବାର ଦେଖା ନାହିଁ । ଅନେକ ସ୍ଥଳରେ ପ୍ରଜାମାନେ ଓଜନ ମାପର ବଳରେ ସେମାନଙ୍କ ସ୍ୱତ୍ୱ ଦଖଲ ନ ଯାଇ ଜମିଦାରମାନଙ୍କଠାରୁ ସ୍ୱତ୍ୱ ନେବା ବନ୍ଦ ଯାଇ ଏଥି ଯାଇ ଥାଏ ଅଥଚ ଜମିଦାରମାନେ ଆପତ୍ତି କଲେ ସେମାନଙ୍କର ଲୋକସାନ ସ୍ୱତ୍ୱ ଦରଖାସ୍ତକୁ ଅବଗ୍ଗମ ସେଟଲ୍‌ମେଣ୍ଟରେ ନିକ୍ଷେପ କରାହୁଏ । ସମୟମଧ୍ୟ ରେ ଗବର୍ଣ୍ଣମେଣ୍ଟଙ୍କ ସ୍ୱତ୍ୱ ସମ୍ବନ୍ଧରେ କରୁ ଖଜଣାପତ୍ର ଖରଚ ପଡ଼ୁନାହିଁ ଅଥଚ ପଥପ୍ରଦେଶୀୟ ଜାବଦେବାରୀ ଓ କୋର୍ଟଫିସ ଇତ୍ୟାଦି କେତେକ ସାକ୍ଷାତ ଅସାକ୍ଷାତ ଟୁଲକର ଓ ଷ୍ଟାମ୍ପ ବୃଦ୍ଧି ହେଲାଣି ତାହାର ସଙ୍ଖ୍ୟା ନାହିଁ । ଏହିରେ ଲୋକଙ୍କପକ୍ଷେ ଭଲ ଭଲ ହୋଇ ଥିବାର ଜଣାଯିବ । ଏଥିକୁ ସଫାଇ ଭାଲ ହୋଇ ଅଛି ଏବଂ ସଫାଇ ଜାଲର ଖର୍ଚ୍ଚର ଆଇନ ଏକ ଦିଗ୍ ଉତ୍ତୀର୍ଣ୍ଣ ହୋଇଅଛି । ଇଣ୍ଡିଆ ଗବର୍ଣ୍ଣମେଣ୍ଟକୁ ବୋଧ ହୁଏ ଶୀଘ୍ର ପାଶ ହୋଇ କେବେ ଏ ଦେଶରେ ପ୍ରଚଳିତ ହେବ ତାହା କିଏ କହିପାରେ । ହା ଭଗବାନ୍ !! ଭାରତଭୂମି କାମଧେନୁ, ସମସ୍ତ ଦାୟ କଅଣ ଏହି ଭିତ୍ତିପରେ ? ଏହିପ୍ରକାର ଜାଳାରକମ ଶେଷରେ ଭୂମିର କର ଶେଷ ହେଉ ଅଛି । ନୂଆ ବନ୍ଦୋବସ୍ତ ଜମ୍ବୁଛାରୁ ଓ କର୍ଜର ଦିଆ ଓ ପିଆମବର ବ୍ୟବହାରରୁ ସ୍ୱାଭାବିକ ଆଶଙ୍କା ହେଉ ଅଛି ଯେ ଏ ବନ୍ଦୋବସ୍ତ ବେବନ୍ଦୋବସ୍ତ ନ ହୁଏ ଏ ବନ୍ଦୋବସ୍ତରେ ଯେଉଁମାନଙ୍କର ସ୍ୱତ୍ୱ ଅଛି ସେମାନେ ଏଥିର ଫଳଭୋଗୀ ହେବେ ନାହିଁ, ସେମାନଙ୍କର ସମସ୍ତ ଆର୍ଥିକ ସୁଖ ଓ ସ୍ୱଚ୍ଛନ୍ଦତା ସେମାନଙ୍କର ଜମାର ଓ ବେତନ ଓ ପେନ୍‌ସନ୍ ଉପରେ ନିର୍ଭର କରେ । ବନ୍ଦୋବସ୍ତ ପିଥିଙ୍କ ସ୍ୱରୂପ ଭଜନର ଏକଅଂଶପ୍ରୀତ, ଅନ୍ୟ ଅଂଶ ଅପ୍ରୀତ ବା ବେବନ୍ଦୋବସ୍ତ । ଯେପରି ( Patriotism ) ପେଟ୍ରିଅଟିଜମରେ— ( Ruffianism ) ରଫିଅନିଜମ୍ ସ୍ୱଦ୍ୟାପର ଅନୁଗମନ କରେ, ସେପରି ସମସ୍ତ ମାନବୀୟ କାର୍ଯ୍ୟ ଗୁଣ ଓ ଅଗୁଣରେ ଜଡ଼ିତ ଅଛି । ଇଂରେଜ ରାଜକର୍ମଚାରୀଙ୍କ ସ୍ୱତ୍ୱସବୁ ଆପଣାର ସମସ୍ତ ବଶ୍ୟ କ ଜାଗିରର ତହାଲ୍ ଭୂମାତ୍ର ଅଛି ମୁଦ୍ରିତ ବନ୍ଦୋବସ୍ତ ଅମଳ ଅଧିକାପତ୍ର ହୁଇଲ ଯୌଥ ଭୂମିର ମୂଲ୍ୟ ଯେପରି ମାଣରେ ଦୃଷ୍ଟ ହେଉ ଅଛି ସେହି ପରିମାଣରେ ଉତ୍କଳ ଭାଗ୍ୟ ପାଇଁ କି ଯାହା ଜାତୀୟବୃଦ୍ଧିର କାଳକ୍ରମେ ମୂଲ୍ୟଉପରେ ନିର୍ଭର କରେ ତାହା

Digitized by srujanika@gmail.com

Split by PDF Splitter



ଅନ୍ତର୍ହିତ ହେବାପାଇଁ ବୋଲିଅଛି । ଏହି ଏକ କାରଣହିଁ ଜଳ ଭୂମ୍ୟଧିକାରୀ ଓ ସେମାନଙ୍କର ସଲଗ୍ନ ଜ ସୌଭାଗ୍ୟ ଓ ଉପକରଣମାନଙ୍କ ଉନ୍ନତି ପଥରେ ବାଧା ଦେଉଅଛି । ପ୍ରଜା ଓ ଜମିଦାରମାନଙ୍କର ସମ୍ବନ୍ଧ ତଥା ଦୂରରେ ଥାଉ ଉତ୍ତମର୍ଣ୍ଣ ଓ ଅଧମର୍ଣ୍ଣ ସମ୍ବନ୍ଧକୁ ବିପରୀତ ମାର୍ଗରେ ଦଣ୍ଡାୟମାନ କରାଇଅଛି । ପ୍ରଜା-ଅର୍ଥଅଳରେ ବସ୍ତାର୍ପଣ କଲେଇ ପ୍ରଜା ଛଟପଟ ହୁଅନ୍ତି । ଏ ଦୃଢ଼ ବନ୍ଦୋବସ୍ତରେ ଜାଲାଦପ୍ରକାର ସର୍ବାସ୍ୱରେ ବସ୍ତାର୍ପଣ ହେବ । କା ଜଗଦୀଶ୍ୱର !! ଏ ନାସ୍ତବ୍ୟ ବନ୍ଦୋବସ୍ତ କେଉଁ କେବେ ବାଗାଇ ଆକାର ଧାରଣ କରିବ ତାହା କଏ କହିପାରେ । ଜମାବନ୍ଦିଫର୍ଦ୍ଦ ପ୍ରକାଶ ହେବା ପରଠାରୁ ଆପତ୍ତିର ମିଆଦ ବଦେବଟା କଲେ ସମସ୍ତେ କଦାପି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରତୀକାର ଦୂରେ ଥାଉ ପ୍ରତିବାଦ କରିବାର ମଧ୍ୟ ଅବସର ପାଇବେ ନାହିଁ । ବନ୍ଦୋବସ୍ତ ଯମଙ୍କ ସ୍ୱରୂପ, ସେହିକଲେ ଅମ୍ଭମାନଙ୍କୁ ଏଥର ଭଲ, ମନ୍ଦ ଜଣ୍ଡ ଅଂଶ ଦେଖ ବୁଝିବାକୁ ହେବ ସେତେବେଳେ ଲହିଁର ପ୍ରତୀକାର ଅମ୍ଭମାନଙ୍କ ସ୍ୱନରେ ଉର୍ଦ୍ଧର କଳ୍ପିଅଛି । ଆଉ କେତେକାଳ ଉତ୍କଳବାସିମାନେ ଆଲସ୍ୟର ସୁଷୁପ୍ତିରେ ନିଦ୍ରିତ ରହିବେ । ବନ୍ଦୋବସ୍ତରୂପି ଯମଙ୍କ ସନ୍ତାନମାନଙ୍କର ଫଳାଫଳମାନ ଉତ୍ତରୋତ୍ତର ଗଭର୍ଣ୍ଣମେଣ୍ଟଙ୍କ ସମ୍ମୁଖେ ଅଗତ କର ଓ କସ୍ତ । ପଛେ ପଟ୍ଟେଦାରି ରହିଲେ ଲବ ଗୁଣେବ । ଯମଙ୍କମାନେ ସଂରେହିଁ ରହିଛନ୍ତି, ତାହା ହେବାପୂର୍ବ ସାବଧାନ ହେବାର ଆବଶ୍ୟକ । ଅପ୍ରସ୍ତୁତ ଥିବାର ନିତାନ୍ତ ଗର୍ହିତ କାର୍ଯ୍ୟ ଅଟେ । ବନ୍ଦୋବସ୍ତ ଯେପରି ଆକାର ଧାରଣ ତାହାର ଭଙ୍ଗୀ ମଧ୍ୟ ସେହିପ୍ରକାର । ଥୋକେ ଲୋକ ନାସ୍ତବ୍ୟ ଅଛନ୍ତି । ଯେଉଁମାନେ ବୁଝିଶୁଝି ଥାଆନ୍ତି ସେମାନଙ୍କ "କିଂକର୍ତ୍ତବ୍ୟ ବିମୂଢ଼" ହୋଇ ଅଛନ୍ତି । ସେଟଲମେଣ୍ଟ ଅଫିସରମାନେ ସ୍ୱେଚ୍ଛାନୁସାରେ କାର୍ଯ୍ୟ କରୁଅଛନ୍ତି । ଏଥିରେ ଯମଙ୍କ ପ୍ରକାଶ ଦିନମାନଙ୍କର ଜିଦଳଷ୍ୟାଣ୍ଡ ସଙ୍କାଶ ଦରେଶ ଓ ସାମିଶାଷ ଦୁହିଙ୍କ ଉପାସ୍ୟ ସ୍ୱରୂପ ଉଦେଶ କଲେ ତସ୍ତର ସୃଷ୍ଟିର ଲୋପ ହେବାର ସମ୍ଭାବନା ଅତଏବ ଏ ପ୍ରାଣ ଶୁଣାଣିର ମୂର୍ତ୍ତିରୂପି ବନ୍ଦୋବସ୍ତକୁ ଉତ୍କଳଦେଶର ସମସ୍ତ ଲୋକ ଆପଣା ଆପଣା ସ୍ୱତ୍ୱରକ୍ଷା କରିବାରେ ଯତ୍ନବାନ୍ ହେଉନ୍ତୁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ବାଲେଶ୍ୱରର ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ବ୍ରେକେନ୍‌ବୁରି ଆଗାମୀ ନଭେମ୍ବର ମାସ ତା ୧୦ ରିଖଠାରୁ ମା ୧୮ ଦିନର ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

ଜୁଣ୍ଟର ଅଫିସିଏଟିଂ ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ମିଃ ଟି, ଏ, ବେଲ ବାଲେଶ୍ୱରର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ଅସ୍ଥାୟୀ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

---

ଅକାଶ ପରିଷ୍କାର ଏବଂ ବତାସ ଅତ୍ୟନ୍ତ ମୃଦୁ ଥିବାରୁ ଏଥର ଗୋପାବନ୍ଧ ଅମାବାସ୍ୟାର ଦେଓଲାଳି ଏବଂ କେ ଭଲ ହୋଇଥିଲା ଏବଂ ଗଳିର ସ୍ୱଲ୍ପତା ହେତୁ ସେଥିକି ଅଧିକ ଆମୋଦ କରିବାର ଜଣା ଯାଉଥିଲା । ରାଜା ବୈଦ୍ୟନାଥ ପଣ୍ଡିତଙ୍କ ରାଜବାଟୀର ରୋଶନାଇ ସର୍ବାପେକ୍ଷା ମନୋହର ହୋଇଥିଲା ।

ଡେବାଗ ଅଦାଲତର ଦଣ୍ଡବିଧ କଟେଲକୁଦ ଶେଷ ହେଲା । ଅଷ୍ଟ୍ରୋ ଶୋମବାର କଟେଯାଇବ ଫିଃକ ।

ଖାଲେପୁର ଥାନା ଅନ୍ତର୍ଗତ ଭଏରପୁର ନାମକ ଗ୍ରାମରେ ଜଣେ ବ୍ରାହ୍ମଣର ହଏଜାରୋଗରେ ମୃତ୍ୟୁ ହେବାରୁ ତାହାର ୧୭ ବର୍ଷ ବୟସ୍କା ସ୍ତ୍ରୀ ଆତ୍ମହତ୍ୟା କରିଅଛି ।

ଆଫ୍ରିକା ରାଜ୍ୟରେ ଇଟାଲୀୟମାନଙ୍କ ବଳ୍ପରେ ଅବସିନିୟା ର ରାଜା ମେନେଲିକ ଯୁଦ୍ଧ ସଜ୍ଜ କରି ବାହାରି ଅଛନ୍ତି ଇଟାଲି ପକ୍ଷରୁ ୫୦୦୦ ଜଣ ସିପାହି ଯୁଦ୍ଧ କରିବାକୁ ଉଦ୍ଧତ ଅଛନ୍ତି ।

ଋଷିଆ ଅରୁ ଜାପାନ ମଧ୍ୟରେ ଜାହାଜ ଗତାୟାତ କରିବାର ବନ୍ଦୋବସ୍ତ ହୋଇଅଛି ।—ଜାପାନ ଅନ୍ତରଦେଶ ମଧ୍ୟରେ କେତେ ଉନ୍ନତ ହୋଇଗଲା ।

ରୁଷସ୍ ସରକାରଙ୍କ ଅଧିକାରୀମାନଙ୍କୁ ସେଠା ଲୋକମାନେ ଲାଗି ଥିବାରୁ ଗ୍ରୀସଙ୍କ ଷଡ଼ଯନ୍ତ୍ରମାନଙ୍କୁ ଶାନ୍ତ ହୋଇ ରହିବାକୁ କାରଣ ଅବେଶ କରିଅଛନ୍ତି । ଗ୍ରୀସର ଲୋକମାନଙ୍କୁ ଛିଁଡାଇ ଅପୋଣା ଇଚ୍ଛା ନାହିଁ ।

ମାଣ୍ଡଲେ ସରକାର ଗେଲବାଟ ନିର୍ମାଣ କରିବା କାରଣ ଭାରତୀୟ ଛାତ୍ରମାନଙ୍କୁ ସେ ସ୍ଥଳକୁ ପଠାଇ ଥିବାର ସମ୍ବାଦ ମିଳଇ ।

ଦଳପତି ପ୍ରକାଶିତ ହୋଇ ଲଡ଼କିଚ୍‌ନାର ଫଶୋଡାଠାରୁ କାହାରାଠାରେ ପହୁଞ୍ଚିଲେ ସେଠାରେ ତାଙ୍କୁ ଅଭ୍ୟର୍ଥନା କରିବାର ବଡ଼ ଧୂମଧାମ ପଡ଼ିଅଛି ।

କାବୁଲ ଅମୀରଙ୍କର ଦ୍ୱିତୀୟ ପୁତ୍ର ନସରୁଲ୍ଲାଙ୍କ ମାନବଲୀଳା ସମ୍ବରଣ କରିଅଛନ୍ତି । ତାଙ୍କର ବୟସ ୨୦ ବର୍ଷ ମାତ୍ର ଥିଲା ।

ଅଲ୍ଲାହାବାଦଠାରେ ଜଣେ ପୁଲିସ କନେଷ୍ଟବଳ ଆପଣା ଇଞ୍ଚାର୍ଜ ହୀର ଚନ୍ଦ୍ରପ୍ରତ ସନ୍ଦେହ କରି ତାହାକୁ ଏବଂ ଅନ୍ୟ ଜଣେ ସିପାହିଙ୍କୁ ସାଂଘାତିକ ଆଘାତ କରି ପଳାଇଅଛି । ସେମାନଙ୍କର ବଞ୍ଚିବାର ଆଶା ନାହିଁ ।—ଦଳଟକଳର ଜଗ ଗର ।

ଗତ ବର୍ଷର ଜନ ମହୀଶୂର ରାଜ୍ୟର ବାର୍ଷିକ ଦରବାର ହୋଇଥିଲା । ଦେୱାନ ଇତ୍ୟାଦି ଦରବାରରେ ଯେଉଁ ବିବରଣୀ ପାଠ କଲେ ତହିଁରୁ ମହୀଶୂର ରାଜ୍ୟର ଗତ ବର୍ଷର ଆୟ ଏକକୋଟି ଅଶୀ ଲକ୍ଷ ଟଙ୍କା ଥିବାର ପ୍ରକାଶ ହେଉ ଯେ ତହିଁ ମଧ୍ୟରୁ ରେଲବାଟରୁ ୫ ଲକ୍ଷ ଟଙ୍କା ଆମଦାନୀ ହୋଇ ଥିଲା । ସମ୍ପ୍ରତି ସର୍ବ କାଦ ବର୍ଷ ଶେଷରେ ତହବିଲରେ ଏକକୋଟି ସତାଇଶ ଲକ୍ଷ ଟଙ୍କା ବଳିଲ ଥିଲା ।

ବମ୍ବେୟାର୍ ମାଜ୍ଙ୍ଗା ଜହରୁଲ୍ ଦରର ମେଣ୍ଟେଷ୍ଟରର ସେ ୨ ଟ ବୃହତ୍ ଭୂଗାଳରେ କାର୍ଯ୍ୟ ବନ୍ଦ ହୋଇଅଛି ।

ଏବଂ ଅନ୍ତର ବେଲେଗୋଟ କାରଖାନାର କାର୍ଯ୍ୟ ଅଚିରେ ବନ୍ଦ ହେବାର ଅନୁମାନ ହୁଅଇ ।

ସୁଯୁତ ପାଣାଙ୍କ ପରବର୍ତ୍ତୀ ଭୂପାନଲ ପାଣ୍ଡା ଭୂପତିଙ୍କ ପ୍ରଧାନ ମନ୍ତ୍ରୀ ପଦରେ ନିଯୁକ୍ତ ହୋଇ ଥିବାର ସମ୍ବାଦ ମିଳଇ ।

ଚୀନ ଦେଶରେ ଖ୍ରୀଷ୍ଟୀୟାନ ଧର୍ମପ୍ରଚାରକମାନଙ୍କ ଚୀନା ମାନେ ହତ୍ୟା କରିଥିବାରୁ ସେମାନଙ୍କ ସ୍ଥାନରେ ଏକଦଳ ଧର୍ମପ୍ରଚାରକ ନିଯୁକ୍ତ ହୋଇ ବଣଗରୁ ଚୀନ ଅଭିମୁଖେ ଯାତ୍ରା କରିଥିବାର ସମ୍ବାଦ ମିଳଇ । ଏମାନଙ୍କ ସଙ୍ଗରେ ଅନେକ ରମଣୀ ଅଛନ୍ତି ।—ଇଂରାଜମାନେ ଅଧ୍ୟବସାୟରେ କାହାଠାରୁ ଊଣା ନୁହନ୍ତି ।

ମାନ୍ଦ୍ରାଜ ହାଇକୋର୍ଟରେ କାର୍ଯ୍ୟର ବୃଦ୍ଧି ହେତୁ ଗଭର୍ଣ୍ଣମେଣ୍ଟ ଅଲ୍ପକାଳ ନିମନ୍ତେ ଜଣେ ଅଧିକା ଜଜ ନିଯୁକ୍ତ କରିବାର ମଞ୍ଜୁର କରିଅଛନ୍ତି ।

ଦଶହରା ଉପଲକ୍ଷରେ ପଞ୍ଜାବଠାରେ ରାମଲୀଳା ଅତି ସମାରୋହ ସହିତ ସମ୍ପନ୍ନ ହୁଅଇ । ଏବର୍ଷ ମିରାଟଠାରେ ସେଉଁ ରାମଲୀଳା ହୋଇଥିଲା ତାହା ଦେଖିବା ଲାଗି ୮୦୦୦୦ ଜଣ ଯାତ୍ରୀ ପଡ଼ନ୍ତଲେ ଯାତ୍ରା ଯଲକୁ ଅସି ଥିଲେ । ଏହା ଛଡ଼ା ୫୨୦୦ ଗ୍ରାମରୁ ଗାଡ଼ିରେ ଅନ୍ୟ ଲୋକେ ସେ ସ୍ଥାନକୁ ଆସି ଥିବାର ସମ୍ବାଦ ମିଳଇ । ଏତେ କଟକାରେ ଏକଲ ଗୋଲମାଲ ହୋଇ ନ ଥିବା ବଡ଼ ସୁଖର ବିଷୟ ।

ଭାରତ ସୀମାନ୍ତ ପ୍ରଦେଶରେ ଦୁଇଦଳ ପାର୍ବତୀୟ ଜାତିଙ୍କ ମଧ୍ୟରେ ଯୁଦ୍ଧ ଲାଗିଥିବାର ସମ୍ବାଦ ମିଳଇ । ବର୍ତ୍ତମାନ ସେମାନେ ଶାନ୍ତ ଅଛନ୍ତି ।

ସର୍ଦ୍ଦାର ହାଫିଜ ଖାଁ ନାମକ କାବୁଲର ଅମୀରଙ୍କର ଜଣେ ଦାସୀ ପୁତ୍ର ବମ୍ବେଗରେ ମରି ପଡ଼ିଥିବାର ସମ୍ବାଦ ମିଳଇ ।

ଜଣେ ହିନ୍ଦୁସ୍ଥାନୀ ଜାତ ଜନ୍ମ ହେବା ଉପରେ ଗୋଟିଏ ସଦ୍ୟଜାତ ଶିଶୁକୁ ତାହାର ମୁଣ୍ଡ ଉପରେ ବସି ମାଡ଼ି ଦେଇ ମାରି ପକାଇଥିବା ଅପରାଧରେ ଆଲିପୁରର ଡେପୋଟୀ ମେଜିଷ୍ଟ୍ରେଟଙ୍କ ଅଦାଲତରେ ଦଣ୍ଡବିଧାନ ଅଛି । କି କଠିନ ହୃଦୟ !

## ଦର୍ପଣ ସମ୍ବାଦ ।

ଏ ଅଞ୍ଚଳରେ ବର୍ତ୍ତମାନ ବୃଷ୍ଟିର ଅତ୍ୟନ୍ତ ଅଭାବ ହୋଇଅଛି । ଶୀଘ୍ର ବୃଷ୍ଟି ନ ହେଲେ ଶାରଦୀୟ ଫସଲ ଏକାବେଳକେ ନଷ୍ଟ ହୋଇ ଯିବାର ସମ୍ଭାବନା । ଅବଶ୍ୟକ ସମୟରେ ବର୍ଷା ନ ହେବାର ଦେଖି କୃଷକମାନେ ଏକ ପ୍ରକାର ହତାଶ ହେଉ ଅଛନ୍ତି ।

ଗତ ଶୁକ୍ରବାର ସନ୍ଧ୍ୟା ସମୟରେ ଏହି ବଲ୍ଲଭଣା ଗ୍ରାମରେ ହଠାତ ଅଗ୍ନି ଲାଗି ପ୍ରାୟ ୫୦ ବସଗ ଘର ଭସ୍ମୀଭୂତ ହୋଇଗଲା । ଯେତେବେଳେ ଉକ୍ତ ଅଗ୍ନିକାଣ୍ଡ ଘଟିଥିଲା, ସେତେବେଳେ ଏହି ବଲ୍ଲଭଣା ଅଉଟପୋଷ୍ଟର ହେଡ଼ କନେଷ୍ଟବଲ ଶ୍ରୀ ବୈଦ୍ୟନାଥ ଘୋଷ ମହାଶୟ ଶୀଘ୍ର ଦଳବଳ ସହ ଘଟଣା ସ୍ଥଳରେ ଉପସ୍ଥିତ ହୋଇ ଅଗ୍ନି ନିର୍ବାପିତ କରିବାକୁ ଯଥାସାଧ୍ୟ ଚେଷ୍ଟା କଲେହେଁ ଅଗ୍ନି ଦେବଙ୍କର କୋପ ଶାନ୍ତ କରି ପାରିଲେ ନାହିଁ । ଯାହାହେଉ ହେଡ଼ କନେଷ୍ଟବଲଙ୍କ ଉପସ୍ଥିତବୁଦ୍ଧିର ଲକ୍ଷଣ ପରିଚୟ ପାଇ ଅମ୍ଭେମାନେ ଆନନ୍ଦିତ ହୋଇ ଅଛୁଁ ।

କାଦମ୍ବିନୀ ଅଗତ ସ୍ଥାୟି ଥିବାରୁ ଅମ୍ଭମାନଙ୍କର ମାନନୀୟ ମେନେଜର ମହୋଦୟ ଶୀଘ୍ର ଗୃହକୁ ଫେରି ଆସି ହଣ୍ଡଥଳେଶ୍ୱର ମୂକାମରେ ଅବସ୍ଥାନ କରୁ ଅଛନ୍ତି ।

ଖାଜ ଗ୍ରାମର ଘଇ ଜନେ ବନ୍ଦୁ ଅଛି ।

ମହାବିନାୟକ ଦେବଙ୍କ ଘୋଳମାନ ଅବଧ ରହିଛି ହୋଇ ନାହିଁ ।

Digitized by srujanika@gmail.com

## ଯାଜପୁର-ସମ୍ବାଦ ।

ଝାଙ୍କଡ଼ ଅନ୍ତର୍ଗତ ସଦାଶିବପୁର ଗ୍ରାମ ନିବାସୀ ବାବୁ ଛୈତନ୍ୟ ଦାସ ଏଠାକାର ସବ୍‌ଡିଭିଜନ ଅଫିସର ଜଣେ ପୁରାତନ ଓ ପ୍ରବୀଣ ମୋକ୍ତାର ଥିଲେ ଗତ ଅକ୍ଟୋବର ମାସ ତା ୧୫ ରଖରେ ୬୨ ବର୍ଷ ବୟସରେ ପରଲୋକ ପ୍ରାପ୍ତ ହୋଇଅଛନ୍ତି । ସେ ଜଣେ ପରୋପକାରୀ ଲୋକ ଥିବାରୁ ତାହାଙ୍କ ମୃତ୍ୟୁରେ ଏଠାକାର ସମସ୍ତେ ଦୁଃଖିତ ଅଛନ୍ତି ।

ଗତ ସୋମବାର ରାତ୍ରରେ କେହି ଦୃଷ୍ଟଲୋକ ଏଠା ଅଦାଲତକଚେରୀର ସନ୍ନିକଟ ଏକ ଛାତ୍ରସ୍ଥଳୀର ମଧ୍ୟରେ ଏକ ସୁବର୍ଣ୍ଣର ୫ ୧୪। ୪ ଙ୍କା ମୂଲ୍ୟର ଏକ ଖାଲିରୁ ଗଳାକାଟି ମାରିପକାଇ ତାହାର ଚମଡ଼ା କାଢ଼ିନେଇଅଛି ମାତ୍ର ତାହାର ମୁଣ୍ଡ ଚମଡ଼ା ନେଇପାରି ନଥିବାରୁ ସ୍ୱତ୍ୱ‍ସ୍ୱାମୀ ତହିଁ ଅରକ୍ଷନ ଅପଣାର ଗୋରୁ ବୋଲି ଚିହ୍ନି ପୁଲିସରେ ଏତଲା ଦେବାରୁ ପୁଲିସ ଉକ୍ତ ମୋକଦମା ତଦାରଖ କରି ଅସାମୀର ତଦ୍ଧ ଠିକଣା ପାଇ ନାହାନ୍ତି ଯଦି ଝାଙ୍କଡ଼ ମାନେ ଏପରି ଗୁରୁତର କାର୍ଯ୍ୟ କରି ଅସାମୀ ଧରା ନ ଯାଏ ତାହାହେଲେ ଝାଙ୍କଡ଼ମାନଙ୍କରେ ଗୋରୁ ଛାଗ ରଖିବା ଦୁର୍ଘଟ ହେବ ।

## ପ୍ରେରିତ ପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ

ମହୋଦୟ ସମୀପେଷୁ

ମହାଶୟ !

କଟକ ପ୍ରିଣ୍ଟିଂକମ୍ପାନୀର ସମ୍ପାଦକ ବାବୁ ଶ୍ରୀ ଗୌରୀଶଙ୍କର ରାୟ ଆମ୍ଭର ଏ ସମାଜକୁ ୫ ୧୦ (ଦଶଟଙ୍କା) ଆର୍ଥିକ ସାହାଯ୍ୟ କରିଥିବାରୁ ଏ ସମାଜ ତାହାଙ୍କଠାରେ କୃତଜ୍ଞତା ପ୍ରକାଶ ପୂର୍ବକ ଅଶେଷ ଧନ୍ୟବାଦ ପ୍ରଦାନ କରୁଅଛନ୍ତି ଏବଂ ଉକ୍ତ ଦାନ ଚିରସ୍ମରଣୀୟ କରିବା ନିମନ୍ତେ ସେ ଟଙ୍କାରେ ଧର୍ମଶାସ୍ତ୍ର ଖରିଦ କରିବାର ପ୍ରସ୍ତାବ କରିଅଛନ୍ତି । ଜଗଦୀଶ୍ୱରଙ୍କ ନିକଟରେ ପ୍ରାର୍ଥନା ଯେ ତାହାଙ୍କୁ ସର୍ବଦା ନିରାପଦରେ ଦେଶହିତକର କାର୍ଯ୍ୟରେ ନିଯୁକ୍ତ ରଖନ୍ତୁ । ସର୍ବସାଧାରଣଙ୍କ ନିକଟରେ ପ୍ରାର୍ଥନା ଯେ ଗୌରୀଶଙ୍କର ବାବୁଙ୍କ ଅନୁକରଣ କରି ଆମ୍ଭ ସମାଜକୁ ଯଥାଶକ୍ତି ଅର୍ଥ ସାହାଯ୍ୟ କଲେ ତାହାମାନଙ୍କର ବିଶେଷ ପୁଣ୍ୟ ହେବ, ସାଧାରଣଙ୍କର ଉପକାର ହେବ ଅମ୍ଭେମାନେ ବାଧିତ ହେବୁଁ ।

ବଶମ୍ବଦ

ନାଉଜରଙ୍ଗି କପୁର }
୭।୧୦।୯୬ } ଶ୍ରୀ ରଘୁନାଥ ମିଶ୍ର
ସହକାରୀ ସମ୍ପାଦକ
ଆଯ୍ୟନୀତିପ୍ରଚାର ସମାଜ

---

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ଉତ୍କଳଦୀପିକାରେ ସ୍ଥାନଦାନ କରି ବାଧିତ କରିବା ହେବେ ।

ଗତ ବର୍ଷ ଏହି ପଞ୍ଚାନ୍ତରେ ଦ ଉତ୍କଳ ଠାରେ ଅତି ସମାରୋହ ସହିତ ଦୁର୍ଗାପୂଜା କାର୍ଯ୍ୟ ସମାହିତ ହୋଇଅଛି । ଏଠାରେ ଅନେକ ବର୍ଷ ପୂର୍ବରୁ ଘଟପୂଜା ବ୍ୟତୀତ ପ୍ରତିମା ପୂଜା ନ ଥିଲା । ଏ ବର୍ଷ ମାନ୍ୟବର ନାଏବ ବାବୁଙ୍କର ଗୋଟିଏ ମହତ ପ୍ରଶଂସିତ କାର୍ଯ୍ୟ ଅଟେ । ନୂତନ ଦେବୀଙ୍କର ଦର୍ଶନାର୍ଥେ ୧ମ ପୂଜାଠାରୁ ଶେଷ ପର୍ଯ୍ୟନ୍ତ ବିଦେଶୀୟ ଯାତ୍ରୀମାନେ ନାନା ବ୍ୟୟରେ ସାମଗ୍ରୀ ଖରିଦ କରି ଖାଇ ରାତ୍ରି ଦିବସ ଏଠାରେ ନୃତ୍ୟଗୀତାଦି ଶ୍ରବଣ କରିଥିଲେ । ପ୍ରକଷ୍ଟ ସ୍ଥାନୀୟ ଲୋକମାନଙ୍କଦ୍ୱାରା ସେସ୍ତାନ ସଙ୍କମାନପାଇଁ ବିଧାନ ଜାଲ ନ ଥିଲା । ଯାହା ସ ମୁଦାୟ କାର୍ଯ୍ୟରେ ବାବୁ ମହାଶୟ ଯଥାସାଧ୍ୟ ପରିଶ୍ରମ ଓ ଯତ୍ନ କରିଥିଲେ ଏବଂ ଦେବଦୋଳ (ଯେ ସମୟରେ ଦେବୀ) ଜଳମଗ୍ନ ହେବାକୁ ବାହାରିଥିଲେ ସେ ସମୟରେ ସ୍ୱୟଂ । ହିଏପ୍ରଶଂସା ଅଧିକ ହୋଇଥିଲା ସେ ବାବୁ ମହାଶୟ ସେମାନଙ୍କ ମଧ୍ୟରେ ରହି ସେମାନଙ୍କୁ ଅନ୍ତର କରାଇ ତହିଁମଧ୍ୟରେ ସ୍ଥାନେ ନୃତ୍ୟାଦି କରାଇ ଯାତ୍ରୀମାନଙ୍କର ମନୋରଞ୍ଜନ କରି ଦେବୀଙ୍କୁ ଜଳଗର୍ଭରେ ନିମଗ୍ନ କରାଇଲେ । ଏଣୁ ଯୋଗୁ ଆମ୍ଭମାନଙ୍କର ଈଶ୍ୱରଙ୍କ ନିକଟରେ ଏହି ପ୍ରାର୍ଥନା ଯେ ବାବୁ ମହାଶୟଙ୍କର ମଙ୍ଗଳ ହେଉ ଓ ଏଠାରେ କୌଣସି ଚିରସ୍ମରଣୀୟ କାର୍ଯ୍ୟଦ୍ୱାରା ଯଶ ଓ ଗୌରବ ବଢ଼ନ୍ତୁ ।

ବଶମ୍ବଦ

ଗୋପୀନାଥ ମହାନ୍ତି

ତହଶିଲଦାର ।

---

### ମୂଲ୍ୟ-ପ୍ରାପ୍ତି ।

| | |
|---|---|
| ଖୀରାଏତ ଗୋପପୁର | ୫ ୩୧ |
| ବାବୁ ଶ୍ରୀଜନକ ସିଂହ ଦେବାନ ହେମଗିର | ୫ ୩୧ |
| „ ପଦ୍ମନାଭ ନାରାୟଣ ଦେବ ଦେଉପଡ଼ ପାର୍ଲାକେମେଡ଼ି | ୫ ୩୧ |
| „ ଅନନ୍ତଦେବ ଗୁରୁ ଢେଙ୍କାନାଳ | ୫ ୩୧ |
| ମୁନ୍ସି ସେକମଙ୍ଗଲୁଦିନ ସୋନପୁର ବଲେଣ୍ଟ | ୫ ୧। |

---

# ବିଜ୍ଞାପନ ।

। କ । ଅତନଗର ସ୍କୁଲପ୍ଲେସ ସତାଂଶ ବର୍ତ୍ତମାନ ମାସିକ ୫ ୮୧ ଙ୍କା ବେତନରେ ଏକଜଣ ସହକାରୀ ଶିକ୍ଷକ ଆବଶ୍ୟକ ଥିବାରୁ ଯୋଗ୍ୟ କର୍ମପ୍ରାର୍ଥୀମାନଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆ ଯାଉଅଛି ଯେ ସେମାନେ ଦ ୧୫ ଇ ମଂ ଧରି ଅପଣାର ଅଭିନିବେଶ ସହିତ ଆପଣାର କାର୍ଯ୍ୟକାରିତାର ପକ୍ଷପାତ ସାର୍ଟିଫିକଟର ନକଲମାନ ଏ ମୁକାମକୁ ପଠାଇଲେ ତନ୍ମଧ୍ୟରୁ ଯାହାଙ୍କୁ ମନୋନୀତ କରିଯିବ ତାଙ୍କୁ ସମ୍ବାଦ ଦିଆଯାଇ ଜଣାଯିବ । ଇତି

। କ । ଅତନଗର }
ଶ୍ରୀ ଶ୍ରୀମହାରାଜାଙ୍କ ଅଫିସ } ଶ୍ରୀମନ୍ ଶ୍ରୀମହାରାଜାଙ୍କ ଅନୁମତିକ୍ରମେ ଶ୍ରୀ ଦୁର୍ଗାଚରଣ
୭—୧—୯୬ } ନାଏବ ଦେୱାନ

---

## ବିଜ୍ଞାପନ ।

ନୂତନ ପୁସ୍ତକ ।

## ବିବାସିନୀ ।

( ଉପନ୍ୟାସ )

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଏକଟଙ୍କା ମୋଫସଲକୁ ଡାକମାସୁଲ ଏକଅଣା ମାତ୍ର ।

---

## ଭଗବଦ୍‌ଗୀତା ।

( କୃଷ୍ଣସିଂହ ମହାଭାରତ ଗ୍ରନ୍ଥପର୍ବ ଅନ୍ତର୍ଗତ ଉପର୍ବ ) ମୁଦ୍ରିତ ହୋଇ ବିକ୍ରୟ ହେଉଅଛି । ମୂଲ୍ୟ ୫ ୧ ୫ ୦ । ଡାକମାସୁଲ ୫ ୦ ୬

---

## WANTED

A clerk must have passed Entrance examination. Pay rupees fifteen a month.

Apply to

B. B. B.
Care of manager
Utkal Dipika.

---

## KEY TO LETHBRIDGE'S EASY SELECTIONS

( Minor course for 1896 )

*IS OUT*

*Price Re. 1.*

To be had of the Secretary Printing Company Cuttack.

---

## NOTICE.

Wanted a private tutor for the son and nephew of the undersigned both reading same lessons. Salary Rs. 20 per month with free quarters. None need apply

Split by PDF Splitter
Digitized by srujanika@gmail.com

Split by PDF Splitter



who has at least not appeared in the C. U. Entrance Examination with Sanscrit. Preference will be given to one who has experience in teaching. Applications with testimonials will be received up to the end of this month.

Bhadrow, 8—10—95. — Hara Mohan Roy Churamony, Zemindar. Bhadrow, P. O. NIALI.

---

ବିଜ୍ଞାପନ ।

ନୂତନ ନୂତନ ନୂତନ

କବି କର୍ଣ୍ଣ ବିରଚିତ

ସତ୍ୟନାରାୟଣ ଜନ୍ମପାଲା ମୂଲ୍ୟ ଟ ୦/ ଏକଅଣା

ପଦ୍ମଲୋଚନ ପାଲା ମୂଲ୍ୟ ଟ ୦/

ନର୍ମଗାଜୀ ଜନ୍ମପାଲା ମୂଲ୍ୟ ଟ ୦୶

ହରଅର୍ଜୁନ ପାଲା ମୂଲ୍ୟ ଟ ୦୶

ଚିତ୍ରଭାନୁ ପାଲା „ ଟ ୦/

ଭ୍ରମରବର „ „ ଟ ୦/୬

ମର୍ଦ୍ଦଗାଜୀବଳି ପାଲା ଟ ୦୶

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅନ୍ୟାନ୍ୟପାଲମାନ ଯନ୍ତ୍ରସ୍ଥ ଅଛି

---

CHEAP ! CHEAP ! CHEAP !

SCHOOL BOOKS.

Prescribed for the Collegiate school and H. E. schools.

JUST TO HAND.

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ-ଦୋକାନରେ ପ୍ରାପ୍ତବ୍ୟ ।

---

ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

ଦାର୍ଢ୍ୟତାଭକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୫୨ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା ମୋଫସଲକୁ ମଶୁଲ ଡାକମାସୁଲ ଟ ୦/

---

NOTICE

THE

DWIBHASI.

*SECOND EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

---

ବିଜ୍ଞାପନ ।

ଗ୍ରାମର, ବର୍ଣ୍ଣାଭିଧାନର, ଅପରପ୍ରାଇମେରୀ ଓ ଲୋୟର ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ୍, ଓ୍ୱାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି; ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅନୁଗ୍ରହକରି ପାଇପାରିବେ ।

---

ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତ ସୁ ଲ ଭ ମୂ ଲ୍ୟ ଟ ୦ ୷ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଠୁମରୀପ୍ରଭୃତି ସୁମଧୁର-ସ୍ୱରର ଅତ୍ୟୁତ୍କୃଷ୍ଟ ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଓ ମ୍ୟାନୁଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖାର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

ଶୁଭସଂବାଦ ।

ଆୟୁର୍ବେଦିକ ମେଡିସିନ୍ ମ୍ୟାନୁଫାକ୍ଚରିଂ

କୋମ୍ପାନୀ ଅବ୍ ଇଣ୍ଡିଆ, ଲିମିଟେଡ୍ ।

କାଲନା, ବେଙ୍ଗଲ ।

ଔଷଧର ମୂଲ୍ୟ ଶତକରା ଟ ୨୫ ଙ୍କା ଊଣା ହେଲା ।

କୋମ୍ପାନୀର ପ୍ରସ୍ତୁତ ଆୟୁର୍ବେଦୋକ୍ତ ତୈଳଘୃତ ମୋଦକ ଆଦି ଔଷଧ ସମୂହ ଯେପରି ବିଶୁଦ୍ଧ ଏବଂ ଗୁଣବାନ୍ ଓ

ସୁଲଭ ମୂଲ୍ୟରେ ବିକ୍ରୟ ହୁଏ ସେପରି ଆଉ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ବ୍ୟବହାର ନିମିତ୍ତ କୋମ୍ପାନୀ ଦାୟୀ । ଏତ ସୁଲଭ ମୂଲ୍ୟରେ ଯାହାର ଯେଉଁ ଔଷଧର ପ୍ରୟୋଜନ ହୋଇପାରେ ଏବଂ ଏପରି ଠକିବାର ଭୟ ନାହିଁ । ସେପରି ଅନୁଗ୍ରହ କରି ପତ୍ର ପଠାଇଲେ ବ୍ୟବସ୍ଥା ନେଇ ଦିଆ ହୁଏ ।

ଔଷଧର ମୂଲ୍ୟ ଅଗ୍ରିମ ଦେୟ—ଯାହାର ଭେଲୁପେବଲରେ ଔଷଧ ନେବାର ପ୍ରୟୋଜନ ତାହାକୁ ଅନ୍ତତଃ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନତୁବା ଅବେଶାନୁସାରେ ଔଷଧ ପ୍ରେରିତ ହେବ ନାହିଁ ।

ବୈଦ୍ୟନାଥ ବଟି—ନିୟମିତ ବ୍ୟବହାର କଲେ କଷ୍ଟସାଧ୍ୟ ପ୍ରମେହ ରୋଗ ନଷ୍ଟ ନିଶ୍ଚୟ ହୁଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ୱପ୍ନଦୋଷ ଶୁକ୍ରକ୍ଷୟ ପ୍ରଭୃତି ଏକାବେଳକେ ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୭ ବଟି ୧୮ ଟଙ୍କା ଡାକଖରଚ ।୵ ଅଣା ।

ଶୋଭନକୁନ୍ତଳ ତୈଳ—ବ୍ୟବହାରରୋକେଶ ସନ୍, ଭ୍ରମରଭ କୃଷ୍ଣ ଏବଂ କେଶମ ପର ବୃକ୍ଷ ଓ ଶୋଭାଯୁକ୍ତ ହୋଇ ସମଧିକ ବୃଦ୍ଧି ପାଏ ଏବଂ କେଶର ଅକାଳପକ୍ୱତା ଓ ପତ୍ତା ନିବାରିତ ହୁଏ । ଏହାର ଗନ୍ଧ ମଧୁର ମନୋହର ଏବଂ କୋମଳତାମୟ । ଏଥିରେ ମସ୍ତିଷ୍କ ସୁଶୀତଳ ରହେ ଏହା କେବଳ ମର୍ତ୍ତ୍ୟ ଭୂମିରେ ମନାର-ମଧୁ । ଏହା ଅପେକ୍ଷା ବଳାସୋପଯୋଗୀ ସୁଗନ୍ଧଯୁକ୍ତ ତୈଳ ଆଉ ଅବଶ୍ୟ ହୋଇ ନାହିଁ ।

୧ ଶିଶି ୧ ଟଙ୍କା, ଡାକଖରଚ ।୵ ଅଣା ।

ଦନ୍ତସଂସ୍କାର ଚୂର୍ଣ୍ଣ—ଏହା ବ୍ୟବହାରରେ ଦନ୍ତର ଓ ଦନ୍ତମୂଳର ଯେ କୌଣସି ରୋଗ ଥିଲେହେଁ ଅତ୍ୟଳ୍ପ ସମୟ ମଧ୍ୟରେ ନିବାରିତ ହୁଏ । ଏହା ଅତୀବ ବଳାସୋପଯୋଗୀ ଏବଂ ସୁଗନ୍ଧଯୁକ୍ତ ଦନ୍ତମଞ୍ଜନ ଏହାର ଦ୍ୱିତୀୟ ନାହିଁ

୧ କୌଟା ୦ ୮ ଅଣା ଡାକଖରଚ ।୵ ଅଣା

କୁନ୍ତଳକୌମୁଦୀ ତୈଳ—ବ୍ୟବହାରରେ ନୂତନ କେଶ ଜନ୍ମେ ଏବଂ ପତନୋନ୍ମୁଖ କେଶ ମୂଳ ଦୃଢ଼ ହୁଏ । ଏହା ବଳାସୋପଯୋଗୀ ଓ ମନୋମୁଗ୍ଧକର ସୁଗନ୍ଧଶାଳୀ ।

୧ ଶିଶି ୧ ଟଙ୍କା ଡାକଖରଚ ।୵ ଅଣା ।

୧ ଡଜନ ୯ ଟଙ୍କା ।

କୋମ୍ପାନୀର ବର୍ତ୍ତମାନ ମୂଳଧନ ୨୦୦୦୦ ଟଙ୍କା ୨୦୦ ଅଂଶରେ ବିଭକ୍ତ । ପ୍ରତ୍ୟଂଶର ମୂଲ୍ୟ ୧୦୦ ଟଙ୍କା ଅଂଶପ୍ରତି ବର୍ତ୍ତମାନ ଟ ୨୫ ଙ୍କା ଦେୟ । ଶୀଘ୍ର ୧୦୦୦୦୦ ଲକ୍ଷ ଟଙ୍କା ମୂଲ୍ୟ ବୃଦ୍ଧି ହୋଇ ୧୦୦୦୦ ଅଂଶରେ ବିଭକ୍ତ ହେବ ଏବଂ ପ୍ରତିଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବଂ ଅଂଶପ୍ରତି ୨୮ ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ କ୍ରୟ କରିବାକୁ ଇଚ୍ଛୁକ ସତ୍ୱର ନାମ ଧାମ ଲେଖି ପଠାଇବେ ।

ସର୍ବତ୍ର ଏଜେଣ୍ଟର ପ୍ରୟୋଜନ—ଏଜେଣ୍ଟ କୁ ଶତକରା ୨୦ ଟଙ୍କା କମିଶନ ବାଦ ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଅନ୍ୟାନ୍ୟ ବିବରଣ ବ୍ୟବସ୍ଥା ଦ୍ରଷ୍ଟବ୍ୟ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।

ସେକ୍ରେଟରୀ ଓ ଟ୍ରେଜରର ।

Digitized by srujanika@gmail.com

Split by PDF Splitter




# ଶାସ୍ତ୍ରୀୟଚିକିତ୍ସା ।

ଗବର୍ଣ୍ଣମେଣ୍ଟ ଲୁଇନ୍ସ କଲେଜର ପରୀକ୍ଷୋତ୍ତୀର୍ଣ୍ଣ ଉପାଧି ପ୍ରାପ୍ତ ରାଜବୈଦ୍ୟ
ଶ୍ରୀ ନଗେନ୍ଦ୍ରନାଥ ବିଦ୍ୟାରତ୍ନ କ·
ବିରଚିତ କବିରାଜଙ୍କର
ଆୟୁର୍ବେଦୀୟ ବିଦ୍ୟାଳୟ
ଓ ଔଷଧାଳୟ
ନଂ ୩୮ ମୂଲ ଲେବୁତଳା ବୌବଜାର
କଲିକତା ।

ଭାରତବର୍ଷ ମଧ୍ୟରେ ଅଦ୍ୱିତୀୟ ଏହି ଔଷଧାଳୟରେ ସବୁ ଶାସ୍ତ୍ରୀୟ ମୂଲ୍ୟ ଅତି ଅପୂର୍ବ ଶକ୍ତିସମ୍ପନ୍ନ, ତୈଳ ଘୃତ ସ୍ୱର୍ଣ୍ଣଘଟିତ ନାନାପ୍ରକାର ଅମୋଘ ମହୌଷଧ ଅତି ସୁଲଭ ମୂଲ୍ୟରେ ପ୍ରାପ୍ତ ହୁଏ ।

ଯେଉଁ ସକଳ ବିଦେଶସ୍ଥ ରୋଗୀ ଅସ୍ମାକଙ୍କଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି, ସେମାନେ ନିଜ ନିଜ ରୋଗର ଅବସ୍ଥା ଆନୁପୂର୍ବିକ ଲେଖି ଅଧ ଆଣାର ଡାକଟିକଟ ଦେଇ ଲେଖିଲେ ବିନାମୂଲ୍ୟରେ ବ୍ୟବସ୍ଥା ଏବଂ ସୁଲଭମୂଲ୍ୟରେ ଔଷଧ ଓ ଔଷଧ ସୂଚିପତ୍ର ପଠାଇ ଥାଉଁ । ବେରଙ୍ଗପତ୍ର ସ୍ୱୀକୃତ ହୁଏ ନାହିଁ ଉତ୍ତର ପ୍ରାର୍ଥିଗଣ ଅର୍ଦ୍ଧଆଣାର ଟିକଟ ପତ୍ରମଧ୍ୟରେ ପଠାଇବେ ।

# ଚମତ୍କାରଜନକ

## ମହୌଷଧ ।

ଏରୂପ ଔଷଧ ଅଦ୍ୟାପି ଆବିଷ୍କୃତ ହୋଇ ନାହିଁ ।

୧ । କୌମୁଦୀ ସାଲସା—ଦୁଷ୍ଟଶୋଣିତ ଶୋଧନର ଏବଂ ଶରୀର ପୁଷ୍ଟ ଓ ବଳବାନ ହେବାର ଅଦ୍ୱିତୀୟ ଔଷଧ ମୂଲ୍ୟ ପ୍ରତି ଶିଶି ୧୲ ଡାଃ ମାଃ ।୵

୨ । ମହାକାମେଶ୍ୱର ଘୃତ ଓ ଶୁକ୍ରମାତୃକା ବଟିକା ଏହା ଧାତୁ ଦୌର୍ବଲ୍ୟ ପୁଂସତ୍ୱହାନି, ଧାରଣା ଶକ୍ତିର ଅଭାବ, ବିଂଶତି ପ୍ରକାର ମେହ, ବହୁମୂତ୍ର, ମୂତ୍ରକୃଚ୍ଛ୍ର, ବଧିରତା ପ୍ରଭୃତିର ଅବ୍ୟର୍ଥ ଔଷଧ ଏକ ଭରଣାର ମୂଲ୍ୟ ୨୲ ଡାଃ ମାଃ ।୵

୩ । ପ୍ରମେହ ଗଜକେଶରୀ—ଏହା ଔପସର୍ଗିକ ମେହର (ଗନୋରିଆର) ମହୌଷଧ ୪ ଦିନ ମଧ୍ୟରେ ଆରୋଗ୍ୟ ହେବ ।

୪ । ଶୀର୍ଷଟୈଲ—ଅର୍ଦ୍ଧଶିରପୀଡ଼ା, ମୁଣ୍ଡକଣ୍ଠ, ମୁଣ୍ଡଘୂରଣ ଅବ୍ୟର୍ଥ ଔଷଧ, ମୂଲ୍ୟ ପ୍ରତିଶିଶି ୧ ଡାଃ ମାଃ ।୵

୫ । ସର୍ବାଙ୍ଗଶାନ୍ତିକ ଘୃତ—ଏହା ଗର୍ମିର ଘା, ପଚା ଘା, ନାଲି ଘା, ପଞ୍ଚାଘା, ଭଗନ୍ଦର ଘା, ପାଦର ଘା, ପ୍ରଭୃତି ସର୍ବପ୍ରକାର କ୍ଷତର ଅବ୍ୟର୍ଥ ଔଷଧ ୨ ଦିନ ମାତ୍ର ବ୍ୟବହାର କଲେ ଆରୋଗ୍ୟଲାଭ ।

୬ । ମୁଷ୍ଟିଯୋଗ—ଏହା ସେବନ କଲେ ଚିରଜ୍ୱର, ମୂତ୍ରକୁ ଜ୍ୱର, ବାତ, ପିତ୍ତ ଅମ୍ଳରୋଗ, ରକ୍ତସ୍ରାବ ଜ୍ୱର ୭ ଦିନ ମଧ୍ୟରେ ଆରୋଗ୍ୟ ହୁଏ ମୂଲ୍ୟ ୨ ଡାଃ ମାଃ ।୵


# ଶ୍ରୀମଦ୍ଭାଗବତ ।

## ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ ବିରଚିତ, ଯେଉଁ ଏକାଦଶସ୍କନ୍ଧ ଏହି ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚରିତ ହୋଇ ଅଛି, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ନୂତନସଂସ୍କରଣ ବାହାରିଅଛି । ଯେଉଁ ସ୍ଥଳମାନ ସ୍ପଷ୍ଟ ସହିତ ବିଶେଷ ଅମେଳ ଥିଲା ତାହା ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ଥିଙ୍କ ପ୍ରଥମ ପ୍ରାରମ୍ଭରେ ସଂସ୍କୃତ ଶ୍ଳୋକମାନ ସନ୍ନିବିଷ୍ଟ ହୋଇଅଛି । ଆଉ ଶୁକଦେବଙ୍କଠାରୁ ଋଷିମାନେ ନୈମିଷାରଣ୍ୟରେ, ପଶ୍ଚିମ ନଦୀ-କୂଳ ଗଙ୍ଗାତୀରରେ ଭାଗବତ ଶ୍ରବଣ କରୁଥିବା-ବେଳ ଯଶୋଦାର ଶ୍ରୀ କୃଷ୍ଣଙ୍କର ପାଦପଦ୍ମରେ ସର୍ବସ୍ୱ ଦେଇ ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ ବିହାର କରୁଥିବା ବିଷୟର ପ୍ରତିକୃତି ଛବିମାନ ପ୍ରଦତ୍ତ ହୋଇଅଛି । ମୂଲ୍ୟପୂର୍ବେ ଟ ୦୩ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଉତ୍ତମ କଗଜ ପୁସ୍ତକର ଅଦ୍ଧସୂଲଭ ମୂଲ୍ୟ ଟ ୦ ୫ ଧାର୍ଯ୍ୟ ହୋଇଅଛି ।


# ଘଡ଼ି ମରାମତି ।



ଏଠାରେ ନାନାପ୍ରକାର ଛୋଟ ବଡ ଶସ୍ତା ଘଡ଼ୀ ମରାମତି କାର୍ଯ୍ୟ ବର୍ତ୍ତମାନ ପୂର୍ବାପେକ୍ଷା ଉତ୍ତମ ନିୟମରେ ନୂତନ କାରିଗରଦ୍ୱାରା ସୁନ୍ଦର ହେଉଅଛି । ଯାହାଙ୍କର ଦରକାର ହେବ ସେ ଏଠାରେ ତତ୍ତ୍ୱ କଲେ ସମସ୍ତବିଷୟ ଜାଣିପାରିବେ ଏହାଛଡ଼ା ହାରମୋନିୟମ୍‌ବାଜା-ମିଉଜିକବାକ୍ସ ଏବଂ ଲୁଗାସିଲାଇକଳ ପ୍ରଭୃତି ମରାମତ କରାଯାଇବ ।

ଘଡ଼ିର ଅବସ୍ଥା ଅନୁସାରେ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି କୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ଼ି ନ ଚଳିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

ପ୍ରିଣ୍ଟିଂକମ୍ପାନୀ ଛାପାଖାନାର କାରିଗର ବୋଲି କୌଣସି ବ୍ୟକ୍ତି ପ୍ରତାରଣାପୂର୍ବକ ଗ୍ରାହକଙ୍କ ନିକଟରେ ଘଡ଼ିନେବାର ଅସମ୍ଭବ ନୁହେ । ଏହିପରି କେତେକ ଘଟନା ଶୁଣିଗୋଚର ହେବାରୁ ଗ୍ରାହକଙ୍କୁ ସତର୍କ କରିଦେଉ-ଅଛୁଁ ଯେ, ସେମାନେ ଉପରଲିଖିତ ପ୍ରକାର ଲୋକଙ୍କର କଥାରେ ନ ଭୂଲି ସ୍ୱୟଂ ଆମ୍ଭେ ଘଡ଼ୀ ଛାପାଖାନାକୁ ପଠାଇଦେଇ ଛାପା ରସିଦ ଗ୍ରହଣ କଲେ ପ୍ରତାରିତ ହେବେ ନାହିଁ ।

ପୁରୁଣା କୃପାଣ ଗିଲଟ୍ଟୀକର୍ମ ମଧ୍ୟ ଏଠାରେ ହୁଏ ।

୧୨ । ୪ । ୯୭
କଟକପ୍ରିଣ୍ଟିଂକମ୍ପାନୀ
ଅଫିସ କଟକ } ଶ୍ରୀ ଗୌରୀଶଙ୍କର ରାୟ ।

# ବିଜ୍ଞାପନ ।

ମାଇନର୍ ଓ ଭର୍ଣ୍ଣାକ୍ୟୁଲର ଛାତ୍ରମାନଙ୍କର ବିଶେଷ ଆବଶ୍ୟକୀୟ ।

## ଉତ୍କଳପରମିତି ସମାଧାନ ।

ଯେଉଁ ଉତ୍କଳପରମିତି ବର୍ତ୍ତମାନ ମାଇନର୍ ଓ ଭର୍ଣ୍ଣାକ୍ୟୁଲର ସ୍କୁଲମାନଙ୍କରେ ଚଳୁଅଛି, ସେହି ପୁସ୍ତକର ସମାଧାନ ଛପା ହୋଇ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି । ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଟ ୦ ।୵ ଅଣା, ଯେଉଁମାନେ ଏକତ୍ରରେ ୫ ଖଣ୍ଡ କିମ୍ବା ତହିଁରୁ ଅଧିକ ନେବେ ସେମାନଙ୍କୁ ଶତକଡ଼ା ଟ ୧୨ ୫ ହିସାବ କମିସନ ଦିଆଯିବ ।

ତା ୧୭ । ୧୦ । ୯୭
ପୁରୀହାଟ
କଟକ } ଶ୍ରୀ ସୁଦର୍ଶନ ନନ୍ଦଶର୍ମା ।


ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

| | |
|---|---|
| ପ୍ରଥମଥର ନିମନ୍ତେ | |
| ଧାଡ଼ିପ୍ରତି | ଟ ୦ ।୵ |
| ଅର୍ଦ୍ଧସ୍ତମ୍ଭ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ନିମନ୍ତେ ଖର୍ଚ୍ଚ ପ୍ରଥମଥର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ନିମନ୍ତେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ଅବଧୂତ ନାଟେକ ... କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ... ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଖଣ୍ଡ ୩୦ ଶ | ତା ୨୨ ରଖ ମାହେ ଅକ୍ଟୋବର ସନ ୧୮୯୮ ମସିହା । ମୂ । ତା ୧୧ ନ କାର୍ତ୍ତିକ ଶ୍ରନ ୧୩୦୬ ସାଲ ଶନିବାର । | ଅଗ୍ରିମ [illegible]
ସଂ ୪୧ ଖ୍ୟା | ପଶ୍ଚାଦେୟ [illegible]

ଭାରତବର୍ଷର ବର୍ତ୍ତମାନ ଗବର୍ଣ୍ଣରଜେନେରଲ ଲର୍ଡ ଏଲଗିନ ପୂର୍ଣ୍ଣ ପାଞ୍ଚବର୍ଷକାଳ ଏଦେଶରେ କାର୍ଯ୍ୟ ନ କରି ଶୀଘ୍ର ଇସ୍ତଫା ଦେଇ ଯିବେ ବୋଲି ଜନରବ ଉଠିଅଛି । ବିଲାତର ମନ୍ତ୍ରୀଦଳର ପରିବର୍ତ୍ତନ ହୋଇଥିବା ପ୍ରତ୍ୟକ୍ଷେ ଏହା ଅସମ୍ଭବ ନୁହେ ।

---

ହଇଦରାବାଦର ନିଜାମ ବିଲାତ ଭ୍ରମଣ କରିବାର ବନ୍ଦୋବସ୍ତ କରୁଅଛନ୍ତି । ଆଜି କାଲି ବିଲାତ ଭ୍ରମଣ ଦେଶୀୟ ରାଜାଙ୍କର ଗୋଟିଏ ପ୍ରଧାନ କାର୍ଯ୍ୟ ହୋଇ ଥିବା ସ୍ଥଳେ ନିଜାମ [illegible] ଯାଇବାର କଥା ନୁହେ । ତେବେ ଲାଟଙ୍କର ଧୀରଭାବରେ ବିଚାର କରିବା ଉଚିତ ।

---

ଏଥର ସିଭିଲସର୍ଭିସ ପରୀକ୍ଷାରେ ନ ୬୬ ଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏବଂ ସେମାନଙ୍କ ମଧ୍ୟରେ ଏଦେଶୀୟ ଲୋକ ଏକଜଣ ମାତ୍ର । ଏହାଙ୍କର ନାମ ମେଷ୍ଟଅସ୍କରଅଲି । ତାଲିକାର ୭୨ ନମ୍ବରରେ ଏମାନଙ୍କର ସ୍ଥାନ ପାଇଅଛନ୍ତି । ଏଥିରୁ ପ୍ରକାଶ ଯେ ବିଲାତିକ୍ଷେତ୍ର ଏଦେଶି ଲୋକମାନେ ପରୀକ୍ଷାରେ କୃତକାର୍ଯ୍ୟତା ଲାଭ କରିବାର ଅନେକ ବିଳମ୍ବ ଅଛି । ତଥାପି ଓଙ୍କାଙ୍କର ବିଶ୍ୱାସ ହୋଇଅଛି ଯେ ଏଦେଶରେ ସିଭିଲସର୍ଭିସ ପରୀକ୍ଷା ହେଲେ କଳାଲୋକେ ସେମାନଙ୍କୁ ପରାସ୍ତ କରିବେ ।

---

ଦକ୍ଷିଣରୁ ଉତ୍ତରୁ ଅର୍ଥାତ ଚଳିତମାସ ତା ୧ ଓ ୨ ତାରିଖରେ ପୂର୍ବୋକ୍ତ ବଙ୍ଗଳାସହିତ ଓଡ଼ିଶାରେ ଯେଉଁ ଝଡ ହୋଇଥିଲା ତାହା ପୂର୍ବବଙ୍ଗଳା ଅର୍ଥାତ ଢାକା ଓ ଚଟ୍ଟଗ୍ରାମ ବିଭାଗମାନଙ୍କରେ ତୋଫାନରେ ପରିଣତ ହୋଇ ଅନେକ ଗୃହ ଭୂମିସାତ କରିଯାଇଥିଲା ଏବଂ ଜଳରେ ଅନେକ ନୌକା ଜଳମଗ୍ନ କରିଥିଲା । ଏଥିରେ ମନୁଷ୍ୟ ଓ ଗୃହପାଳିତ ପଶୁ ବହୁତ ନଷ୍ଟ ଯାଇଥିଲେ । ଉକ୍ତ ଏଥିରେ ଯେ ଫସଲ ହାନି ବା ମନୁଷ୍ୟ ନାଶ ହେବାର ଜଣାଯାଉ ନାହିଁ ।

---

ବନ୍ଦୋବସ୍ତ ସମ୍ବନ୍ଧୀୟ ଅଟେଷ୍ଟେସନ, ଜମାବନ୍ଦି ପ୍ରଭୃତି କାର୍ଯ୍ୟମାନ ଆସନ୍ତା ଶୁକ୍ରବାରଠାରୁ ମୋଫସଲରେ ଆରମ୍ଭ ହେବ । ଓଡ଼ିଶାର ଉତ୍କଳ ନିମନ୍ତେ ଏହି କାର୍ଯ୍ୟ ସକାଶେ ଯେଉଁ ହାକିମମାନେ ନିଯୁକ୍ତ ହୋଇଅଛନ୍ତି ସ୍ଥାନାନ୍ତରରେ ପ୍ରେରିତ ହେଲେ । କେହି କେହି ହାକିମ ଏଥିମଧ୍ୟରେ ଆପଣା ଆପଣା ଏଲାକାକୁ ବାହାରିଗଲେଣି । ପୁଣି କେତେକାଳ ଜମିଦାର ଓ ପ୍ରଜାମାନେ ଲଣ୍ଡଭଣ୍ଡ ହେବେ ।

---

ମହାମାନ୍ୟ ଗବର୍ଣ୍ଣରଜେନେରଲଙ୍କ ଭ୍ରମଣର ଅନୁଷ୍ଠାନ ପତ୍ର ବାହାରିଅଛି । ସେ ଗତ ଗୁରୁବାର ସିମିଲାଠାରୁ ଯାତ୍ରା କରିଥିବେ । ଆଗ୍ରା, ଗୁଆଲିଅର, ଭୂପାଳ, ଝେଲା, ପୁନା, ହାଇଦରାବାଦ, ବାଙ୍ଗାଲୋର, ମହୀଶୂର, ତ୍ରିଚିନାପଲି ତାଞ୍ଜୋର, ଏବଂ ମାନ୍ଦ୍ରାଜ ଏହି ସ୍ଥାନମାନ ଯଥାକ୍ରମେ ଦର୍ଶନ କରି ଆଗାମୀ ଡିସେମ୍ବର ମାସ ତା ୧୩ ରଖରେ କଲିକତାରେ ପହଞ୍ଚିବେ । ସ୍ଥାନେ ସ୍ଥାନେ ଅଭ୍ୟର୍ଥନା ଦରବାର ଆଦି କେତେ ଧୂମଧାମ ହେବ କ୍ରମେ ଜଣାଯିବ ।

---

ବିଷାକ୍ତ ଦ୍ରବ୍ୟ ବିଶେଷତଃ ସଙ୍ଖିଆ ବିକ୍ରୟର କଟକଣା ନିମନ୍ତେ ଆଇନ କରିବାର ପ୍ରସ୍ତାବ ଅନେକଦିନ ହେଲା ଗବର୍ଣ୍ଣମେଣ୍ଟରେ ଉପସ୍ଥିତ ହୋଇଥିଲା । ମହାମାନ୍ୟ ଗବର୍ଣ୍ଣରଜେନେରଲ ବାହାଦୂର ସମ୍ପ୍ରତି ପ୍ରକାଶ କରିଅଛନ୍ତି ଯେ ଏ ବିଷୟ ଆଇନ କରିବାର ସୁବିଧା ଦେଖାଯାଉ ନାହିଁ ଅପାତତଃ ବିଶେଷ ପୁଲିସ ନିଯୋଗ କରିବାକୁ ହେବ ଯେ ସେମାନେ ବିଷପ୍ରୟୋଗଦ୍ୱାରା ପଶୁନାଶ ପ୍ରତି ବିଶେଷ ଦୃଷ୍ଟି ରଖି ଅପରାଧୀମାନଙ୍କୁ ଧରିବାର ଚେଷ୍ଟା କରିବେ ଏବଂ ସହର ଓ ବ୍ୟବସାୟସ୍ଥାନରୁ ମୋଫସଲର କେଉଁସ୍ଥାନକୁ କିପରିମାଣ ସଙ୍ଖିଆ ପଠାଯାଏ ତହିଁରୁ ଅନୁସନ୍ଧାନ କରିବେ ।

---

ଗତ ଅଷ୍ଟମୀରୁ ଶାରଦ ଧାନପ୍ରତି ଭୟ ଭାବନା ହୋଇଥିଲା । ଗତ ସୋମବାର ସନ୍ଧ୍ୟା

Digitized by srujanika@gmail.com

Split by PDF Splitter



ସମୟରେ ଯାଜପୁର କେନ୍ଦ୍ରାପଡ଼ା ଓ ସଦର ସବ୍‌ଡିଭିଜନର କେତେକ ଅଂଶରେ ପ୍ରଚୁର ବୃଷ୍ଟି ହେବାରୁ ସେଠା ଲୋକଙ୍କ ମନ ସୁସ୍ଥ ହୋଇଅଛି । ମାତ୍ର ଅବଶିଷ୍ଟ ଅଧିକାଂଶରେ ଅଦ୍ୟାପି ବୃଷ୍ଟି ନାହିଁ ସେଠା ଲୋକମାନେ କେତେ ଦିନ ହେଲା ସାଧମତେ ପାଣି ବୋହି କ୍ଷେତ ରକ୍ଷା କରୁଅଛନ୍ତି ଏବଂ ପ୍ରାୟ ପ୍ରତିଦିନ ଏ ନଗରକୁ ଅନେକ ଲୋକ ସେଣା ଭଣି ନେଇ ଯାଉଅଛନ୍ତି । ଅବଶ୍ୟ ଶୀଘ୍ର ନ ଘଡ଼ିବାରୁ ବୃଷ୍ଟିର ଆଶା ଅଛି ମାତ୍ର ବିଳମ୍ବହେଲେ କ୍ଷତି ହେବ ।

---

ବଙ୍ଗପ୍ରଦେଶର କୃଷିପରୀକ୍ଷକ ଗତ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଶାରଦ ଫସଲର ଅବସ୍ଥା ଅନୁସନ୍ଧାନ କରି ଲେଖିଅଛନ୍ତି କି ସେହି ଫସଲ ଏ ବର୍ଷ ଷୋଳଅଣ ହେବ । କାରଣ ବର୍ଦ୍ଧମାନ ଓ ପ୍ରେସିଡେନ୍ସି ବିଭାଗମାନଙ୍କରେ ଯାହା ଅଳ୍ପ ହେବାର ଭୟ ହେଉଅଛି ତାହା ଅନ୍ୟ ବିଭାଗର ପ୍ରଚୁର ଫସଲ ଦ୍ୱାରା ପୂର୍ଣ୍ଣ ହୋଇ ଯିବ । ପରୀକ୍ଷକ ମହାଶୟ କି ଜାଣନ୍ତି ନାହିଁ ଯେ ଶାରଦଧାନ ଅକ୍ଟୋବର ଅର୍ଥାତ୍ କାର୍ତ୍ତିକ ମାସର ବୃଷ୍ଟି ଉପରେ ନିର୍ଭର କରେ ? ଏହିମାସରେ ମେଘ ନ ପାଇଲେ ସକଳ ଆଶା ନଷ୍ଟ ହେବାର କଥା । ସୁତରାଂ ତାହାଙ୍କ ଅନୁମାନ ଉପରେ ଆସ୍ଥା ହୋଇ ନ ପାରେ ।

---

ଯୋଧପୁରର ମହାରାଜା ମହାମାନ୍ୟ ଯଶବନ୍ତ ସିଂହ ଜି, ସି, ଏସ୍, ଆଇଙ୍କ ମୃତ୍ୟୁ ସମ୍ବାଦ ଘୋଷିତ ହୋଇଅଛି । ଏହି ଶୋକାବହ ବ୍ୟାପାର ଗତମାସ ତା ୧୧ ରିଖରେ ଘଟିଲା । ମୃତ ମହାରାଜା ସନ ୧୮୩୭ ସାଲରେ ଜନ୍ମ ଏବଂ ସନ ୧୮୭୩ ସାଲରେ ଗଦି ପ୍ରାପ୍ତ ହୋଇଥିଲେ । ସୁତରାଂ ୫୮ ବର୍ଷ ବୟସ୍କ ରୋଗରେ ୫୮ ବର୍ଷରେ ଦେହ ତ୍ୟାଗ କଲେ । ଯୋଧପୁରର ଆୟ ବାର୍ଷିକ ୫୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ । ଏହାଙ୍କ ପିତା ବିଦ୍ରୋହ ସମୟରେ ଗବର୍ଣ୍ଣମେଣ୍ଟଙ୍କର ଅନେକ ସାହାଯ୍ୟ କରି ବିଶେଷ ପ୍ରଶଂସା ଲାଭ କରିଥିଲେ । ମୃତ ମହାରାଜା ମଧ୍ୟ ୩ ହଜାରର ଅଧିକ ଅଶ୍ୱାରୋହୀ ୬୬୬୩ ପଦାତିକ ସୈନ୍ୟ ଏବଂ ୧୨୧ ଗୋଟି ତୋପ ସୁସଜ୍ଜିତ ରଖି ଅବଶ୍ୟକ ହେଲେ ସରକାରଙ୍କ ସାହାଯ୍ୟ ନିମନ୍ତେ ପ୍ରସ୍ତୁତ ଥିଲେ । ଏହାଙ୍କ ଶାସନକାଳରେ ମାରବାଡ଼ ରାଜ୍ୟର ଅନେକ ଉନ୍ନତି ହୋଇଅଛି ଏବଂ ସେ ଜଣେ ସୁଯୋଗ୍ୟ ଶାସନକର୍ତ୍ତା ବୋଲି ଗବର୍ଣ୍ଣମେଣ୍ଟରୁ କ୍ରମାଗତ ସୁଖ୍ୟାତି ପାଇଥିଲେ ।

---

ଏ ଜିଲାର କେଣାହାର ଅଞ୍ଚଳରୁ ଦୁଇଖଣ୍ଡ ପ୍ରେରିତପତ୍ର ପାଇଅଛୁଁ । ତହିଁର ମର୍ମ ଏହି କି ପଞ୍ଚପଲି ଗ୍ରାମ ନିକଟ ଅଳକା ନଦୀର ଦକ୍ଷିଣ ତୀରସ୍ଥ ତଳସ୍ଥ ଗ୍ରାମରେ ଗୋଟିଏ ପ୍ରାଚୀନ ବଟବୃକ୍ଷ ଅଛି । ସେଠାରେ ପୂର୍ବେ କୌଣସି ସାଧୁଙ୍କର ଆଶ୍ରମ ଥିଲା । ସେ ଗ୍ରାମର ଜଣେ ବ୍ରାହ୍ମଣ କି ତାହାର ବୟସ ବ ୩୦।୩୨ ବର୍ଷ ହେବ । ଶ୍ୱାସ ରୋଗରେ ପୀଡ଼ିତ ଥାଇ ସେହି ଆଶ୍ରମଠାରେ ହତ୍ୟାକାଳ କଲ୍ପି ସ୍ୱପ୍ନାଦେଶ ଅନୁସରଣ କରି ଆରୋଗ୍ୟ ଲାଭ କରି ସାଧୁଙ୍କ ଆଜ୍ଞାନୁସାରେ ଚଇତ୍ରମାସ ଆରମ୍ଭରୁ ହୁକୁମ-ଦ୍ୱାରା ଅନ୍ୟ ରୋଗିମାନଙ୍କୁ ଆରୋଗ୍ୟ କରୁଅଛି । ଅନ୍ଧ, ବଧିର, ଖଞ୍ଜ, କୋଢ଼ି ପ୍ରଭୃତି ନାନା ରୋଗୀ ପ୍ରତିଦିନ ହୁକୁମ ପାଇବା ଆଶାରେ ସେଠାରେ ଉପସ୍ଥିତ ହେଉ ଅଛନ୍ତି ଏବଂ ଆରୋଗ୍ୟ ମଧ୍ୟ ହେଉଅଛନ୍ତି । ବହୁ ନର ନାରୀର ସମାଗମହେତୁ ସେଠାରେ ଏପରି ଜନତା ହୋଇଅଛି ଯେ ଲୋକେ ବସିବାକୁ ସ୍ଥାନ ପାଉ ନାହାନ୍ତି । ଏତିକା ପଣ୍ଡିତ ଧର୍ମାବ ଶାନ୍ତିରକ୍ଷା ନିମନ୍ତେ ନିଯୁକ୍ତ ଅଛନ୍ତି । ବ୍ରାହ୍ମଣ ପ୍ରତିଦିନ ଅଳ୍ପ ଦୁଧ କଦଳୀ ଖାଇ ଅନ୍ନ ଆହାର କରୁ ନାହାନ୍ତି । ସେ ଏହିପରି ତିନ୍ତାଳେ ରହି ରହି ବ ୨୧ ଜଣ ହୁକୁମ ଦେଉଛନ୍ତି ଏବଂ ସେଥିରେ ହରିହାଟ ଓ ମହୋତ୍ସବାଦ କରି କାର୍ଯ୍ୟ ଶେଷ କରନ୍ତି । ସମ୍ପ୍ରତିଃ ବର୍ତ୍ତମାନ ହୁକୁମ ବନ୍ଦ ହୋଇଅଛି କାରଣ ବ ୨୧ ଦିନ ଗତ ହୋଇ ଯାଇଅଛି । ଏଥି ମଧ୍ୟରେ ଯେଉଁମାନେ ଆରୋଗ୍ୟ ହୋଇଅଛନ୍ତି ସେମାନଙ୍କ ସଂଖ୍ୟାକାଳ ବୋଲିବାକୁ ହେବ ।

---

ଏବର୍ଷ କାଳୀ ପୂଜା ଉପଲକ୍ଷେ ୭ ମେଢ଼ ପ୍ରତିମା ହୋଇଥିଲେ । ତନ୍ମଧ୍ୟରେ ଚୂନଙ୍ଗଟୋଳିର ଶ୍ରୀ ବାବୁ ଜଗନ୍ନାଥସ୍ୱରୂପ ପଣ୍ଡିତଙ୍କର ପୁରୁଣାକାଳୀ ଓ ଈଶ୍ୱରର ମୂର୍ତ୍ତି ଗଢ଼ନ ଉତ୍କୃଷ୍ଟ ଏବଂ ମେଢ଼ ଜରି ପ୍ରଭୃତି ସୂକ୍ଷ୍ମ କାରୁ କାର୍ଯ୍ୟରେ ମନୋହର ରୂପେ ମଣ୍ଡିତ ହୋଇ ପଣ୍ଡିତ ମହାଶୟଙ୍କର ବହୁବ୍ୟୟ ଯତ୍ନ ଓ ସୁରୁଚିର ପରିଚୟ ଦେଉଥିଲା । ଚୌଧୁରୀବଜାର ମେଢ଼ର ସାଜସଜ୍ଜା ଓ ପ୍ରତିମାକୁ ଦୂରକୁ ଦେଖିଲେ ଚୂନଙ୍ଗଟୋଳିର ପ୍ରତିମା ଓ ମେଢ଼କୁ କଳଯ୍ୟା-ଇଥିବାର ଅନୁମିତ ହେଉଥିଲେହେଁ ନିଶ୍ଚୟ ପ୍ରତିମା ଓ ମେଢ଼ର ଗଠନ ଭିନ୍ନ ଭିନ୍ନ ପ୍ରକାରର ଥିଲା ।

ଯାହାର ମେଢ଼ ଆଗେ ଯିବ ତାହାର ଗୌରବ ଅଧିକ ଓ ଯାହାର ପଛକୁ ପଡ଼ିବ ତାହାର ଗୌରବ ଊଣା ହେବ ଏରୂପ ପ୍ରଚଳ ଥିବାରୁ ଚୂନଙ୍ଗଟୋଳିରେ ଶ୍ରୀ ରାଜା ବୈଦ୍ୟନାଥ ପଣ୍ଡିତ ରାୟ ବାହାଦୁରଙ୍କ କୋଠା ନିକଟରେ ଚୂନଙ୍ଗଟୋଳି ଓ ଚୌଧୁରୀବଜାରର କାଳୀ ମେଢ଼ର ମେଳନ ହେଉଁ ହେଉଁ ଲୋକେ ଚୌଧୁରୀବଜାର ମେଢ଼କୁ ଆଗରେ ଏମନ୍ତ ଦୁଇବେଗରେ ଘେର ପକାଇଲେ ଯେ ଆଜ୍ଞା ପାଇ ହୋଇ ଆସି ସୁଦ୍ଧା ଚୂନଙ୍ଗଟୋଳିର ମେଢ଼ କୌଣସିମତେ ତହିଁର ଆଗ ବଳ ପାରିଲା ନାହିଁ । ସେ ମେଢ଼ ଯହୁଁ ଯହୁଁ ଦୃଷ୍ଟିପଥର ଅତୀତ ହୋଇଗଲା । ତହୁଁ ଚୂନଙ୍ଗଟୋଳିର ମେଢ଼କୁ ଧୀରେ ଧୀରେ ଜମାଇ ଭେଜିଗଲେ ।

ଯାହାର କାର୍ଯ୍ୟ ଉତ୍ତମ ହେବ ସେ ସୁଖ୍ୟାତି ଲଭିବ ଏରୂପ ଧାରଣା ଥିଲେ ସୁଶୃଙ୍ଖଳ ସହିତ କାର୍ଯ୍ୟ ନିର୍ବାହ ହୋଇ ବିବାଦ ବିସମ୍ବାଦ ଘଟନ୍ତା ନାହିଁ । ଏ ବିଷୟ କି କେତେ ଗର୍ହିତ !

ବିବାଦବଶରୁ ଏଥର ଚୂନଙ୍ଗଟୋଳିରେ ମାଲିକମେଢ଼ ଦୁଇଗୋଟି ହୋଇଥିଲା । ଭବିଷ୍ୟତକୁ ଭୁଗାଙ୍କ ମେଢ଼ମଧ୍ୟ ଦୁଇଗୋଟି ହୋଇ-ପାରେ ।

---

## ବଙ୍ଗଳାର ଲବଣଶୁଳ୍କ ।

ସନ ୧୮୯୪।୯୫ ସାଲର ବଙ୍ଗଳାର ଲବଣ ଶୁଳ୍କ ବିବରଣ ବଡ଼ ପ୍ରୀତିକର ଅଟେ । ଶୁଳ୍କ-ବିଭାଗର ରାଜସ୍ୱ ଓ ଗୋଦାମ ଭଡ଼ା ଇତ୍ୟାଦି ମୋଟ ଆୟ ୨୪୭ ଲକ୍ଷ ୮୯ ହଜାର ଟଙ୍କା ହୋଇଥିଲା । ତହିଁ ପୂର୍ବବର୍ଷର ଆୟ ୨୩୮ ଲକ୍ଷ ଟଙ୍କା ଥିଲା ସୁତରାଂ ପ୍ରାୟ ୯ ଲକ୍ଷ ବୃଦ୍ଧି ହୋଇ ଅଛି ପୁଣି ଗତ ପାଞ୍ଚବର୍ଷମଧ୍ୟରେ କୌଣସି ବର୍ଷ ଏତେ ଅଧିକ ଆୟ ହୋଇ ନ ଥିଲା । ମୋଟ ଆୟ ପ୍ରାୟ ୨୪୭ଲକ୍ଷ ଟଙ୍କାରୁ ଏହି ବିଭାଗ ଅଧୀନସ୍ଥ କର୍ମଚାରୀୟ ସମସ୍ତ ବ୍ୟୟ ୪ ଲକ୍ଷ ଟଙ୍କା ଯାଇ ୨କୋଟି ୪୩ ଲକ୍ଷଟଙ୍କା ନେଟ ଆୟ ହୋଇଅଛି । ଲବଣକରର ଆୟ ବୃଦ୍ଧି ଯେମନ୍ତ ସନ୍ତୋଷଜନକ ଯେବେ ତାହା ଏଦେଶୀୟ ଲବଣ ଦ୍ୱାରା ହେଉଥାନ୍ତା ତେବେ ବଡ଼ ସୁଖର ବିଷୟ ହୁଅନ୍ତା

Digitized by srujanika@gmail.com

Split by PDF Splitter



ମାତ୍ର ଦୁର୍ଭାଗ୍ୟ କ୍ରମତଃ ପ୍ରାୟ ସମସ୍ତ ଟଙ୍କା ବିଦେଶୀୟ ଲବଣର ମାସୁଲ ସ୍ୱରୂପ ଆଦାୟ ହୋଇଅଛି । ଏଥିମଧ୍ୟରେ ଓଡ଼ିଶାର ପ୍ରସ୍ତୁତ ହେବା ଲବଣର ମାସୁଲ କେବଳ ୯୬ ହଜାର ଟଙ୍କା ଅଟେ ।

ବର୍ତ୍ତିତବର୍ଷରେ ସର୍ବସୁଦ୍ଧା ୧୨୮ ଲକ୍ଷ ୬୪ ହଜାର ମହଣ ଲୁଣ ବିଦେଶରୁ ଆମଦାନି ଏବଂ ୨ଲକ୍ଷ ୧୦ ହଜାର ମହଣ ଏଦେଶରେ ଅର୍ଥାତ୍ କେବଳ ଓଡ଼ିଶାରେ ପ୍ରସ୍ତୁତ ହୋଇ ଗୋଦାମ ଜାତହୋଇଥିଲା । ତହିଁ ମଧ୍ୟରୁ ୧୦୪ ଲକ୍ଷ ୨୪ ହଜାର ମହଣ ବିଦେଶୀ ଏବଂ ପ୍ରାୟ ୩୯ହଜାର ମହଣ ଓଡ଼ିଶା ଯୋଗାଣି ଲୁଣ ବିକ୍ରୟ ହୋଇ ତହିଁମଧ୍ୟରୁ କେତେକ ଲୁଣ ଅନ୍ୟାନ୍ୟ ପ୍ରଦେଶ ବାହାରିଯାଇ ନିଟ ୯୬ ଲକ୍ଷ ୮୨ ହଜାର ମହଣ ଲୁଣ ବଙ୍ଗ ପ୍ରଦେଶରେ ଖରଚ ହୋଇଥିଲା । ତହିଁ ପୂର୍ବବର୍ଷର ଖରଚ ୯୫ ଲକ୍ଷ ୨୬ ହଜାର ମହଣ ଥିଲା । ରେଭିନ୍ୟୁ ବୋର୍ଡ ବିବେଚନା କରନ୍ତି କି ଲୁଣର ଦର ଏବର୍ଷ କିଛିତ ଉଣା ହେବା ଏବଂ ଫସଲ ଭଲ ହେବାରୁ ଖରଚ ବୃଦ୍ଧି ହୋଇଅଛି । ହାରାହାରିରେ ଜଣ ପ୍ରତି ବାର୍ଷିକ ଲୁଣ ଖରଚ ସେରକର ଦୁଇଛଟାଙ୍କ ପଡ଼ୁଅଛି । ମାତ୍ର ଓଡ଼ିଶାରେ ଜଣପ୍ରତି ସେର୍ଏ/ରୁ ଅଧିକ ଖରଚ ପଡ଼ୁ ନାହିଁ ।

ବିଦେଶରୁ ଆମଦାନୀ ହେବା ଏକକୋଟି ୨ ଲକ୍ଷ ମହଣ ମଧ୍ୟରୁ ଏଡାବନ୍ଦରରୁ ଆମଦାନୀ ହେବା ଲବଣର ପରିମାଣ ୭୫ ହଜାର ମହଣ ଅଟେ । ଅବଶିଷ୍ଟ ୫୩ ଲକ୍ଷ ମହଣମଧ୍ୟରୁ ଜର୍ମାନୀ ଓ ଅଷ୍ଟ୍ରିଆର ଲୁଣ ୧୭୫ ଲକ୍ଷ ମହଣ ଏବଂ ଅନ୍ୟାନ୍ୟ ରାଜ୍ୟର ଲୁ. ୮୫ ଲକ୍ଷ ମହଣ ଏବଂ ବମ୍ବାଇ ଓ ମାନ୍ଦ୍ରାଜର ଲୁଣ ୭ଲକ୍ଷ ମହଣ ଅଟେ । ସୁତରାଂ ଦେଖାଯାଏ ଯେ ଭାରତବର୍ଷର ଗୋଟିଏ ପ୍ରଦେଶର ଲୁଣ ଖରଚ ପ୍ରାୟ ଏକକୋଟି ମହଣ ମଧ୍ୟରେ ଭାରତୀୟ ଲୁଣର ପରିମାଣ ଏକ ଦଶମାଂଶ ସୁଦ୍ଧା ନୁହେ । ଏଥିବିନା ଆମ୍ଭମାନଙ୍କର ଦୁର୍ଦ୍ଦଶାର କଥା ଆଉ କି କୋହିବ ? ଅସୀମ ଲବଣ ଭଣ୍ଡାର ସମୁଦ୍ରଦ୍ୱାରା ବେଷ୍ଟିତହୋଇ ସୁଦ୍ଧା ଆମ୍ଭେମାନେ ଆପଣା ନିତ୍ୟ ପ୍ରୟୋଜନୀୟ ଲବଣ ସକାଶେ ବିଦେଶକୁ ଚାହିଁ ବସିଅଛୁଁ ଅଥଚ ତହିଁର ପ୍ରତିକାର ନିମନ୍ତେ କିଛି ମାତ୍ର ବ୍ୟସ୍ତ ନୋହୁଁ ।

---

## ଓଡ଼ିଶା ସଂସ୍କୃତସମିତି ।

ଏହି ସମିତିର ସନ ୧୮୯୪।୯୫ ସାଲର ବାର୍ଷିକବିବରଣ ପ୍ରାପ୍ତ ହେବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ । ତହିଁରୁ ଜଣାଯାଏ ଯେ ସମିତିଦ୍ୱାରା ଏପ୍ରଦେଶରେ ସଂସ୍କୃତ ଶିକ୍ଷା ବିସ୍ତାର ହେବାର ସୂତ୍ରପାତ ହୋଇଅଛି । ଏବଂ ପରୀକ୍ଷାର ଫଳ ମଧ୍ୟ ସନ୍ତୋଷଜନକ ଅଟେ । କେଉଁ୨ ବିଷୟରେ କେତେଜଣ ଛାତ୍ର ଉତ୍ତୀର୍ଣ୍ଣ ହେଲେ ବାର୍ଷିକବିବରଣରୁ ପ୍ରକାଶ ପାଉ ନାହିଁ । ଭରସାକରୁଁ ଭବିଷ୍ୟତରେ ଏ ଅଭାବ ରହିବ ନାହିଁ । ଯେଉଁମାନେ ସଂସ୍କୃତଶିକ୍ଷାର ସାହାଯ୍ୟାର୍ଥେ ଅର୍ଥ ଦାନ କରି ସମିତିର କୃତଜ୍ଞତାଭାଜନ ହୋଇଅଛନ୍ତି ଆମ୍ଭେମାନେ ମଧ୍ୟ ସେମାନଙ୍କୁ ଧନ୍ୟବାଦ ଦେଉଅଛୁଁ । ଏବଂ ଆଶା କରୁଁ ଯେ ଉତ୍କଳର ଅନ୍ୟାନ୍ୟ ଧନାଢ୍ୟ ବ୍ୟକ୍ତିମାନେ ଏହି ଶୁଭ ଅନୁଷ୍ଠାନରେ ସାଧ୍ୟାନୁସାରେ ଯୋଗ ଦେବେ କାରଣ ଅର୍ଥ ସାହାଯ୍ୟ ବିନା ସମିତିର ହିତକାର୍ଯ୍ୟ ଅଗ୍ରସର ହେବା ଅସମ୍ଭବ । ପାଠକମାନଙ୍କ ଜାଣିବାକାରଣ ବାର୍ଷିକ ବିବରଣ ନିମ୍ନେ ପ୍ରକାଶ କଲୁଁ ଯଥା;—

ଓଡ଼ିଶା ସଂସ୍କୃତସମିତି ଦ୍ୱିତୀୟବର୍ଷ ଅତିକ୍ରମ କରି ତୃତୀୟବର୍ଷରେ ପଦାର୍ପଣ କରୁଅଛି । ଶ୍ରୀଯୁକ୍ତ ବି, ଏଲ୍, ଗୁପ୍ତ ଏସ୍କୋୟାର ମହୋଦୟ ସ୍ୱକାର୍ଯ୍ୟୋପଲକ୍ଷରେ ସ୍ଥାନାନ୍ତରକୁ ଗମନ କରିବାରୁ ସମିତିର ସଭାପତିତ୍ୱ ପରିତ୍ୟାଗ କଲେ । କଟକ ନୂତନ ଜଜ ଶ୍ରୀଯୁକ୍ତ ଏଫ୍, ଇ, ପାର୍ଜିଟର ଏସ୍କୋୟାର ମହୋଦୟ ବିଗତ ଜୁଲାଇ ମାସରେ ଉକ୍ତ ସଭାପତିତ୍ୱ ଗ୍ରହଣ କରିଅଛନ୍ତି । ସମିତିର କାର୍ଯ୍ୟନିର୍ବାହକ କମିଟିରେ ବର୍ତ୍ତିତ ବର୍ଷରେ କୌଣସି ପରିବର୍ତ୍ତନ ଘଟି ନାହିଁ । ଶ୍ରୀଯୁକ୍ତ ବାବୁ ରାଧାନାଥ ରାୟ ମହାଶୟ ସମିତିର ସମ୍ପାଦକରୂପେ ଏବଂ ଶ୍ରୀଯୁକ୍ତ ବାବୁ ହରବଲ୍ଲଭ ବସୁ ବି, ଏଲ, ମହାଶୟ କୋଷାଧ୍ୟକ୍ଷରୂପେ ପୂର୍ବବତ୍ କାର୍ଯ୍ୟ କରୁଅଛନ୍ତି ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓ ମହାଶୟ ଏବଂ ଶ୍ରୀଯୁକ୍ତ ବାବୁ ଚନ୍ଦ୍ରମୋହନ ମହାରଣା ବି, ଏ, ଯଥାକ୍ରମେ ସମିତିର ଜଏଣ୍ଟ ଓ ସହକାରୀ ସମ୍ପାଦକ ଅଟନ୍ତି ।

୨ । ପ୍ରୟୋଜନୀୟ କାର୍ଯ୍ୟ ନିର୍ବାହନିମନ୍ତେ ବର୍ତ୍ତିତବର୍ଷରେ କାର୍ଯ୍ୟନିର୍ବାହକ କମିଟିର ଯୋଡ଼ିଏ ଅଧିବେଶନ ହୋଇଥିଲା । ପ୍ରଥମ ଓ ଦ୍ୱିତୀୟ ସଂସ୍କୃତ ପରୀକ୍ଷା ବିଗତ ଫେବ୍ରୁୟାରିମାସରେ ଗୃହୀତ ହେଲା । ଉକ୍ତ ପରୀକ୍ଷା ଫଳକୁ ସନ୍ତୋଷଜନକ ବୋଲିବାକୁ ହେବ । ପ୍ରଥମ ପରୀକ୍ଷାରେ ନ ୧୪ ଓ ଦ୍ୱିତୀୟ ପରୀକ୍ଷାରେ ୯ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ଯଥାକ୍ରମେ ନ ୪ ଓ ୯ ଜଣ ଉତ୍ତୀର୍ଣ୍ଣ ହେଲେ । ବର୍ତ୍ତିତବର୍ଷର ପୂର୍ବବର୍ଷରେ ନ ୨୧ ଣ ମଧ୍ୟରୁ ନ ୧୧ ଣ ଉତ୍ତୀର୍ଣ୍ଣତା ଲାଭ କରିଥିଲେ । କଟକ ଜିଲ୍ଲାର ଗୋ ୭ ଓ ଗଞ୍ଜାମର ୪ ଟି ଟୋଲ ଉକ୍ତ ପରୀକ୍ଷାମାନଙ୍କୁ ଛାତ୍ର ପ୍ରେରଣ କରିଥିଲେ ।

୩ । ଜଗନ୍ନାଥସମିତି ଓଡ଼ିଶା ସଂସ୍କୃତସମିତିର ଶାଖା ହେଲେହେଁ ପୂର୍ବବତ୍ ସ୍ୱତନ୍ତ୍ରଭାବରେ ତଦନ୍ତର୍ଗତ ଟୋଲ ଛାତ୍ରମାନଙ୍କର ପରୀକ୍ଷା ଗ୍ରହଣ କରିଥିଲେ । ଏବଂ ବାଲେଶ୍ୱର ସଂସ୍କୃତସମିତି ଓଡ଼ିଶା ସଂସ୍କୃତସମିତିର ଶାଖା ନୋହିଲେହେଁ ଉଲ୍ଲିଖିତ ନିର୍ଦ୍ଧାରିତ ନିୟମାନୁସାରେ ବାଲେଶ୍ୱର ଜିଲ୍ଲାସ୍ଥ ଟୋଲର ଛାତ୍ରମାନେ ପରୀକ୍ଷିତ ହୋଇଥିଲେ ।

୪ । ଗତ ପୂର୍ବବର୍ଷର ଉଦ୍‌ବର୍ତ୍ତ ଟ୩୨୬୫୬ ସହିତ ବର୍ତ୍ତିତବର୍ଷର ମୋଟଆୟ ଟ ୧୦୬୮୫୬ ଏବଂ ମୋଟ ବ୍ୟୟ ଟ ୭୯୯୫ ହୋଇଥିଲା । ଅବଶିଷ୍ଟ ଟ ୨୬୧୮୭ କମିଟି ହସ୍ତରେ ଜମିତ ଅଛି । ନିମ୍ନଲିଖିତ ମହୋଦୟମାନେ ନିମ୍ନଲିଖିତରୂପେ ସମିତିକୁ ଅର୍ଥ ସାହାଯ୍ୟ କରିଅଛନ୍ତି ।

| | |
|---|---|
| ଶ୍ରୀଯୁକ୍ତ ରାଜା ବୈଦ୍ୟନାଥ ପଣ୍ଡିତ | ଟ ୩୦୦ |
| " ଏମ୍, ଏସ୍, ଦାସ ଏସ୍କୋୟାର୍ | ଟ ୧୦୦୯ |
| " ବାବୁ ହରବଲ୍ଲଭ ବସୁ ବି, ଏଲ, | ଟ ୧୦୦୯ |
| " ବାବୁ ଦହାରଲ୍ଲ ପଣ୍ଡିତ | ଟ ୧୦୦୯ |
| " ପାମୁଣ୍ଡାଗର ଜମିଦାର | ଟ ୧୦୦୯ |
| " ରାୟ ଗୋବିନ୍ଦବଲ୍ଲଭ ରାୟ ମହାଶୟ ବାହାଦୁର | ଟ ୩୨୯ |
| ଓଁ | ଟ ୭୩୨୯ |
| ବାଲେଶ୍ୱର ସମିତି ବହିଁକ ପ୍ରଦତ୍ତ | ଟ ୧୦୯ |
| ଓଁ | ଟ ୭୪୨୯ |

୫ । ଉକ୍ତ ମହୋଦୟମାନେ ସ୍ୱୀୟ ବଦାନ୍ୟତାଦ୍ୱାରା ଉଲ୍ଲିଖିତରୂପେ ସମିତିକୁ ସାହାଯ୍ୟ କରି ସମିତିର ଧନ୍ୟବାଦର ଭାଜନ ହୋଇଅଛନ୍ତି ।

ଶ୍ରୀ ରାଧାନାଥ ରାୟ
ଓଡ଼ିଶା ସଂସ୍କୃତ ସମିତିର
ସମ୍ପାଦକ

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଡବିଶପ୍ରସଲାର ଅଃ ଜଏଣ୍ଟମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମିଃ ଡବଲିଉ, ବ ଟମସନ ଅଗାମୀ ନବମ୍ବର ମାସ ତା ୧ ରିଖଠାରୁ ବର୍ଦ୍ଧମାନର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ଅସ୍ଥାୟୀ ନିମନ୍ତେ ନିଯୁକ୍ତ ହେଲେ ।

Digitized by srujanika@gmail.com

Split by PDF Splitter



ବଙ୍ଗୀୟ ବ୍ୟବସ୍ଥାପକ ସଭାର ସଭ୍ୟପଦରୁ ମାନ୍ୟବର ମିଃ ରମେଶଚନ୍ଦ୍ର ଦତ୍ତ ସିଃ ଆଇ, ଇ, ଇସ୍ତଫା ପ୍ରଦାନ କରିବାରୁ ତାଙ୍କର ଇସ୍ତଫା ମଞ୍ଜୁର ହୋଇଅଛି । ମିଃ ଉଡ଼ବର୍ଣ୍ଣ ସି, ଏସ୍, ଆଇ, ଏଥି ଆଗାମୀ ନବେମ୍ବରମାସ ତା ୧ ଦିନଠାରୁ କଟକ ଡିଭିଜନର କମିଶନର ପଦରେ ନିଯୁକ୍ତ ହେଲେ ।

ନିମ୍ନଲିଖିତ କର୍ମଚାରୀମାନେ ଆଗାମୀ ତା ୧ ଦିନଠାରୁ କଟକ ଡିଭିଜନ ଅଃ ଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହେଲେ ଓ ବଙ୍ଗୀୟ ପ୍ରଜାସ୍ୱତ୍ୱ ଆଇନ ଧା ୭ ଅ ପ୍ର ୧୬ ଅନୁଶାସନାନୁସାରେ ରେଭେନ୍ୟୁ ଅଫିସର କାର୍ଯ୍ୟର କ୍ଷମତା ପ୍ରାପ୍ତ ହେଲେ ଓ ଉକ୍ତ ଆଇନର ନିୟମର ଅ ୭ ଧାରାର ଧା ୧ ଅନୁଯାୟୀ ଡେପୁଟି କଲେକ୍ଟରଙ୍କ କ୍ଷମତା ପ୍ରାପ୍ତ ହେଲେ ।

ବାବୁ ହରୀଶଚନ୍ଦ୍ର କର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର
" ଦେବେନ୍ଦ୍ରପ୍ରସାଦ ଘୋଷ " "
" ଅମୃତଲାଲ ଗୁପ୍ତ ସବଡେଃ କଲେକ୍ଟର
" ଅକ୍ଷୟଚନ୍ଦ୍ର ଦାସ " "
" କାଳୀପ୍ରସନ୍ନ କାନୁନଗୋ " "
" ସୁଦର୍ଶନ ଦାସ " "
" ଅମୃତଶେଖର ମୁଣ୍ଡୀ " "
" ଶରତ୍ଚନ୍ଦ୍ରପ୍ରସନ୍ନ ଘୋଷ " "

ପୁରୀ ଡିଭିଜନରେ ନିମ୍ନଲିଖିତ କର୍ମଚାରୀମାନେ ଅଃ ସେଟେଲମେଣ୍ଟ କର୍ମଚାରୀ ପଦରେ ନିଯୁକ୍ତ ହେଲେ ।

ବାବୁ ଜ୍ୟୋତିରିନ୍ଦ୍ରମୋହନ ସିଂହ ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର
" କବିରାଜ ଦତ୍ତ " "

ବାଲେଶ୍ୱର ଡିଭିଜନରେ ନିମ୍ନଲିଖିତ କର୍ମଚାରୀମାନେ ଅଃ ସେଟେଲମେଣ୍ଟ କର୍ମଚାରୀ ପଦରେ ନିଯୁକ୍ତ ହେଲେ ।

ବାବୁ ରମେଶଚନ୍ଦ୍ର ଦାସ ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର
" ଯୋଗେଶ୍ୱର ବସୁ " "
" ଶ୍ୟାମଚରଣ ସେନ ସବଡେଃ କଲେକ୍ଟର
" ଗିରୀନ୍ଦ୍ର ଦତ୍ତ " "
" ଅଭୟପ୍ରସାଦ ଦାସ " "
" ବୈକୁଣ୍ଠ ମହାନ୍ତି " "

କଟକ ଡିଭିଜନ ସେଟେଲମେଣ୍ଟ ସ୍ପେସିଆଲ ଅଫିସର ନିମ୍ନଲିଖିତ ଅବୈତନିକ ମାଜିଷ୍ଟ୍ରେଟମାନେ ସେମାନଙ୍କ ସ୍ୱଶ୍ୟାରେ ଫୌଜଦାରୀ ମୋକଦ୍ଦମାର ବିଚାର କରିବାର କ୍ଷମତା ପ୍ରାପ୍ତ ହେଲେ ।

ବାବୁ ଦମ୍ଭଧର ଦାସ ବାବୁ ଶ୍ରୀକୃଷ୍ଣ ମହାନ୍ତି ।

ଓଡ଼ିଶା ଦକ୍ଷିଣର ଅଃ କଲେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କର ଦଶହରା ଛୁଟି ପର୍ଯ୍ୟନ୍ତ ଛୁଟିରେ ଆଗାମୀ ନବେମ୍ବର ମାସ ତା ୧୧ ଦିନରୁ ଆରମ୍ଭ ହେବ ।

କେନ୍ଦ୍ରାପଡ଼ା ଲୋକାଲ ବୋର୍ଡର ସଭ୍ୟ ପଦରେ ନିମ୍ନଲିଖିତ ବ୍ୟକ୍ତିମାନେ ନିଯୁକ୍ତ ହୋଇଅଛନ୍ତି ।

ବାବୁ ଶିବାଧର ଦାସଙ୍କ ପରିବର୍ତ୍ତରେ ମିଃ ଏଚ୍, ସି ସମ୍ପ୍ରତି
" ଲକ୍ଷ୍ମୀନାରାୟଣ ଦେବଙ୍କ ପରିବର୍ତ୍ତରେ ନୂତନ ସ୍ଥାପିତ ଦୋକାନ ଘର

ବାଲେଶ୍ୱର ମିଉନିସିପାଲିଟିର, ମେଡିକାଲ ଡିସ୍ପେନସାରୀର ଡାକ୍ତର ମିଃ, ଏଚ୍, ବେଣ୍ଟଲେ କହନ୍ତି । ସେହି ଆମ୍ବାତର ମଞ୍ଜୁର କରିଅଛନ୍ତି ।

---

ବୋମ୍ବାଇ ନଗର ପତ୍ରିକାରେ ଲେଖାଅଛି ଯେ ଉତ୍ତର ପଶ୍ଚିମାଞ୍ଚଳର ଏକ ମୌଜ ବସ୍ତିର ସମ୍ପର୍କରେ ଅନେକଙ୍କ ମଧ୍ୟରୁ ଜଣେ ଶୋଇ ପଡ଼ିବାରୁ ଜଳ ସାହେବ ତାହାଙ୍କୁ ଜାଗ୍ରତ ଅଛନ୍ତି ନହିଁବର କହିବାକୁ ଆଦେଶ ଦେଲେ । ସାହେବଙ୍କ ଉଚିତ ନୁହେଁ !

କେ ଘଡ଼ା ଭୂପାଳଠାରେ ପ୍ରତି ଅଶାନ୍ତି ଉପସ୍ଥିତ ହୋଇଅଛି । ଏହାର କାରଣ ଏକ ଦଳ ଲୋକ ସେଠା ସ୍ୱର୍ଗୀୟା ଭଲ ଆଶ୍ରମ କରି ରାଣୀଙ୍କି ମାଉପଦରେ ଅଛନ୍ତି ଏହାର ପରିଣାମ କ ହେବ କୋଇପାଇ ନ ପାରେ । ଜାପାନର ମନ୍ତ୍ରୀ ଏହା ଉପରେ ବସିବା ବାଲଣ ନୋଦିସ୍ୱାକୁ ସେହିଠ ହୋଇଅଛନ୍ତି । କଥିତ ହୁଏ କେତେକ ଜଣ ଜାପାନୀଙ୍କ ଦ୍ୱାରା ଏହି ହତ୍ୟାକାଣ୍ଡ ସାଧିତ ହୋଇଅଛି ।

ବୋମ୍ବାଇଠାରେ ଆଶ୍ରମ ଛଳିଦାଦ୍ୱାରା ଜାତୀୟ ମହାସମିତିର ଏକ ସ୍ଥାୟୀ ଫାଣ୍ଡ ଗଠିତ ହେବାର ଉଦ୍ୟୋଗ ଲାଗିଅଛି । ଯେ ଯାହା ଇଚ୍ଛା କରିବେ ଏମନ୍ତ କ ପରି-ମାଣରେ ଦେଲେ ମୁଦ୍ରା ତାହା ପୁସ୍ତକ ହେବାର ସ୍ଥିର ହୋଇଅଛି । ଜାତୀୟ ସମିତି ଜମିତ ଫାଣ୍ଡର ଉଦ୍ଦେଶ୍ୟ ପ୍ରଯୋଜନ ଏବ ଅନୁଦାୟ ଭାରତବର୍ଷରେ ଏ ଉଦ୍ୟମ କରାଯିବ ତେବେ ଅଳ୍ପକାଳ ମଧ୍ୟରେ ଲକ୍ଷ ଟଙ୍କା ଫାଣ୍ଡ ହୋଇ ପାରିବ ।

ଗତମାସ ତା ୧୪ ଦିନର ସମ୍ବାଦରୁ ପ୍ରକାଶ ଯେ ରୁଷିଆ ସାମ୍ରାଜ୍ୟର ଗାଲିସିଆ ପ୍ରଦେଶରେ ଓଲାଉଠା ରୋଗ ଅତ୍ୟନ୍ତ ବୃଦ୍ଧି ଲାଭ ଅଛି । ତହିଁ ପରେ ଏକସପ୍ତାହ ମଧ୍ୟରେ ୪୭୦୦ ଜଣ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ତହିଁମଧ୍ୟରୁ ୧୭୦୦ ଜଣ ମୃତ୍ୟୁମୁଖରେ ପତିତ ହୋଇଥିବାର କଥିତ ହୁଏ ।

ଉଦାମପୁ ହେଜା ଅବସ୍ଥାନଠାରେ କଥିତ ବସନ୍ତ-କାଳ ସମ୍ବାଦ ମିଳଇ । ଉହାର ପଶୁ ଲୋକ ଡ ୧୧ ଜଣ ହତ ଓ ୫୦ ଜଣ ଆହତ ହୋଇଅଛନ୍ତି । ଅପର ପକ୍ଷର ହତାହତ ସଂଖ୍ୟା ପ୍ରକାଶ ପାଇ ନାହିଁ ।

କାବୁଲର ଆମୀରଙ୍କ ପୁତ୍ର ନସିରୁଲ୍ଲାଖାଁ, ଗତମାସ ତା ୧୭ ଦିନରେ କନ୍ଦାହାରରେ ନବପଦରେ ପହଞ୍ଚିବାର ସମ୍ବାଦ ମିଳଇ ।

## ଯାଜପୁର ସମ୍ବାଦ ।

ବାସ୍ ଉଣାଶ୍ରାହ ହେଉ ଅତୀ ବୃଷ୍ଟି ନ ହେବାରୁ ଫସଲବନ୍ଦ ଲୋକଙ୍କର ଭୁଇଁ ଭୟ ହୋଇଥିବ ଏବ ବୃଷ୍ଟିମାନେ ଡାକୁଚକ୍ରାରୀ ଶାଳି ଓ ଶୁଷ୍କପାଣିଅଭାବରୁ ଜଳ ବୋହିବାର ନିଦ୍ୟୋଗରେ ଥିଲେ, ମାତ୍ର ଗତ ସୋମବାର ମଙ୍ଗଳବାରରେ ହଠାତ୍ ମେଘ ଉଠାଇ ଆସ୍ ୧୫ ଇଞ୍ଚ ଜଳ ପଡ଼ିବାରୁ ଭୂମିମାନଙ୍କର ପାଟିପ୍ରାୟ ଶୀତଳ ହୋଇ ଅଛି । ଶୁଣିବାରେ ଏହି ବୃଷ୍ଟି ଉତ୍ତର ସବଡିଭିଜନରେ ହୋଇ ନାହିଁ ।

କଟକରେ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟର ଶ୍ରୀଯୁକ୍ତ ମଡ଼୍ ସାହେବ ଗତ ସୋମବାର ଏଠାରେ ପହଞ୍ଚି ମିଉନିସିପାଲ୍ଟି ଡାକ୍ତରଖାନା ସବ୍ଡେଜେଷ୍ଟ୍ରରଙ୍କ ଅଫିସ ପୁଲିସଷ୍ଟେସନ ଏବ ଲୋକେଲବୋର୍ଡ ଅଫିସମାନ ଇତ୍ୟାଦି ଦର୍ଶନ କରି ବୁଧବାରଦିନ ପୁନର୍ବାର କଟକକୁ ପ୍ରସ୍ଥାନ କରିଅଛନ୍ତି ।

ଅଲଗାଡ଼ବଲା ବଡଗୋବିନ୍ଦପୁର ଗ୍ରାମର ପୂର୍ବୀ ଜାମ୍ବୀ ଦ ୧ ଦିନ ବାଗବାଡ଼ି ଭକ୍ତ ପ୍ରବର ତହସିଲ ମୌଜାର ପୁରୁଷୋତ୍ତମ ଦାସ ନାମକ ଯୁବକ ଅଜ୍ଞାତ ବେଳରେ ଅନ୍ୟ ଯୁବକଙ୍କ ସାହାଯ୍ୟରେ ମାଦପତାଙ୍ଗରତା ବଶତ୍ ଏକଘର ଜଣ କେତେକମାନ ବାହାର କରି ଦେବାରୁ ସବଡିଭିଜନ ହାକିମଙ୍କ ଦରବାରରେ ସେମାନେ ସୁପର୍ଦ୍ଦ ହୋଇ ଅଛି ।

---

ଶେଷ ସମ୍ବାଦ ପ୍ରକାଶପତ୍ର ପ୍ରଚାର ହେବାର ଦାବୀ ପ୍ରେର କଲରେ ରହିବାରୁ ଅଦ୍ୟ ଆଠଙ୍କରେ ମେଘର ଉପ-ଦ୍ରବ ଶୀତଳ ଲୁଣଥିଲ, ତହିଁ ଅଧିକାଂଶ ଦାଗୀମାନେ ଜେ-ଲରୁ ଫେରସ୍ତ ହେବାକୁ ପ୍ରକୋପ ବେଶୀର ଘଣ୍ଟା ବୃଦ୍ଧି ହୋଇଅଛି । ଗ୍ରାମ୍ୟ ଏକମାସ ମଧ୍ୟରେ ଗଭର୍ଣ୍ଣମେଣ୍ଟ ସେ-ଟେଲମେଣ୍ଟର ମେସ ମୋକଦ୍ଦମା ପ୍ରସଙ୍ଗରେ ଜାରି ହୋଇଥିବା ତହିଁ ମଧ୍ୟରୁ ଏକ ମୋକଦ୍ଦମାରେ ମୁକ୍ତା ପୁଲିସ ଆସାମୀ ପ୍ରେରଣ କରିବାର ଜାହାଙ୍କ ମଧ୍ୟ କେତେକ ମେସମୋକ-ଦ୍ଦମା ଉପରେ ସେହି ପ୍ରସଙ୍ଗରେ ଏହାର ମୁକ୍ତା ଦେଇ ଥାହାନ୍ତି । ଗତ ସେପ୍ଟେମ୍ବର ମାସ ତା ୨୦ ଦିନରେ ଏଠାର ଜଣେ ମୋକ୍ତାର ବାବୁ ଘଟେଶ୍ୱର ବାନାର୍ଜୀଙ୍କର ସାଇନ ମଧ୍ୟ ବଙ୍କାରୁ ହାଇକୋର୍ଟର ଲୁଗା ଏବ ମୋକ୍ତାର ଉପସ୍ଥିତ ପ୍ରଭୃତି ମେସ ଯାଇଥିଲା । ପୁଲିସ ତଦାରଖରେ କିଛି ହେଲା ନାହିଁ ଗତ ମଙ୍ଗଳବାର ଦିନ ତାଙ୍କର ବସାର ନିକଟରେ ରଘୁନାଥପୁରବାସୀ ଦାମୋଦର ମହାପାତ୍ର ନାମକ ଏକବ୍ରାହ୍ମଣ ଯୁବକ ଉପରେ ମେସ ଯାଇଥିବା ମାଲ ମଧ୍ୟରୁ ଏକ ଅଲଙ୍କାର ବନ୍ଧାଯିବା ଦିନ ବୁଲୁଥି-ବାର ଶ୍ରୀ ଘଟେଶ୍ୱର ବାବୁ ଦେଖି ପୁଲିସରେ ସେ ସମ୍ବୋ-ଦର ଦେବାରୁ ଅଣିବାର ବହୁତ ମାତ୍ର ମୋକ୍ତାର ବାବୁ ପୁଲିସରେ ଅଧି ଏତେ ଦେବାରୁ ପୁଲିସ ତଦନ୍ତରେ ପ୍ରକାଶ ପାଇଲା ସେ ଉକ୍ତ ଗ୍ରାମବାସୀ ଶମ୍ଭୁନାଥ ଦାସ ମେସ ଦାସ ଦାମୋଦରଙ୍କୁ ଦାନ କରିଅଛି । ଶମ୍ଭୁ ଏକଥାର ବଟ ଅଙ୍ଗ କେତେକ ମୁଦ୍ରା ତାହାର ଘର ଦେଲା । ଦଣ୍ଡରେ ଅମଲ ମେର ଶମ୍ଭୁନାଥ ପ୍ରଣାମ ପରଗଣାବାବୁ ଚଣ୍ଡୀଗମ ବାଗରବାଗପଣ୍ଡା ଏବଂ ମେଘମାଳ ଜୟଦାସ . ଦାମୋଦର ମହାପାତ୍ରଙ୍କୁ ୫୨୦ ଟଙ୍କା ଅର୍ଥଦଣ୍ଡ ହୋଇଅଛି ।

କଟକଠାରୁ ମେଦିନୀପୁର ବାଟେ ଦାକବାଙ୍ଗାଳିର୍ଯ୍ୟନ୍ତ ରେଲ୍ ବାଟ ଜମିଣ କଟିବାକାଳର ସେହି ଅଟକଣ ଏକଜିକ୍ୟୁଟିଭ ଇଞ୍ଜିନିୟର ନିଯୁକ୍ତ ହୋଇଅଛନ୍ତି ସେମାନଙ୍କ ମଧ୍ୟରୁ କର୍ତ୍ତ-ମାନ ଏକଜଣ ଏକଜିକ୍ୟୁଟିଭ ଇଞ୍ଜିନିୟର ଅପଣାର ଦଳ ବଳସହିତ ଅସୁଅବୋଠାରେ ପହଞ୍ଚି ତାଙ୍କ ପରିବାର କୋଠୀଘର ପ୍ରସ୍ତୁତ ହେବାପର୍ଯ୍ୟନ୍ତ ସେଠାଁ ଡାକବଙ୍ଗଳାରେ ଅବସ୍ଥାନ କରୁଅଛନ୍ତି । ସେ ସେପଥରେ କାର୍ଯ୍ୟନିର୍ବାହର ବନ୍ଦୋବସ୍ତ କରୁଅଛନ୍ତି ବେଶିରେ ଦଶହରାନନ୍ତରେ ରେଲ ଚଳିବାର ଅନୁମାନ ହେଉଅଛି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁଁ ।

---

### ଭାରତ ସମ୍ବାଦ ସମାଲୋଚନା ।

ମହାଶୟ !

ପ୍ରଶ୍ନ ନିଷ୍ପତ୍ତି ହେଲେ, ଚଳନ୍ତି ଜମଣ ଶେଷରେ ଜମଲାନ୍ତରରେ ଅନ୍ତର୍ଦ୍ଧାନ ହେଲେ, ଲକ୍ଷ୍ମୀଧନଙ୍କ ସାହାଯ୍ୟ ମିଳୁଅଛି । ସଥାସାଧ୍ୟ ଉପକାର୍ଯ୍ୟ ସାଧନ କରୁଅଛି । ଲକ୍ଷ୍ମୀଧନଙ୍କ ଅଭିଭାବକମାନେ ତହିଁପାଇଁ ଧନ୍ୟବାଦର ପାତ୍ର, କାରଣ ତହିଁରେ ସମସ୍ତ ସମୟରେ ଯେପରି ଗଭର୍ଣ୍ଣ ପ୍ରବନ୍ଧ ଓ କବିତା ପ୍ରକାଶ ପାଉଅଛି ତାହା ପାଠ କରି ମନରେ ଉତ୍ସାହର

Digitized by srujanika@gmail.com

ଉଦ୍ରେକ ହେଉଅଛି । ସମୟରେ ଉଡ଼ିଶ୍ୟାରେ ସୁକବି ଓ ସୁଲେଖକ ହୋଇପାରନ୍ତେ ଏ ଆଶା ମଧ୍ୟ ସହଜରେ ମନରେ ଉଦୟ ହେଉଅଛି ।

ଅଙ୍କ ନ ୧୨ ମ୍ବର ଉକ୍ତ ପତ୍ରରେ ପ୍ରକାଶିତ “ ଭାରତ ସଂହାର ” କବିତାଟି ସମ୍ପର୍କରେ ଦୁଇଏକ କଥା କହିବାକୁ ମନ ବଳଅଛି । ଲେଖକଙ୍କ ନାମ ପ୍ରକାଶ ପାଇ ନାହିଁ, କାରଣ ସେ ପ୍ରକାଶ ଚାହାନ୍ତି ନାହିଁ । ଯାହାହେଉ, ନାମରେ କଛି ଆସେ ଯାଏ ନାହିଁ, ଗୁଣରେ ସବୁ ଅଛି । ସୁକବିଙ୍କ ନାମ ଗୁପ୍ତ କଲରେ ଯେତେ ଘୋଡ଼ାଇ ରଖିଲେ ପ୍ରଥା ଅପେକ୍ଷା ଫୁଟି ପଡ଼ିବାକୁ ବାହାର ପଡ଼େ ! ସେ ଯାହାହେଉ ନାମଯେନ ବ୍ୟାକୁଳ ହେବାର ବର୍ତ୍ତମାନ ଜେତେ ଦରକାର ହୋଇ ନାହିଁ । କବିତାଟି ନୂତନ, ମାତ୍ର ଲେଖକ “ଶିକ୍ଷାନବିସ୍” ହେଲେ ତାଙ୍କର ଭାବର ଛଟା, ଭାଷା ଗୁମ୍ଫନ, ବଡ଼ “ପୋଖତା” ଧରଣର ବୋଧ ହେଉଅଛି । “କ୍ଷୁଦ୍ର କ୍ଷୁଦ୍ର” ଅବନତନୟନ, “ ମଳୀମସ ” ଶ୍ରୀପାଦେପରେ “କ୍ଷୁଦ୍ର କ୍ଷୁଦ୍ର” “ଅବନତନୟନ” ଓ “ମଳୀମସ” ହେଲେ ହୋଇ ଯାଇ ଅଛି ପୁଣି “ଝାଲରୁଦ୍ଧା” “ହେବାପାଏ” ଅବ ହେଲେ ଗୋଟି ଏକ ମଧ୍ୟ ଶୁଦ୍ଧ ନହୁ ବୋଧ ହେଉଅଛି । ଉପମା ଦୋଷ ମଧ୍ୟ ଠାଏ ଦୁଇଠା ଘଟିଅଛି ପ ୨୦୦ ବ ଠାରେ ।

... ... ...“ଜଳଦ ଗମ୍ଭୀର”
“ସ୍ୱରଜଣା ସ୍ୱରେ ଧୀରେ କହିଲେ” ... ..

ସୁଶ୍ରାବ୍ୟ ହେଲେ ମଧ୍ୟ କଷ୍ଟ ଅଡ଼ୁଆ ଲାଗୁଅଛି । ପ ୩୪୮ ଓ ପ ୩୫୦ ବ ଠାରେ

... ... ପଡ଼ିଛି ବଧିଲୁ ”
“ବଡ଼ ବଡ଼ ନୁହେ ! ପ୍ରବୃତ୍ତା କାମନା”

କେମନ୍ତ କେମନ୍ତ ଲାଗୁଅଛି ।

ପ ୪୪୫ ଠାରୁ ପ ୪୫୨ ବ ଯାଏ ଅତି ସୁନ୍ଦର ହୋଇଅଛି, ମାତ୍ର ଶେଷ ପଦଟି କାହିଁକି ଭଲ ଲାଗୁ ନାହିଁ । ଉପମାଟି ମଧ୍ୟ ଯଥାଯୋଗ୍ୟ ବା ସଙ୍ଗତ ବୋଧ ହେଉ ନାହିଁ ଯଥା ।

“ କାଳିନ୍ଦୀ କାଞ୍ଚଣା ନାନା ବାଜନା ତୁଲ୍ୟ ”
“ ଛନ୍ଦୀ ଏକ ଭାବେମାନେ ନାଚିଲା ଯମନା ”
“ରଣରଙ୍ଗେ, ସଙ୍ଗେହେଲେ ଯୋଜିଲେ ପଲକେ”
“ବିବିଧ ଆୟୁଧ, ଏବେ ଏବେ ହେବୋପମା ”
“ ଭରତାର୍ଥ କରିବାକୁ ଜୀବନ ସଂଗ୍ରାମେ ”
“ ଯୁଝେ, ଯଥା ମନୋଲକ୍ଷେ ପାଇ ନବବଳ”
“ ଖଙ୍ଗଖଣ୍ଡା ନାଦେ ଯାତ୍ରୀଗଣ ଶ୍ରାନ୍ତ କ୍ଲାନ୍ତ ”
“ ମୂହୂର୍ତ୍ତେ ଛାଣିବା ପାଇଁ ରଥ ନନ୍ଦଘୋଷ ” ।

ପୁଣି ଜଗନ୍ନାଥଦେବଙ୍କ ନନ୍ଦଘୋଷ ରଥର ଉପମା କିଛି ବେସି ହୋଇ ପଡ଼ିଥିବାର ଜଣା ପଡ଼ୁଅଛି ।

ଦୋଷ ପରିହାର କଲେ, କବିତାଟି ଉତ୍କଳ ସାହିତ୍ୟ କ୍ଷେତ୍ରରେ ଅଭ୍ୟାଦରର ପଦାର୍ଥ ହେବାର ସୂଚନା ଦେଖାଉଅଛି । ସୁନ୍ଦର ଛନ୍ଦରେ ପୂର୍ଣ୍ଣ, ତରୁଣ ବୟସ, ତେଜସ୍ୱୀ ଲେଖା ପୁଣି ଭାଷା ଓ ଭାବରେ ଅଙ୍ଗ ପୂର୍ଣ୍ଣ ।

“ ଦୁର୍ଜ୍ଜୟ ଦୁର୍ଦ୍ଦାନ୍ତ ମହାଭାରତ ଦାନବ ”
“ କଗ୍ରିଲ କବଳୁ କର କ ପର ଉଧାର ”
“ ଦୁର୍ଲ୍ଲଭ ତ୍ରିଦଶାଳୟ ହେବ ସେନାପତି ”
“ ହୋଇ ଦେବ ସେନାପତି, ଅବନତନୟନେ ”
“ ଢଳେ ଶର ସୃଷ୍ଟି, କର ମାଡ ବାଣାପାଣି ”
“ ସ୍ୱୟମ୍ଭୂ ଜନନୀ, ବନ୍ଦି ଚରଣାରବିନ୍ଦେ ”
“ ମାଗୁଛି ଏ ମୂଢ଼ ନୋହି କବିଯଶ ଇପ୍ସୁ ”
“ ଇନ୍ଦ୍ରନାଭ ଯୋଗିବାକୁ ଜିଦବ କାହାଣି ”
ମଙ୍ଗଳାଚରଣ ମନ୍ଦ ହୋଇ ନାହିଁ ।

ମଇକେଲଙ୍କର ।

“ ବନ୍ଦି ଚରଣାରବିନ୍ଦ, ଅତି ମନ୍ଦମତି ”
“ ଆମି ଡାକ ଆବାର ହୋ ମାଧୃଷ୍ୟେତଭୁଜେ”
“ ଭାରତ ! ଯେ ମତ ମାତଃ ବସିଲା ଅସିଯା ”
“ ବାଲ୍ମୀକିର ରସନାୟ (ପଦ୍ମାସନେ ଯେନ)”
“ ଯବେ ଖରତରଶରେ, ଗହନ କାନନେ ”
... .. ... ... ..

ବଡ଼ ସଙ୍ଗେ ସାନର ତୁଳନା ଦୃଷ୍ଟି କରିବୁ ନ୍ତୁଥାଇ ସତ୍ୟ, ମାତ୍ର ଉପରେ ଯାହା ଉଦ୍ଧୃତ କରାଗଲା ତୁଳନାରେ ତାହା ନିକୃଷ୍ଟ ଥିବାର ବୋଲାଯାଇ ନ ପାରେ ।

“ ଭାରତ ସଂହାର ” ରଚନା ପୂର୍ଣ୍ଣହେଲେ ଖଣ୍ଡିଏ କାବ୍ୟ ହେବ । ପଦ୍ୟକ୍ଷେତ୍ରରେ କପଦ ସ୍ଥାନ ପାଇବ ବର୍ତ୍ତମାନ ବୋଲାଯାଇ ନ ପାରେ । ତାହା ବହୁଷ୍ୟତ ଗର୍ଭରେ, ମାତ୍ର ପ୍ରଥମ ସର୍ଗ ପାଠରେ ଯାହା ସୂଚିତ ହେଉଅଛି ତହିଁରୁ ବୋଲାଯାଇ ପାରେ ଲକ୍ଷଣ ମନ୍ଦ ନୁହେ ଲେଖକଙ୍କର କଳ୍ପନା ଶକ୍ତିରେ ବଳ ଓ ତେଜ ଅଛି । ଗୁମ୍ଫନ ବେଶ ଅଛି । ଭାବର ଗମ୍ଭୀରତା ଓ ପୂର୍ଣ୍ଣତା ମଧ୍ୟ ଲକ୍ଷିତ ହେଉଅଛି । ସଙ୍ଗେ ସଙ୍ଗେ ଭାବ ଓ ଭାଷାର ସାମଞ୍ଜସ୍ୟ ରହିଅଛି । ପୁଣି ରଚନା ନୈପୁଣ୍ୟରେ ବଶସ୍ୱ ବର୍ଣ୍ଣିତା ଯେପରି ଶ୍ଳୋକରେ ଖୁଲିଅଛି, କାବ୍ୟଖଣ୍ଡି ସେହିପରି ଭାବରେ ସମାପ୍ତ ହେଲେ ସର୍ବାଙ୍ଗ ସୁନ୍ଦର ହେବାର ସମ୍ଭାବନା । ଅନ୍ତରେ କସ୍ତୁ-ବଂଶ ଉଦ୍ଧୃତ କରି ଏ ପ୍ରବନ୍ଧ ଶେଷ କରିବାକୁ ଇଚ୍ଛା ।

ଚତ୍ରକର ଓ କବି ଦୁଇଙ୍କ ମଧ୍ୟରେ ପାର୍ଥକ୍ୟ ଅଳ୍ପ, କିଛି ନାହିଁ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ରାଇଫେଲଙ୍କର ଚିତ୍ରପଟ, ମିଲଟନଙ୍କର କବିତାର ଭାବ ଓ ସୌନ୍ଦର୍ଯ୍ୟ ଏକଇ ପ୍ରକାର । ପାର କାଟିଲେ ଚତ୍ରକର ହୁଅନ୍ତି ନାହିଁ । ଲେଖୁଁ ଲେଖୁଁ ଯାହା କଟିଗଲା, ସେ ଲେଖା ଲେଖା ନୁହଇ । “ ଭାରତସଂହାର ” ପାଠ କଲ ମନରେ ହେଉଅଛି, ଲେଖକ ଚତ୍ରପଟ ପ୍ରାୟ କଳ୍ପନାଦେବୀଙ୍କି ଚକ୍ଷୁରେ ରଖି ଯାହା ଦେଖୁଥିଲେ ତାହା ଅଙ୍କିତ କରୁଥିଲେ । ଦେବ-ସ୍ୱାଜଙ୍କର ଶୋଚନୀୟ ଅବସ୍ଥାରେ ଅପ୍ଳୁତ ଥିଲେ ସ୍ୱଇସ୍ୱଂ ସେ ଛନ୍ଦେ “ଅମର ବଚନରେ” ଆରମ୍ଭ କରିଦେଲେ ।

“ହାୟରେ ଦାରୁଣ ବିଧି କ ନ କରୁଇହି”
“ଦେବଗଣେ ଏଦୁର୍ଦ୍ଦଶା ଅନ୍ୟେ କ ନ କରୁ”
“କ ଅଧପତନ ଅହୋ କେଡ଼େ ବିପର୍ଯ୍ୟୟ”
“ବିଦ୍ୟୁତ ପ୍ରଭା ଜିଣି ପ୍ରଭାସ୍ୱିନିରେ ପ୍ରଦୀପ୍ତ”
“ତ୍ରିଦିବରୁ ତାଡିତ ଅହୋ ସୁରଗଣେ”
“ଅସୀମ ତମସାବୃତ ହିମାଦ୍ରି କନ୍ଦରେ”
“ଖଇଆ ବଦରେ-ହିସ୍ରୀ ଜନ୍ତୁର ପଢନ୍ନେ”
“ପଶ୍ଚାନ୍ତର ସ୍ଥାନ ଏଥି ମର୍ମଭେଦ ଦୃଶ୍ୟ;

ଦେବତା ହେଲେ ମଧ୍ୟ ରକ୍ତମାଂସ ପିଣ୍ଡ, ଷୂର୍ବାବସ୍ଥା ଚନ୍ତାରେ ବ୍ୟସ୍ତ ହୋଇ ଦେବସ୍ୱାଜ ଆପେ ଆପଣାକୁ ଦାୟୀ କରୁଅଛନ୍ତି । ଉଚ୍ଚ-ମନାମାନେ ବିପଦଗ୍ରସ୍ତ ହେଲେ, ଦୋଷ ଆପଣା ମୁଣ୍ଡରେ ନିଅନ୍ତି ! ବିପଦରୁ ଉଦ୍ଧାର ଶକ୍ତି କନ୍ତୁ ତାଙ୍କର ଠାରେ ଥାଏ । ଦେବସ୍ୱାଜ ପୁନଶ୍ଚ କହିଲେ

* * * * *

“ ମୋ ଅଦୃଷ୍ଟବଶୁଁ ତ୍ରିଦିବ ସମ
ସୁବିମଳ ସମୁଜ୍ଜ୍ୱଳ କାନ୍ତି ପ୍ରଭାହୀନ
ଅବିରତ ଛଦନେ ଆଜି, ଅହୋ କ ଦୁର୍ଦ୍ଦଶା
ବଦରେ ହୃଦୟ ଦେଖି ଏ ପରିବର୍ତ୍ତନ
କ ନ କର ପାରୁ ଦୁଃଖାବବେ ଶବାସ୍ଥୀ
କେଡ଼େ ପରାକ୍ରମୀ ଭୂହରେ ଦାରୁଣଭୂଃଖ ।

ଏପରି ଉକ୍ତିଯୋକ୍ତି ପରେ କେଡ଼େ ସୁନ୍ଦର ପଦ ନିସୃତ ହୋଇଅଛି, ପାଠ କଲେ ବାସ୍ତବିକ ମନ ଗଦ ଗଦ ହୋଇଯାଏ ।

Digitized by srujanika@gmail.com

Split by PDF Splitter



“ନରକ ପାଇବୁ ଭୁଞ୍ଜି କେତେ କଷ୍ଟ ମନେ
“ନିଜ ନିକେତନ ଜାଣେ ପରାକ୍ରମୀ ମନ
“ସ୍ୱର୍ଗ କ୍ଷମ ଯହିଁ ତହିଁ ରଚିବାକୁ
“ନରକ ମଧ୍ୟର ଅସ୍ତ; ସ୍ୱର୍ଗର ତ୍ରିଦିବେ
“ନରକ ଯନ୍ତ୍ରଣା ଘୋର; ମଣଇ ନରକ
“ ଦୁର୍ଲ୍ଭ ତ୍ରିଦଶାଳୟ ” + +

ଏହିଠାରେ ମିଲ୍‌ଟନଙ୍କର ସେହି କାଳ୍ୟ-କାଳ ଘୋଷିତ

“ The mind is its own place and in itself
“ Can make a Heaven of Hell, a Hell of Heaven ”

ମନରେ ପଡ଼ୁଅଛୁ । ସମ୍ଭବତଃ କବିଙ୍କ ମନରେ ମଧ୍ୟ ଗୁଣଗୁଣ ହେଉଥିବ । ହେଲେ କେହି ତାହାଙ୍କୁ ଜଣା ପଡ଼ିଲେ ନାହିଁ । ଲେଖି ଜାଣିବା ଲୋକ କଥା ଅଲଗା, ପୁଣି କବି ହେଲେତ କଥା ନାହିଁ । ଦେବଗଣ ବନ୍ଦୀଭୂତ ହେଲେ, ଜଗର ଜଙ୍ଗ୍ର କେତେକେ ଛାଡ଼ି ପାରନ୍ତେ । ଆପେ ଆପଣାକୁ ଦୁଃଖ ମୁଖରେ ବଳଦାନ ହେବାକୁ ଉଦ୍ୟତ, ନେତ୍ରେ ସ୍ୱନର କହିଲେ

“ତୁମ୍ଭେ ଏବା ରାଜ ଧର୍ମ୍ମ ବପଦେ ସ୍ୱଜନେ
“ ଛାଡ଼ିଯିବା ବନ୍ଧୁଁ ପିଣ୍ଡେ ପ୍ରାଣବାୟୁ,,
* * * *

“ଶିବରେ ସର୍ଗର ଅହୋ ସ୍ୱବଲେ ମନରେ
“ଯଉପଦ ସେବା-ଘୋର ନରକ ଯନ୍ତ୍ରଣା,
“କେମନ୍ତ ସେ ପ୍ରାଣ ଯେ ତା ମଣେ ସୁଖକର?
“ନଇମେ କ କାର୍ଯ୍ୟ ଅଛି ? ଥରେ ଧର ବକ୍ତ୍ର
“ପଡ଼ିଶ ଗଣେ ଏବା, ଦେଖେ ତ ଅଛୁ ଭାଗ୍ୟରେ
“ମନର ସାଧନ କବା ଶଙ୍କର ପରନ, ”

ଧନ୍ୟ କଳ୍ପନା ! ଅଗ୍ନ ଦେବଗଣ ଘୋଟିଏ ଜମାଇଦେଇଅଛୁ । ସମସ୍ତେ ମେଳ କଲେ ପର ଦେବତାମାନେ ଏକ ସ୍ଥାନରେ ରୁଣ୍ଡ । କେହି କାହାରିକୁ ଚିହ୍ନା ନୁହନ୍ତି । ସମସ୍ତଙ୍କର ଏକ ଦଶା । ଦେବରାଜ ଅମୃତଥା କହି ଉଠନ୍ତେ ହେଲେ, ସମସ୍ତେ ତାଙ୍କ କଥା ଶୁଣିଲେ, ତନ୍ ଏହିଠାରେ କସ୍ତୁକର ଉପସ୍ଥିତ ହେଲେ

“ଏବେ କହ ଉଚ୍ଚ ହେଲେ ସହସ୍ରାକ୍ଷ
“ଦେଖି ସସ୍ତ୍ରାନେ ସବ୍ ସୁଦର ନଦନେ
“ କାଷ୍ଟ ପୁତଳିକା ପରି ଉପେକ୍ଷି ଅସ୍ୱଳ
* * * * *

“ଗୃହେ ଏକ ଦୁର୍ଗେ ଯଥା କେଶାଳୀ କଙ୍କାଳୀ

“ମରବସ୍ଥା କାଶ୍ମୀର ପଶ୍ଚିମ ଶୈଳଗିରି
“ଥାଏ ଜାଳାଜାଳ ଲକ୍ଷ ଲକ୍ଷ ନର ନାଶି
“ଦୁଲ ଅମୃକ୍ଷାନ ସର୍ବେ ସରଧାବାଲରେ
“ବଗ୍ରହଳେ ମେଘାଛନ୍ନ ଅନ୍ଧାର ଦକସେ
“ନନ୍ଦଘୋଷ ରଥୋପରେ ଦେବ ଜଗନ୍ନାଥ
* * *

ପ୍ରବନ୍ଧ ଦୀର୍ଘ ହୋଇପଡ଼ୁଅଛି, ନୋହିଲେ ଲେଖିବାକୁ ଅନେକ ରହିଗଲା । କବ ଜାଗସୂ ଭାବ ଯେପରି ଚେତନପୂର୍ଣ୍ଣ ଭାବରେ ଲେଖି-ଅଛନ୍ତି ତାହା ନ ପଢ଼ିଲେ ଅନୁଭୂତ ହେବ ନାହିଁ । ଏହି କେତୋଟି ପଦ ଉଦ୍ଧୃତ ନ କରି କ୍ଷାନ୍ତ ହୋଇ ପାରିଲୁଁ ନାହିଁ ।

“ବମୁଖ ନୃହଇ ବଧି ଏକାକୀ ବାସବେ
“ଚସାଇଛି ଏକ ଜାଟେ ଅଦଭ ଜନନେ
“ସର୍ବେ କବ ପ୍ରେମ ଡୋରେ—ପଶିତୁ ବଟନ୍ତୁ
“କୋମଳ ମୃଣାଳ ସୂକ୍ଷ୍ମ ସୂତ୍ରୁ ବନ୍ତୁ,
“ଦେବଗଣ ଗ୍ରାହ୍ୟରଜ ହାସ୍ୟ ଅସ୍ତମିତ
“ଥାଉ ଦବ୍ୟ ନେତ୍ର, ହାସ୍ୟ, ଅଦଭନନେ
“ନ ଚଳନ୍ତ ପରସ୍ପରେ ! * * * *
“ଜାଗସୂ—ଗୀବନଚଣ୍ଡ ଦଣ୍ଡବା ଯତନେ
“ଧର କର୍ଣ୍ଣଧାର ଦୃଢ଼େ ଶୋକ-ସିନ୍ଧୁ ନୀରେ
“ ଉଜାଳ ଉର୍ଦ୍ଧ୍ୱେ ପୂର୍ଣ୍ଣ ବିପଦ ସଙ୍କୁଳେ
“ତରିବା ମନବାସନା—ସା ଥାଉ କପାଳେ ଇତ୍ୟାଦ
* * * * *

ଅଳ ଏତିକ । କବତାଟିର ଆଦ୍ୟପ୍ରାନ୍ତ ତନ୍ନତନ୍ନ ଦେଖିଲେ ଅଭାବିତ ଓ ମହତ ଭାବ-ମାନ ଉହିତ ସ୍ୱକାର କଣାପଡ଼ିବ । “ ଜାଗସୂ-ତାର ” ନାମଟି ରହିଅଛି । “ ତ୍ରିଦଶାଳୟ ” “ ଜାଗୁଥାଉ ” ଭଳି ଅଦ୍ଭୁତ ପାଠକଙ୍କ କଳ୍ପନାରେ ମଧ୍ୟ ନୂତନ ନୂତନ କରୁଅଛୁ ।

“ ଭାରତ ସହାର ” ପୂର୍ଣ୍ଣ କଲେବର ପ୍ରାପ୍ତ ହୋଇ ପ୍ରତିଷ୍ଠା ଲାଭ କରୁ କାବ୍ୟମନ-ଦାନ୍ୟରେ ଏହି ପ୍ରାର୍ଥନା ।

ଭବଦୀୟ
ଜଣେ ପାଠକ

## ମୂଲ୍ୟପ୍ରାପ୍ତି ।

ବାବୁ ଶ୍ରୀ କମଳଲୋଚନ ପାଣିଗ୍ରାହି ବେହରା ପୁର

| | | |
|---|---|---|
| | ପିପିଲି ପୁର | ଟ ୧୮ |
| ,, ବନ୍ଧୁ ଚରଣ ଦାସ | କାନ୍ତପଡ଼ା | ଟ ୧୮ |
| ,, ଶ୍ରୀ ଗୋପାଳ ପଟ୍ଟନାୟକ | କଟକ | ଟ ୮୯ |
| ,, ଚିନ୍ତାମଣି ଦାସ | ଜଗନ୍ନାଥପ୍ରସାଦ | ଟ ୬୯ |
| ,, ମଧୁସୂଦନ ଦାସ ଶିକ୍ଷକ | ଚନ୍ଦବାଲି | ଟ ୧୮ |

# ବିଜ୍ଞାପନ ।

## ନୂତନପୁସ୍ତକ ।

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଙ୍ଗ୍ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

| | | |
|---|---|---|
| ତୁଳସୀସ୍ତବକ | (ବର୍ଦ୍ଧିତ ସଂସ୍କରଣ) | ଟ ୦ ⁄ |
| ପଣ୍ଡିତଅନାଲୋଚିତା | (୫ମ. ସଂସ୍କରଣ) | ଟ ୦ ⁄ |
| ମାଳା | (ସରଳ ସୁମଧୁର କାବ୍ୟ) | ଟ ୦ ⁄ |
| ବସ୍ତ୍ରହରଣ ଚଉତିଶା ୬ଷ୍ଠ ସଂସ୍କରଣ | | ଟ ୦ ⁄ |
| ବସନ୍ତଚିନ୍ତନ ଚଉତିଶା ୧ମ ସଂସ୍କରଣ | | ଟ ୦ ୯ |
| ଗୋ ଚଉତିଶା ୧ମ ସଂସ୍କରଣ | | ଟ ୦ ⁄ |
| ବଷଟ୍ଟକ (ମଧ୍ୟବୃତ୍ତିରେ ରଚିତ) | | ଟ ୦ ⁄ |
| ଗଜନମାଳାର ଅର୍ଥପୁସ୍ତକ | (୨ୟ ସଂ) | ଟ ୦ ୬ |
| ନାଗସ୍ତୋତ୍ରର ବର୍ଣ୍ଣଶିକ୍ଷା | | ଟ ୦ ⁄ |
| ଦୁର୍ଗାବନ୍ଦନା | ( କାବ୍ୟ ) | ଟ ୦ ⁄ |
| ପଦ୍ମଭଙ୍ଗା | ଟ ୦ । ସ୍ଥଳେ | ଟ ୦ ⁄ |
| ଧ୍ୟାନମାଳା | ( ସଂସ୍କୃତ ) | ଟ ୦ ୯ |

# ବିଜ୍ଞାପନ ।

## ନୂତନ ପୁସ୍ତକ ।

## ବିଳାସିନୀ ।

( ଉପନ୍ୟାସ )

କଟକ ପ୍ରିଣ୍ଟିଙ୍ଗ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଏକଟଙ୍କା ମୋଫସଲରୁ ଡାକମାସୁଲ ଏକଅଣା ମାତ୍ର ।

## ଭଗବଦ୍‌ଗୀତା ।

( କୃଷ୍ଣସିଂହ ମହାରାଜଙ୍କ ଶ୍ଲୋକସହ ଅନ୍ତ-ର୍ଗତର ପଦ୍ୟ ) ମୁଦ୍ରିତ ହୋଇ ବିକ୍ରୟ ହେଉଅଛି । ମୂଲ୍ୟ ଏ ୧ ଟ ୦ । ଡାକମାସୁଲ ଟ ୦ ୬

KEY TO LETHBRIDGE'S EASY SELECTIONS

( Minor course for 1896 )

*IS OUT*

*Price Rs. 1.*

To be had of the Secretary Printing Company Cuttack.

## NOTICE.

Wanted a private tutor for the son and nephew of the undersigned both reading same lessons. Salary Rs. 20 per month with free quarters. None need apply

Digitized by srujanika@gmail.com

Split by PDF Splitter



who has at least not appeared in the C. U. Entrance Examination with Sanscrit. Preference will be given to one who has experience in teaching. Applications with testimonials will be received up to the end of this month.

Bhadrow, 3—10—'95. } Hara Mohan Roy Choramony, *Zemindar*, Bhadrow P. O. NIALI.

## ବିଜ୍ଞାପନ ।

### ନୂତନ ନୂତନ ନୂତନ

### କବି କର୍ଣ୍ଣ ବିରଚିତ

| | | |
|---|---|---|
| ସତ୍ୟଭାମାସ୍ବୟଂବର ଜନ୍ମପାଲା | ମୂଲ୍ୟ | ଟ ୦/ ଏକଅଣା |
| ପଦ୍ମଲୋଚନ ପାଲା | ମୂଲ୍ୟ | ଟ ୦/ |
| ମର୍ଦ୍ଦଗାଜୀ ଜନ୍ମପାଲା | ମୂଲ୍ୟ | ଟ ୦/୬ |
| ଦୁରଅର୍ଜୁନ ପାଲା | ମୂଲ୍ୟ | ଟ ୦/୬ |
| ଭୃଗୁଭାସ୍ ପାଲା | ,, | ଟ ୦/ |
| ଭ୍ରମରବର୍ଲି ,, | ,, | ଟ ୦/୨ |
| ମର୍ଦ୍ଦଗାଜୀଭଗ୍ନ ପାଲା | | ଟ ୦/୬ |

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅନ୍ୟାନ୍ୟ ପାଲାମାନ ଯନ୍ତ୍ରସ୍ଥ ଅଛି

## CHEAP ! CHEAP ! CHEAP !

### SCHOOL BOOKS.

Prescribed for the Collegiate school and H. E. schools.

### JUST TO HAND.

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

## ବିଜ୍ଞାପନ ।

### ନୂତନ ! ନୂତନ !! ନୂତନ !!!

### ଦାର୍ଢ୍ୟତାଭକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୫୨ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା ମୋହସଲକମନ୍ତେ ଡାକମାସୁଲ ଟ ୦/

## NOTICE

## THE DWIBHASI.

*SECOD EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପା ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

## ବିଜ୍ଞାପନ ।

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓ୍ୱାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଳେଶରେ ପାଇପାରିବେ ।

## ସଙ୍ଗୀତସର୍ବସାର !

### ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ୨୦୦ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ନେପାଳୀଭଜ ସ୍ତନଧୁଲି—ସ୍ୱରର ଅତି ଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଅଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପା ଲ୍ଦ୍ଏଜେଣ୍ଟ ବାବୁ ରାମଚନ୍ଦ୍ର ମୁଖୁର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ଶୁଭସଂବାଦ ।

ଆୟୁର୍ବେଦୀୟ ମେଡିକଲ ମ୍ୟାନୁଫ୍ୟାକ୍‌ଚରିଂ କୋମ୍ପାନୀ ଅବ ଇଣ୍ଡିଆ, ଲିମିଟେଡ୍ । କାଲିକତା, ବେଙ୍ଗଲ ।

ଔଷଧର ମୂଲ୍ୟ ଶତକଡ଼ା ଟ ୨୫ ଙ୍କା ଊଣା ହେଲା ।

କୋମ୍ପାନୀର ପ୍ରସ୍ତୁତ ଆୟୁର୍ବେଦୋକ୍ତ ତୈଳଦ୍ରବ୍ୟ ମୋଦକାଦି ଔଷଧ ସମୂହ ଯେପରି ବିଶୁଦ୍ଧ ଏବଂ ଗୁଣକାରୀ ଓ ସୁଲଭ ମୂଲ୍ୟରେ ବିକ୍ରୟ ହୁଏ ସେପରି ଆଉ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ବିଶୁଦ୍ଧତା ବିଷୟ କୋମ୍ପାନୀ ଦାୟୀ । ଅତି ସୁଲଭ ମୂଲ୍ୟରେ ଯାହାର ବିଶୁଦ୍ଧ ଔଷଧର ପ୍ରୟୋଜନ କୋମ୍ପାନୀ ନିକଟକୁ କେବେ ପତ୍ର ଲେଖିବାର ଭୟ ନାହିଁ । ରୋଗର ଅବସ୍ଥା ବିବରଣ ପଠାଇଲେ ବ୍ୟବସ୍ଥା ଦିଆ ଯାଏ ।

**ଔଷଧର ମୂଲ୍ୟ ଅଗ୍ରିମ ଦେୟ—** ଯାହାର ରେଲୁୱେପାର୍ଶ୍ୱରେ ଔଷଧ ନେବାର ପ୍ରୟୋଜନ ତାହାକୁ ଅନ୍ତତଃ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନଚେତ୍ ଅଦେଖାଜ୍ଞାରେ ଔଷଧ ପ୍ରେରିତ ହେବ ନାହିଁ ।

**ବୈଦ୍ୟନାଥ ବଟି—** ନିୟମିତ ବ୍ୟବହାର କଲେ କଷ୍ଟସାଧ୍ୟ ପ୍ରମେହ ରୋଗ ନଷ୍ଟ ହୋଇଯାଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ୱପ୍ନଦୋଷ ଶୁକ୍ରକ୍ଷୟ ପ୍ରଭୃତି ଏକାବେଳକେ ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୭ ବଟି ୧। ଟଙ୍କା ଡାକଖରଚ ।୵ ଅଣା ।

**ଘୋରକଲ୍ପନ୍ତ ତୈଳ—** ବ୍ୟବହାରରେ କେଶ ଘନ, ଭ୍ରମରକୃଷ୍ଣ ଏବଂ ରେଶମ ପରି ଦୀର୍ଘ ଓ ଶୋଭାଯୁକ୍ତ ହୋଇ ସମଧିକ ବୃଦ୍ଧି ପାଏ ଏବଂ କେଶର ଅକାଳପକ୍ୱ ଓ ପତନ ନିବାରିତ ହୁଏ । ଏହାର ଗନ୍ଧ ଅତି ମନୋହର ଏବଂ କୋମଳତାମୟ । ଏଥିରେ ମସ୍ତିଷ୍କ ସୁଶୀତଳ କରେ, ଏହା କେବଳ ମର୍ତ୍ତ୍ୟ ଭୂମିରେ ମଳୟାନିଳ । ଏହା ଅପେକ୍ଷା ଜନାତ୍ମାରଯୋଗୀ ସୁବାସଯୁକ୍ତ ତୈଳ ଆଉ ଆବିଷ୍କାର ହୋଇ ନାହିଁ ।

୧ ଶିଶି ୧ ଟଙ୍କା, ଡାକଖରଚ ।୵ ଅଣା ।

**ଦନ୍ତସଂସ୍କାର ଚୂର୍ଣ୍ଣ—** ଏହା ବ୍ୟବହାରରେ ଦନ୍ତର ଓ ଦନ୍ତମୂଳର ଯେ କୌଣସି ରୋଗ ଥିଲେହେଁ ଅତ୍ୟଳ୍ପ ଦିନ ମଧ୍ୟରେ ନିବାରିତ ହୁଏ । ଏହା ଅପେକ୍ଷା ଦନ୍ତୋପଯୋଗୀ ଏବଂ ସୁଗନ୍ଧଯୁକ୍ତ ଦନ୍ତମଞ୍ଜନ ହୋଇ ପାରେ ନାହିଁ

୧ କୌଟା ୦।୵ ଅଣା ଡାକଖରଚ ।୵ ଅଣା

**ଭୃଙ୍ଗରାଜକୌମୁଦୀ ତୈଳ—** ବ୍ୟବହାରରେ ଚକ୍ଷୁ ଶୀତଳ ଏବଂ ପକ୍ୱକେଶ କଳା ହୁଏ । ଏହା କଳାକୋପଯୋଗୀ ଓ ମନୋମୁଗ୍ଧକର ସୁଗନ୍ଧଯୁକ୍ତ ।

୧ ଶିଶି ୧ ଟଙ୍କା ଡାକଖରଚ ।୵ ଅଣା ।

୧ ଡଜନ ୯ ଟଙ୍କା ।

କୋମ୍ପାନୀର ବର୍ତ୍ତମାନ ମୂଳଧନ ୨୦୦୦୦ ଟଙ୍କା ୨୦୦ ଅଂଶରେ ବିଭକ୍ତ । ପ୍ରତିଅଂଶର ମୂଲ୍ୟ ୧୦୦ ଟଙ୍କା ଅଂଶପ୍ରତି ବର୍ତ୍ତମାନ ଟ ୨୫ ଙ୍କା ଦେୟ । ଶୀଘ୍ର ୧୦୦୦୦୦ ଲକ୍ଷ ଟଙ୍କା ମୂଲ୍ୟ ବୃଦ୍ଧି ହୋଇ ୧୦୦୦୦ ଅଂଶରେ ବିଭକ୍ତ ହେବ ଏବଂ ପ୍ରତିଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବଂ ଅଂଶପ୍ରତି ୨। ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ କ୍ରୟ କରିବାକୁ ଇଚ୍ଛୁକ ସତ୍ୱର ନାମ ଧାମ ଲେଖି ପଠାଇବେ ।

**ସର୍ବତ୍ର ଏଜେଣ୍ଟର ପ୍ରୟୋଜନ—** ଏଜେଣ୍ଟକୁ ଶତକଡ଼ା ୨୦ ଟଙ୍କା କମିଶନ ବାଦ ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଅନ୍ୟାନ୍ୟ ବିଷୟ ଚିଠିପତ୍ର ଦ୍ରଷ୍ଟବ୍ୟ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।

ସେକ୍ରେଟେରୀ ଓ ଟ୍ରେଜରର ।

Digitized by srujanika@gmail.com

Split by PDF Splitter



# ଶାସ୍ତ୍ରୀୟଚିକିତ୍ସା ।

ଗବର୍ଣ୍ଣମେଣ୍ଟ ଯୁରଜନ୍ମ କଲେଜର ପରୀକ୍ଷୋତ୍ତୀର୍ଣ୍ଣ ଉପାଧି ପ୍ରାପ୍ତ ଲାଇସେନ୍‌ସିଏଟ
ଶ୍ରୀ ଲଳିତଲାଲ ବିଦ୍ୟାରତ୍ନ କବିରାଜ ଭଟ୍ଟାଚାର୍ଯ୍ୟଙ୍କର
ଆୟୁର୍ବେଦୀୟ ବିଦ୍ୟାଳୟ
ଓ ଔଷଧାଳୟ
ନଂ ୬୮ ମୁକ୍ତାରାମ ବାବୁଙ୍କ ଷ୍ଟ୍ରୀଟ
କଲିକତା ।

ଭାରତବର୍ଷ ମଧ୍ୟରେ ଅଦ୍ୱିତୀୟ ଏହି ଔଷଧାଳୟରେ ମହର୍ଷିମାନଙ୍କ ଅଦ୍ଭୁତ ଆଶ୍ଚର୍ଯ୍ୟ ଶାସ୍ତ୍ରସମ୍ମତ, ପ୍ରତ୍ୟକ୍ଷ ଫଳପ୍ରଦାନକାରୀ ସେହିସବୁ ଅମୋଘ ମହୌଷଧ ସବୁ ସୁଲଭ ମୂଲ୍ୟରେ ପ୍ରାପ୍ତ ହେବ ।

ଯେଉଁ ସକଳ ମଫସଲର ରୋଗୀ ଆମ୍ଭମାନଙ୍କଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି, ସେମାନେ ନିଜ ନିଜ ରୋଗର ଅବସ୍ଥା ଆନୁପୂର୍ବିକ ଲେଖି ଆମ୍ଭ ନିକଟକୁ ପତ୍ର ଲେଖିଲେ ବିନାମୂଲ୍ୟରେ ବ୍ୟବସ୍ଥା ଏବଂ ସୁଲଭ ମୂଲ୍ୟରେ ଔଷଧ ଓ ଔଷଧ ସୂଚିପତ୍ର ପଠାଇ ଥାଉଁ । ବେରଙ୍ଗପତ୍ର ଗୃହୀତ ହୁଏ ନାହିଁ ଉତ୍ତର ପ୍ରାର୍ଥିଗଣ ଅର୍ଦ୍ଧଅଣାର ଟିକଟ ପତ୍ରମଧ୍ୟରେ ପଠାଇବେ ।

## ଚମତ୍କାରଜନକ

### ମହୌଷଧ ।

ଏରୂପ ଔଷଧ ଅଦ୍ୟାପି ଆବିଷ୍କୃତ ହୋଇ ନାହିଁ ।

୧ । ଚୌଷଟି ସାଲସା—ଦୂଷିତଶୋଣିତ ଶୋଧନର ଏବଂ ଶରୀର ପୁଷ୍ଟ ଓ ବଳବାନ୍ ହେବାର ଅଦ୍ୱିତୀୟ ଔଷଧ ମୂଲ୍ୟ ପ୍ରତି ଶିଶି ୧। ଡାଃ ମାଃ ।୵

୨ । ମହାକାମେଶ୍ୱରଘୃତ ଓ ସ୍ତମ୍ଭମାଳିକା ବଟିକା ଏହା ଧାତୁ ଦୌର୍ବଲ୍ୟ ପୁଂସତ୍ୱହାନି, ଆଲସ୍ୟ ସ୍ମୃତିଶକ୍ତିହ୍ରାସ, ସର୍ବପ୍ରକାର ମେହ, ବହୁମୂତ୍ର, ମୂତ୍ରକୃଚ୍ଛ୍ର, ଶୁକ୍ରମେହ ପ୍ରଭୃତିର ଅବ୍ୟର୍ଥ ଔଷଧ ଏକ ଡିବାର ମୂଲ୍ୟ ୨। ଡାଃ ମାଃ ୵

୩ । ପ୍ରମେହ ଗଜକେଶରୀ—ଏହା ଔପସର୍ଗିକ ମେହର (ଗନୋରିୟାର) ମହୌଷଧ ୫ ଦିନ ମଧ୍ୟରେ ଆରୋଗ୍ୟ ହେବ ।

୪ । ଯୌବନ ତୈଳ—ଅଧିକପାତ, ମୂତ୍ରଦୋଷ, ମୂତ୍ରକୃଚ୍ଛ୍ର ଅବ୍ୟର୍ଥ ଔଷଧ, ମୂଲ୍ୟ ପ୍ରତିଶିଶି ୧। ଡାଃ ମାଃ ।୵

୫ । ସର୍ବକ୍ଷତାନ୍ତକ ଘୃତ—ଏହା କର୍ମିର ଘା, ଗର୍ମି ଘା, ନାଲି ଘା, ପଞ୍ଚିଆ ଘା ଭଗନ୍ଦର ଘା, ଗାଦର ଘା, ପ୍ରଭୃତି ସର୍ବପ୍ରକାର କ୍ଷତର ଅବ୍ୟର୍ଥ ଔଷଧ ୨ ଦିନ ମାତ୍ର ବ୍ୟବହାର କଲେ ଆରୋଗ୍ୟ ହେବ ।

୬ । ମୃତସଞ୍ଜୀବନ—ଏହା ସେବନ କଲେ ରକ୍ତ ପିତ୍ତ, ମୁଖରୁ ରକ୍ତ ପଡ଼ିବା, କାଶ, ରକ୍ତ ଅମାଶୟ, ରକ୍ତବମନ ହେବା, ୭ ଦିନ ମଧ୍ୟରେ ଆରୋଗ୍ୟ ହୁଏ ମୂଲ୍ୟ ୨ ଡାଃ ମାଃ ।୵

## ଶ୍ରୀମଦ୍ଭାଗବତ ।

### ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ କୃତ, ଯେଉଁ ଏକାଦଶସ୍କନ୍ଧ ଏହି ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚଳିତ ହୋଇ ଆସୁଥିଲା, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ନୂତନସଂସ୍କରଣ ବାହାରିଅଛି । ଯେଉଁ ସ୍ଥଳମାନ ଅଶୁଦ୍ଧ ଥିଲା ତାହା ବିଶେଷ ଯତ୍ନରେ ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ପ୍ରତି ପ୍ରସଙ୍ଗ ପ୍ରାରମ୍ଭରେ ସଂସ୍କୃତ ଶ୍ଳୋକମାନ ସନ୍ନିବେଶିତ ହୋଇଅଛି । ଶ୍ରୀ ଶୁକଦେବଙ୍କଠାରୁ ଋଷିମାନେ ନୈମିଷାରଣ୍ୟରେ, ପରୀକ୍ଷିତ ମହାରାଜା ଗଙ୍ଗାତୀରରେ ଭାଗବତ ଶ୍ରବଣ କରୁଥିବାର ପରେ ଶ୍ରୀ କୃଷ୍ଣଙ୍କ ପାଦପଦ୍ମରେ ଶରଣ ପଶିବା ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ ବିରାଜ କରିଥିବା ବିଷୟକ ସୁନ୍ଦର ଛବିମାନ ପ୍ରଦତ୍ତ ହୋଇଅଛି । ମୂଲ୍ୟପୂର୍ବେ ଟ ୧ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଉତ୍ତମ ବନ୍ଧାଇ ପୁସ୍ତକର ଅତ୍ୟଳ୍ପ ମୂଲ୍ୟ ଟ ୦ ୫ ଧାର୍ଯ୍ୟ ହୋଇଅଛି ।

## ଘଣ୍ଟା ମହାମଣ୍ଡୀ ।



ଏଠାରେ ନାନାପ୍ରକାର ଛୋଟ ବଡ଼ ମୂଲ୍ୟ ଘଣ୍ଟା ମରାମତି କାର୍ଯ୍ୟ ବର୍ତ୍ତମାନ ପୂର୍ବାପେକ୍ଷା ଉତ୍ତମ ନିୟମରେ ନୂତନ କାରିଗରଦ୍ୱାରା ଚାଳିତ ହେଉଅଛି । ଯାହାଙ୍କର ଦରକାର ହେବ ସେ ଏଠାରେ ତତ୍ତ୍ୱ କଲେ ସମସ୍ତବିଷୟ ଜାଣିପାରିବେ ଏହାଛଡ଼ା ହାରମୋନିୟମ ବାଜା-ମିଉଜିକେଲବାକ୍ସ ଏବଂ ଲୁଗାସିଲାଇକଲ ପ୍ରଭୃତି ମରାମତି କରାଯାଇପାରିବ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ହୋଇଥିବା ସମୟ ମଧ୍ୟରେ ଘଡ଼ି ନ ଚଳିଲେ ପୁନର୍ବାର ବିନାମୂଲ୍ୟରେ ମରାମତି କରାଦିଆଯିବ ।

ମଫସଲସ୍ଥ ଗ୍ରାହକମାନେ ଉପଯୁକ୍ତ ସୁରକ୍ଷିତ ରୂପେ ପ୍ୟାକ କରି ଡାକଯୋଗରେ ପଠାଇଲେ ଗ୍ରହଣ କରାଯିବ । ଘଡ଼ି ମରାମତି ପରେ ଗ୍ରାହକଙ୍କ ଠିକଣାରେ ଫେରାଇ ପଠାଯିବ । ଯେଉଁମାନେ ବିଶ୍ୱସ୍ତ ଲୋକଙ୍କ ହାତରେ ନ ଦେଇ ଘଡ଼ି ଛାପାଖାନାକୁ ପଠାଇବେ ଛାପା ରସିଦ ଗ୍ରହଣ କଲେ ପ୍ରତାରିତ ହେବେ ନାହିଁ ।

ସୁନା ରୂପାର ଗିଲ୍‌ଟି କର୍ମ ମଧ୍ୟ ଏଠାରେ ହୁଏ ॥

୧୨ । ୪ । ୯୫
କଟକପ୍ରିଣ୍ଟିଂକମ୍ପାନୀ ଅଫିସ କଟକ } ଶ୍ରୀ ଗୌରୀଶଙ୍କର ରାୟ ।

## ବିଜ୍ଞାପନ ।

### ମାଇନର ଓ ବର୍ଣ୍ଣାକ୍ୟୁଲର ଛାତ୍ରମାନଙ୍କର ବିଶେଷ ଅବଶ୍ୟଜ୍ଞେୟ ।

## ଉତ୍କଳପରୀକ୍ଷା ସମାଧାନ ।

ଯେଉଁ ଉତ୍କଳପରୀକ୍ଷା ବର୍ତ୍ତମାନ ମାଇନର ଓ ବର୍ଣ୍ଣାକ୍ୟୁଲର ସ୍କୁଲମାନଙ୍କରେ ଚଳୁଅଛି, ସେହି ପୁସ୍ତକର ସମାଧାନ ଛପା ହୋଇ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି । ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଟ ୦। ଅଣା, ଯେଉଁମାନେ ଏକତ୍ରରେ ୫ ଖଣ୍ଡ କିମ୍ବା ତହିଁରୁ ଅଧିକ ନେବେ ସେମାନଙ୍କୁ ଶତକଡ଼ା ଟ ୧୨ ହିସାବ କମିଶନ ଦିଆଯିବ ।

ତା ୧୬।୧୦।୯୫
ପ୍ରତାପାଟ କଟକ } ଶ୍ରୀ ସୁଦର୍ଶନ ମହାପାତ୍ର ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

| ପ୍ରଥମଥର ପ୍ରକାଶ | |
| --- | --- |
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭ | ଟ ୬ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୧୦ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୮ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧେକ ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ପ୍ରକାଶ ନିମନ୍ତେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କୁ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ଚୌଧୁରୀବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୩୦ ଶ | ତାଂ ୨ ରା ମସିହେ ନଭେମ୍ବର ସନ ୧୮୯୫ ମସିହା । ମୁ । ତା ୧୮ ନ କାର୍ତ୍ତିକ ଶୁକ୍ଳ ୧୩୦୩ ସାଲ ଶନିବାର । | ଅଗ୍ରିମ ୫ ୩୯
ସଂ ୪୨ ସଂଖ୍ୟା | | ପଶ୍ଚାଦେୟ ୬ ୭ ୯


ଚିତ୍ରାଳଭର ପଶ୍ଚିମଦକ୍ଷିଣସ୍ଥ ଭୂମିଖଣ୍ଡରେ ବାସ କରୁଥିବା ସ୍ୱାଜ କୋହିନ ଜାତୀୟ ଲୋକଙ୍କ ଦମନାର୍ଥେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ସ୍ବୟଂଶ ସୈନିକ ପୁଲିସ ଏବଂ ତୁଇଗୋଷ୍ଠୀ ସଙ୍କଭାସ୍ୟା ତୋପ ପଠାଇବାର ଆଦେଶ ଦେଇ ଅଛନ୍ତି । ସୀମାନ୍ତ ପ୍ରଦେଶର ଯୁଦ୍ଧ କୌଣସି କାଳେ ବନ୍ଦ ହେବ ନାହିଁ ପଷ୍ଟ ।

---

ରୁଷିଯ୍ୟା ସାମ୍ରାଜ୍ୟର ପ୍ରଧାନନଗର ସେଣ୍ଟ-ପିଟର୍ସବର୍ଗଠାରେ ଅଳ୍ପଦିନ ତଳେ ଓଲାଉଠା-ରୋଗ ଦୌରାତ୍ମ୍ୟ ଆରମ୍ଭ କରିବାରୁ ସେଠା ଲୋକେ କାଫି ବ୍ୟବହାର କରି ଅନେକ ଲୋକଙ୍କୁ କାଳକବଳରୁ ରକ୍ଷା କରିଅଛନ୍ତି । ବଖିତ ହୁଏ କଣ୍ଟ ବ କାଫି ରୋଗର ପ୍ରଥମା-ବସ୍ଥାରୁ ବ୍ୟବହାର କଲେ ନିଶ୍ଚୟ ରୋଗରୁ ମୁକ୍ତି ଲାଭ ହେବ । ଇଂଲଣ୍ଡ, ବୋମ୍ବାଇ ଏବଂ ହାମ୍ବର୍ଗଠାରେ ମଧ୍ୟ ପରୀକ୍ଷାଦ୍ୱାରା କାଫି ଫଳପ୍ରଦ ହୋଇଥିବାର ଦେଖାଯାଇଅଛି । କାଫିର କୋଷ୍ଠ ପରିଷ୍କାର ଏବଂ ଓଲାଉଠାର ବିଷ କ୍ଷୟ ହେବାର ଗୁଣ ଥିବା ସଙ୍ଗେ ସଙ୍ଗେ ତାହା ଉତ୍ତେଜକ ମଧ୍ୟ ଅଟଇ । ଏହା କହିବା ଉଚିତ ।

---

ଶ୍ରୀଯୁକ୍ତ ଉଇଲସନ ସାହେବ ଭାରତର ଆର୍ଥିକଅବସ୍ଥା ସମ୍ବନ୍ଧୀୟ ଏକ ଦୀର୍ଘପ୍ରବନ୍ଧର ଶେଷ-ଭାଗରେ ଲେଖିଅଛନ୍ତି ଯେ ଯେବେ ଦେଶୀୟଲୋକଙ୍କ ହସ୍ତରେ ଅଧିକ ଆସ୍ଥା ହେବ ଇଣ୍ଡିଆ ଅଫିସର ଅନର୍ଥକ ବ୍ୟୟ ନିବାରିତ ହେବ, ଅଧିକ ପରିମାଣରେ ଦେଶୀୟଲୋକଙ୍କୁ ସରକାରୀ କାର୍ଯ୍ୟରେ ନିଯୁକ୍ତ କରି ବିଲାତିଲୋକଙ୍କ ପଛରେ ବ୍ୟୟ ହେଉଥିବା ଅତିରିକ୍ତ ବେତନ ଓ ପେନ-ସନ ଊଣା ହେବ, ରେଲବାଟ ନିର୍ମାଣ ନିମନ୍ତେ ବିଲାତରୁ ଟଙ୍କା ଋଣକରିବାର ସୁଦ ରହିତ ହେବ ଏବଂ ସକଳବିଭାଗରେ ପରିମିତ ବ୍ୟୟ ଦୃଢ଼ରୂପେ ସ୍ଥାପିତ ହେବ ତେବେ ଏତେବେଳେ ସ୍ବତ୍ୱା ଭାରତ ସାମ୍ରାଜ୍ୟର ମୂଳଭିତ୍ତି କ୍ଷୀଣ ହୋଇ ପାରିବ । ସାହେବ ମହୋଦୟଙ୍କର ଏହି ସାରକ-ଥାମାନ ଆମ୍ଭେମାନେ କର୍ତ୍ତୃପକ୍ଷମାନଙ୍କୁ ବିଚାର କରିବା କାରଣ ଅନୁରୋଧ କରୁଁ ।

---

ମକ୍କା ପ୍ରଭୃତି ହଜ ଅର୍ଥାତ୍ ତୀର୍ଥ ସ୍ଥାନକୁ ଭାରତବର୍ଷର ଅନେକ ମୁସଲମାନ ପ୍ରତିବର୍ଷ ସମୁଦ୍ର ବାଟେ ଜାହାଜରେ ଯାତାୟାତ କରନ୍ତି । ସେହି ଯାତ୍ରିମାନଙ୍କ ସୁରକ୍ଷା ନିମନ୍ତେ ଯାତ୍ରୀଜାହାଜ ଆଇନ ନାମରେ ଗୋଟିଏ ଆଇନ ବିଧିବଦ୍ଧ ହୋଇ ସନ ୧୮୯୫ ସାଲର ଆ ୧୪ ଆଇନ ସ୍ୱରୂପ ଜାରି ହୋଇଅଛି । ଏହି ଆଇନର ପାଣ୍ଡୁଲିପି ପ୍ରତି ମୁସଲମାନମାନଙ୍କର ବିଶେଷ ଆପତ୍ତି ହୋଇଥିଲା । ବ୍ୟବସ୍ଥାପକ ସଭା ପୂର୍ବରୁ ପୂର୍ବୋକ୍ତ ଆପତ୍ତିଜନକ ବିଷୟମାନ ଉଠାଇ ଦେଇ ଆଇନ ଜାରି କରିବାରୁ ମୁସଲମାନମାନେ ବଡ଼ ଆନନ୍ଦିତ ହୋଇ ଅଛନ୍ତି । ଆମ୍ଭେମାନେ ଆଶା-କରୁଁ କି ଗବର୍ଣ୍ଣମେଣ୍ଟ ଅନ୍ୟାନ୍ୟ ଆଇନ ସମ୍ବନ୍ଧରେ ପ୍ରଜାଙ୍କର ଗୁହାରି ଶୁଣି ନ୍ୟାୟସଙ୍ଗତ ବ୍ୟବସ୍ଥା କରିବାଦ୍ୱାରା ସର୍ବସାଧାରଣଙ୍କ କୃତଜ୍ଞତା ଭାଜନ ହେବେ ।

---

ଓଡ଼ିଶା କମିଶନରଙ୍କ ସନ ୧୮୯୪।୯୫ ସାଲର ସାଧାରଣ ବାର୍ଷିକ ବିବରଣ ଗତ କଲି-କତା ଗଜେଟରେ ପ୍ରକାଶିତ ହୋଇଅଛି । ଏହି ରପୋର୍ଟ ଲେଖକ ଶ୍ରୀଯୁକ୍ତ କୁକ୍ ସାହେବ ଅଟନ୍ତି ଯେ କି ଅଳ୍ପକାଳ ହେଲା ଏଠାରୁ ବିଦାୟ ହୋଇ ଯାଇ ଅଛନ୍ତି । ସାହେବ ଜଣେ ସୁଯୋଗ୍ୟ କମିଶନର ଏବଂ ଆମ୍ଭେମାନେ ତାହାଙ୍କର ଟେକ୍‌ରେଜ ସୁବିଚାରର ପ୍ରସଙ୍ଗ ଏ ପତ୍ରିକାରେ ପ୍ରକାଶ କରି ତାହାଙ୍କର ପ୍ରଶଂସା କରିଅଛୁଁ ମାତ୍ର ଏହି ରପୋର୍ଟରୁ ତାହାଙ୍କର ଓଡ଼ିଶା ପ୍ରତି ଯେପରି ସହାନୁଭୂତି ଓ ଶୁଭକାମନାର ପରିଚୟ ପାଇଲୁଁ ସେପରି ଅନ୍ୟ କୌଣସି ସମୟରେ ଜାଣି ପାରି ନ ଥିଲୁଁ । ଏଥିପାଇଁ ତାହାଙ୍କର ବିଚ୍ଛେଦ ଅଧିକ କଷ୍ଟକର ବୋଧ ହେଉଅଛି । ଓଡ଼ିଶାର ଭାଷା ଓ ଆଧୁନିକ ଲବଣ ବ୍ୟବସାୟ ଉଚ୍ଚଶିକ୍ଷା ଓଡ଼ି-ଆଙ୍କ ଉନ୍ନତି ବିଷୟରେ ସେ ଯାହା କହି ଅଛନ୍ତି

Digitized by srujanika@gmail.com

Split by PDF Splitter



ଟିକ୍‌ରେ ଏ ପ୍ରଦେଶର ସାଧାରଣ ମତ ସୁନ୍ଦର ରୂପେ ପ୍ରତିଫଳିତ ହୋଇଅଛି । ଅମ୍ଭେମାନେ କ୍ରମେ ୨ ସେ ସବୁ ପାଠକମାନଙ୍କୁ ଜଣାଇବୁଁ ।

---

ଓଡ଼ିଶାର ଯେ ସମସ୍ତସ୍ଥାନରେ ବସାଘର ଆଇନ ଜାରି ଅଛି ସେ ସମସ୍ତସ୍ଥାନରେ ସନ ୧୮୯୪।୯୫ ସାଲରେ ନିମ୍ନଲିଖିତ ଆୟ ହୋଇଥିଲା ।

| ସ୍ଥାନର ନାମ | ମୋଟ ଆୟ | ବସାଘର ଫିସ |
|---|---|---|
| ପୁରୀ | ଟ ୮୨୦୦୷୨ | ଟ ୭୭୭୩ |
| ଗୁନ୍ଦବାଲ୍ | ଟ ୭୬୪୫ | ଟ ୬୫୪ |
| କଟକଜିଲ୍ଲାଅନ୍ତର୍ଗତ ଜଗନ୍ନାଥସଡ଼କସ୍ଥିତ ଚଟିମାନ | ଟ ୬୮୧୭୷୮ | ଟ ୯୦୬ |
| ବାଲେଶ୍ୱର ଏଜନ | ଟ ୬୩୦୭।୩ | ଟ ୮୬୦ |
| ପୁରୀ ଏଜନ | ଟ ୪୬୩୩୯ | ଟ ୬୪୮ |

ବସାଘର ଆଇନ ଦଣ୍ଡିତ ଅପରାଧର ଦଣ୍ଡ, ଅନାଦାୟ ଫିସ ଏବଂ ପ୍ରଭଞ୍ଜନର ଜଗନ୍ନାଥସଡ଼କ ପାର୍ଶ୍ୱସ୍ଥ ସରକାରୀ ଭୂମିର ଖଜଣା ସେ ଜିଲ୍ଲାର ଚଟିମାନଙ୍କ ଆୟ ମଧ୍ୟରେ ମିଶିବାରୁ ମୋଟ ଆୟ ବିଶେଷ ଦେଖା ଯାଉଅଛି ନଚେତ୍ ଚଟିଘର ମାଲିକର ପ୍ରକୃତ ଫିସ୍‌ଦ୍ୱାରା ସାମାନ୍ୟ ଆୟ ହୁଅନ୍ତି ।

---

ଏନଗରର ବାଉଜମାସ୍ତ୍ରଣ ନାଟକାଭିନୟ ଦଳର କାର୍ଯ୍ୟ କେତେମାସ ହେଲା ସ୍ଥଗିତ ଥିଲା । ଏଥିମଧ୍ୟରେ ସେମାନେ ନୂତନ ଦୃଶ୍ୟ ପଟମାନ ଓ ରଙ୍ଗଭୂମିର ଅନ୍ୟାନ୍ୟ ସାଜ ପୂର୍ବାପେକ୍ଷା ଉତ୍କୃଷ୍ଟରୂପେ ପ୍ରସ୍ତୁତ କରି ସମଧିକ ଉତ୍ସାହ ସହକାରେ କାର୍ଯ୍ୟ କ୍ଷେତ୍ରରେ ଉପସ୍ଥିତ ହୋଇଅଛନ୍ତି । ଗତ ରବିବାର ରାତ୍ରିରେ ସେମାନେ ନୂତନ ରଙ୍ଗଭୂମିରେ ଶ୍ରୀ ଚୈତନ୍ୟଲୀଳାର ଅଭିନୟ କରିଥିଲେ । ଧର୍ମ ଓ ଭକ୍ତି ଭାବପୂର୍ଣ୍ଣ ନାଟକର ଅଭିନୟ ଦେଖାଇବା ଦ୍ୱାରା କାର୍ଯ୍ୟାରମ୍ଭ କରି ଏହି ଦଳ ସେମାନଙ୍କ ଶୁଭ ଅଭିପ୍ରାୟର ପରିଚୟ ଦେଇଅଛନ୍ତି ତେମନ୍ତ କାର୍ଯ୍ୟଦ୍ୱାରା ସମଧିକ ସନ୍ତୋଷ ଭାଜନ ହୋଇଅଛନ୍ତି । ଅଧିକାଂଶ ବେଶଧାରୀ ଆପଣା ୨ କାର୍ଯ୍ୟାଂଶ ନିପୁଣତା ସହିତ ନିର୍ବାହ କରି ଦର୍ଶକମାନଙ୍କର ପ୍ରଶଂସା ଭାଜନ ହୋଇଥିଲେ । ସଙ୍ଗୀତ ଏ ଲୀଳାର ପ୍ରଧାନ ଅଙ୍ଗ ଅଟେ । କୋଟିଏ ୨ ଗୀତର ଗାୟନ ଭଲ ହୋଇଥିଲା । ମାତ୍ର ଆଉ କେତେକାର ସ୍ୱର ଠିକ ରକ୍ଷା ପାଉ ନ ଥିଲା । ଉଭୟ ବାବୁ ଅଭ୍ୟାସ ଦ୍ୱାରା ସେ ସବୁ କ୍ରମଶଃ ଭଲ ହେବ ଏବଂ ସଙ୍ଗୀତ ଗାୟକମାନେ ଯେତେବେଳେ ଏହିଦଳ ଯୋଗ୍ୟତା ଦେଖାଇ ପାରିବେ ତେବେ ଏ ନଗରର ଗୋଟିଏ ଅଭାବ ମୋଚନ ହେବ ସନ୍ଦେହ ନାହିଁ ।

---

ଲକ୍ଷ୍ନୌ ଅଡ୍‌ଭୋକେଟ୍‌ନାମକ ସମ୍ବାଦପତ୍ରରେ ଏ ମର୍ମରେ ଏକ ପ୍ରେରିତପତ୍ର ପ୍ରକାଶିତ ହୋଇଅଛି କି ଇଟାଓା ଜିଲାର ବଲେଇଗଞ୍ଜ ନିବାସୀ ଜଣେ କାଶ୍ମିରୀ ପଣ୍ଡିତ ଅଛନ୍ତି ତାହାଙ୍କ ପୁତ୍ର ସେଠାରେ ଜିଲାସ୍କୁଲରେ ଇଂରେଜୀ ଓ ପାରସି ଶିକ୍ଷା କରୁଥିଲେ । ସେ ପଳାଇଯାଇ ହିମାଳୟ ପର୍ବତର ଜଙ୍ଗଲରେ ପ୍ରାୟ ଦେଢବର୍ଷ ଭ୍ରମଣ କରି ବର୍ତ୍ତମାନ ଘରକୁ ଫେରିଆସି ଅଛନ୍ତି । ଘରୁ ବାହାରିବା ସମୟରେ ସେ ଅକ୍ଷରେ ସଂସ୍କୃତ ଜାଣି ନ ଥିଲେ ମାତ୍ର ବର୍ତ୍ତମାନ ବେଦ ଏବଂ ଜ୍ୟୋତିଷଶାସ୍ତ୍ରରେ ଜଣେ ଭଲ ପଣ୍ଡିତ ହୋଇଅଛନ୍ତି । କଥିତ ହୁଅଇ ସେ ଜଙ୍ଗଲରେ ବୁଲୁଥିବା ବେଳରେ ଜଣେ ଋଷି ବା ମହାତ୍ମାଙ୍କ ଭେଟ ପାଇ ତାଙ୍କୁ ତାହାଙ୍କର ଅନେକ ସେବା କରିବାରୁ ମହାତ୍ମା ପ୍ରସନ୍ନହୋଇ ଆପଣା ଶିଷ୍ୟମଧ୍ୟରେ ଭରତି କଲେ ଏବଂ ଦୀକ୍ଷା ଦେବା ପୂର୍ବେ ଆପଣା ଅଙ୍ଗୁଳଦ୍ୱାରା ତାହା ଜିହ୍ୱାରେ ଗୋଟିଏ ରେଖା ଟାଣିଦେବାରୁ ତାହାର ମାନସିକ ଶକ୍ତି ଏପରି ଉଜ୍ଜ୍ୱଳ ହେଲା ଯେ ଅଳ୍ପକାଳରେ ବେଦ ଏବଂ ଅନ୍ୟାନ୍ୟ ଶାସ୍ତ୍ର ଅଧ୍ୟୟନ କରିପାରିଲେ । ମାତ୍ର ଇଂରେଜୀ ଓ ପାରସି ପୂର୍ବେ ଯାହା ଶିକ୍ଷା କରିଥିଲେ ସେ ସମସ୍ତ ପାଶୋରି ଗଲେ ।

---

ଅଧ୍ୟାପକ ଭର୍ଗିନାମରେ ଜଣେ ଇଉରୋପୀୟ ପ୍ରାୟ ବର୍ଷେ ହେବ କଲିକତାରୁ ଆସିଅଛନ୍ତି । ସେ କହନ୍ତି ଯେ ଯୋଗବଳରେ ସକଳ ପ୍ରକାର ଲୋକଙ୍କୁ ଆରୋଗ୍ୟ କରିପାରନ୍ତି । କଲିକତା ନଗରର ରଏଲ ଥିଏଟର ନାମକ ରଙ୍ଗାଳୟରେ ଏକ ସମ୍ବାଦ ନିମନ୍ତେ ବଡ଼ା ମେଳ ସର୍ବସାଧାରଣଙ୍କ ସାକ୍ଷାତରେ ସେ ଆପଣା ଗୁଣର ପରିଚୟ ଦେଇଥିଲେ । କେତେଜଣ ଅନ୍ଧ ବଧିର ଓ ପକ୍ଷାଘାତପୀଡ଼ାଗ୍ରସ୍ତ ଲୋକଙ୍କୁ ରଙ୍ଗଭୂମିରେ ଉପସ୍ଥିତ କରି ଏକ ୨ ଜଣର ଦେହରେ ଦୁଇ ଏକ ମିନିଟ କେବଳ ହାତ ବୁଲାଇ ଦେଲାରୁ ସେମାନେ କେତେ ଶ୍ରୁତି ଓ ସ୍ୱଚ୍ଛନ୍ଦରେ ଶୁଣି ବୁଲି କରିପାରିଲେ । ଶତ ୨ ଲୋକ ଏହି ଚମତ୍କାର ଘଟଣା ଦେଖି ଆଶ୍ଚର୍ଯ୍ୟ ହୋଇଅଛନ୍ତି ଏବଂ କେତେକେତେ ସମ୍ବାଦ ପତ୍ର ଯୋଗେ ପ୍ରକାଶ କରିଅଛନ୍ତି କି ପ୍ରକୃତ ବ୍ୟକ୍ତି ମାନେ ପ୍ରକୃତରେ କେତେ ପୀଡିତ ନ ଥିଲେ । ଯାହା ହେଉ ଯେଉଁମାନେ ଅଧ୍ୟାପକଙ୍କ ଚିକିତ୍ସାଧୀନରେ ଅଛନ୍ତି ସେମାନେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବା ପର୍ଯ୍ୟନ୍ତ ହାଲଚାଲ ଉଠୁଥିବ ଅତଏବ ବୋଲିଚିକ ଯେମନ୍ତ କେହି ୨ ସାଧୁ ମହାତ୍ମା ଦେହରେ ହାତବୁଲାଇ ଝାଡ଼ିଦେଇ ରୋଗ ଭଲ କରନ୍ତି ଏବଂ ସାହେବମାନେ ମେସ୍ମେରଜ କରୁଅଛନ୍ତି । ହାତବୁଲାଇବା ଦ୍ୱାରା ଭାରତ ପ୍ରୟୋଗର ସୂତ୍ର ପ୍ରାଚୀନକାଳର ଲୋକଙ୍କୁ ଜଣାଥିଲା ।

---

ଦକ୍ଷିଣ ଭାରତବର୍ଷର ପଶ୍ଚିମ ଉପକୂଳରେ ଗୋଆ ନାମରେ ଗୋଟିଏ ନଗର ଅଛି । ସେହି ନଗର ଏବଂ ତହିଁ ସଲଗ୍ନ ଭୂମିଖଣ୍ଡ ଇଉରୋପସ୍ଥ ପୋର୍ତ୍ତଗାଲ ରାଜ୍ୟର ଅଧିକୃତ । ସୁତରାଂ ଗୋଆ ପୋର୍ତ୍ତଗିଜମାନଙ୍କର ଅଧିକୃତ ଭାରତ ଭୂମିର ରାଜଧାନୀ ଅଟେ । ଏଠାରେ ଜଣେ ପୋର୍ତ୍ତଗିଜ ଶାସନକର୍ତ୍ତା ଅଛନ୍ତି ଏବଂ ତାହାଙ୍କ ଅଧୀନରେ ପଲଟନ ପ୍ରସ୍ତୁତ ଅଛି । ରାଜକୀୟ ପ୍ରୟୋଜନ ହେତୁ ପୋର୍ତ୍ତଗାଲର ରାଜମନ୍ତ୍ରୀମାନେ ଗୋଆଠାରୁ ଦୁଇ କମ୍ପାନୀ ପଦାତିକ ସୈନ୍ୟ ମୋଜାମ୍ବିକଠାରୁ କିଛିକାଳ ନିମନ୍ତେ ପଠାଇବାର ଆଦେଶ ପାଇଲେ । ଗୋଆର ସୈନ୍ୟମାନେ ସମୁଦ୍ରବାଟେ ବିଦେଶକୁ ଯାଇ କାର୍ଯ୍ୟ କଲେ ସେମାନଙ୍କର ଜାତି ନ ରହିବ ଏହା ପଚାରିଲେ ମାତ୍ର କିଛି ଉତ୍ତର ପାଇଲେ ନାହିଁ ଏବଂ ରାଜମନ୍ତ୍ରୀମାନେ ସେମାନଙ୍କର ଆପତ୍ତି ନ ଶୁଣି ପଠାଇବା ବନ୍ଦୋବସ୍ତରେ ରତ କରିବାରୁ ସେମାନେ ବିଦ୍ରୋହୀ ହୋଇ କେତେକ ଦେଶୀୟ ଲୋକଙ୍କୁ ସେମାନଙ୍କ ସଙ୍ଗରେ ମିଶାଇ ବିପ୍ଳବ କରି ମହା ଗଣ୍ଡଗୋଳ ଆରମ୍ଭ କଲେ । ପୋର୍ତ୍ତଗିଜ ରାଜା ଏଥିର ସମ୍ବାଦ ପାଇ ବିଦ୍ରୋହ ଦମନାର୍ଥେ ସେଠାରୁ ରଣତରୀ ଅଶ୍ୱାରୋହୀ ଓ ପଦାତିକ ସେନାଦଳ ପଠାଇ ଅଛନ୍ତି । ଶୁଣାଯାଏ ବିଦ୍ରୋହୀମାନେ ଏଥିମଧ୍ୟରେ ଆପଣା ଭ୍ରମ ବୁଝି ପାଇ କ୍ଷମା ପ୍ରାର୍ଥନା କରିବାରୁ ଅସ୍ତ୍ର ତ୍ୟାଗ ପୂର୍ବକ ଆତ୍ମସମର୍ପଣ କରିବାକାରଣ ଗବର୍ଣ୍ଣମେଣ୍ଟ ଆଦେଶ ଦେଇ ଅଛନ୍ତି ।

---

Digitized by srujanika@gmail.com

Split by PDF Splitter



## ବିବାହର ବ୍ୟୟ ।

ପାଠକମାନଙ୍କୁ ଜଣାଇଅଛୁଁ ଯେ ହିନ୍ଦୁମାନଙ୍କର ବିବାହର ବ୍ୟୟ ଊଣା କରିବା ମାନ୍ୟବର ବଙ୍ଗେଶ୍ୱର ବାହାଦୁର ବାଞ୍ଛନୀୟ ବିବେଚନା କରି ତହିଁର ଉପାୟ ସମ୍ବନ୍ଧରେ ନାନା ସଭ୍ୟସମିତି ଏବଂ ସୁଯୋଗ୍ୟ ସରକାରୀ ଓ ବେସରକାରୀ ଲୋକଙ୍କ ପରାମର୍ଶ ଗ୍ରହଣ କରୁଅଛନ୍ତି । ଏପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟ ସମସ୍ତଙ୍କର ଅଭିମତ ନ ପାଇବାରୁ କିଛି ସ୍ଥିର ସିଦ୍ଧାନ୍ତ କରିବାକୁ ସମର୍ଥ ହୋଇ ନାହାନ୍ତି ।

ଆମ୍ଭେମାନେ ଏଥିପୂର୍ବେ ପ୍ରକାଶ କରିଅଛୁଁ ଯେ ବିଷୟଟି ବଡ଼ ଗୁରୁତର ଏବଂ ହିନ୍ଦୁସମାଜ ନାନା ଭାବରେ ବିଭକ୍ତ ଏବଂ ଭିନ୍ନ ଭିନ୍ନ ଭାବର ବିବାହ ବ୍ୟବସ୍ଥା ଭିନ୍ନ ଭିନ୍ନ ଥିବା ପ୍ରତ୍ୟକ୍ଷେ ବ୍ୟୟ ସଙ୍କୋଚର ଗୋଟିଏ ଉପାୟ କହିଦେବା ସହଜ ନୁହେ । ଏକା ବିବାହ କାହିଁକି ହିନ୍ଦୁ ଗୃହସ୍ଥ ଜନ୍ମଠାରୁ ମରଣ ପର୍ଯ୍ୟନ୍ତ ଅନେକ ଗୁଡ଼ିଏ କ୍ରିୟା କରିବାକୁ ବାଧ୍ୟ ଏବଂ ସେ ସମସ୍ତ ନ୍ୟୁନାଧିକ ବ୍ୟୟ ସାପେକ୍ଷ । ଶାସ୍ତ୍ରକାରମାନେ ଏକଦିଗରେ ଯେମନ୍ତ ବ୍ୟୟସାଧ୍ୟ କ୍ରିୟା କରିବାକୁ ହିନ୍ଦୁମାନଙ୍କୁ ବାଧ୍ୟ କରିଅଛନ୍ତି ତେମନ୍ତ ବ୍ୟୟର ବ୍ୟବସ୍ଥା ମଧ୍ୟ ଏପରି କରି ଦେଇଅଛନ୍ତି ଯେ ବ୍ୟକ୍ତି ବିଶେଷ ଆପଣା ଅବସ୍ଥା ଅନୁସାରେ ସେ କାର୍ଯ୍ୟମାନ ନିର୍ବାହ କରିବାକୁ ସମର୍ଥ ହେବେ । ଯେ ବ୍ୟକ୍ତି ସକଳ ଦିଗ ଦୃଷ୍ଟି ରଖି ଆପଣା ଅବସ୍ଥାନୁସାରେ ଚାଲିବାକୁ ଚେଷ୍ଟା କରିବ ସେ କୌଣସି କ୍ରିୟାର ବ୍ୟୟ ନିର୍ବାହାର୍ଥ କଷ୍ଟ ପାଇବାର କଥା ନାହିଁ । କାଳକ୍ରମେ ହିନ୍ଦୁମାନେ ଶାସ୍ତ୍ରର ଅଭିପ୍ରାୟ ଓ ପ୍ରୟୋଜନ ପ୍ରତି ଲକ୍ଷ ନ ରଖି ବୃଥା ଅଭିମାନ ଓ ତାମସିକ ଭାବ ଚରିତାର୍ଥ ବିବାହ ଶ୍ରାଦ୍ଧ ଇତ୍ୟାଦି କ୍ରିୟାରେ ଅତିରିକ୍ତ ବ୍ୟୟ କରିବାରେ ମତ୍ତ ହୋଇଅଛନ୍ତି ଏବଂ ତଦ୍ଦ୍ୱାରା କେହି କେହି ସର୍ବସ୍ୱାନ୍ତ ହେଉଅଛନ୍ତି । ହିନ୍ଦୁର ବିବାହ ଅନ୍ୟାନ୍ୟ କ୍ରିୟା ପରି କେବଳ ଧର୍ମ ରକ୍ଷା ନିମନ୍ତେ । ଧର୍ମଭାବ ଇଦାନୀ ଶିଥିଳ ହେବାରୁ ଅନ୍ୟାନ୍ୟ କ୍ରିୟା ପ୍ରତି ତେତେ ଆସ୍ଥା ନାହିଁ । ବିବାହଟା ସଂସାରରକ୍ଷା ନିମନ୍ତେ ନିତାନ୍ତ ପ୍ରୟୋଜନ ବରଂ ସଂସାରର ପ୍ରଧାନ ସୁଖ ମଧ୍ୟରେ ପରିଗଣିତ ହୋଇଅଛି । ସୁତରାଂ ଲୋକେ ତହିଁ ପାଇଁ ଅଧିକ ବ୍ୟୟ କରିବାକୁ କୁଣ୍ଠିତ ହେଉ ନାହାନ୍ତି । ବାଜା ରୋସନାଇ ଆତସବାଜି ନାଚ ଭୋଜି ଇତ୍ୟାଦି କେବେ ବ୍ୟାପାର ବିବାହର ଅଙ୍ଗ ହୋଇଅଛି କହିଲେ ସମ୍ଭବ ନାହିଁ । ଧନାଢ୍ୟ ବ୍ୟକ୍ତିମାନେ ଏଥିରେ ଯେ ଅର୍ଥ ବ୍ୟୟ କରନ୍ତି ତଦ୍ୱାରା ନାନା ଶ୍ରେଣୀର ଲୋକର ଉପକାର ହୁଏ ସନ୍ଦେହ ନାହିଁ । ଏଥିପାଇଁ ଯାହାଙ୍କର ଧନ ଅଛି ସେମାନଙ୍କୁ ଏସବୁ କାର୍ଯ୍ୟରୁ ନିବର୍ତ୍ତ କରିବା ଉଚିତ ବୋଧ ହେଉ ନାହିଁ । ମାତ୍ର ଯାହାଙ୍କର ଧନ ନାହିଁ ସେମାନେ ମୂର୍ଖତା ବଶତଃ ସେସବୁ ବିଷୟରେ ମାତିଲେ ତହିଁର ଫଳ କାହାର ? ହିତାହିତଜ୍ଞାନଶୂନ୍ୟ ହୋଇ ଯେ ବ୍ୟକ୍ତି ଆପଣାର କ୍ଷତି କରିବ ତାହାକୁ ରକ୍ଷା କରିବାକୁ କେହି ସମର୍ଥ ନୁହେ ।

ବିବାହର ଆଡ଼ମ୍ବର ଘଟିତ ବ୍ୟୟ ଛଡ଼ା ଆଉ ଏକପ୍ରକାର ବ୍ୟୟ ଅଛି ଯାହାକି ସାଧାରଣ ନ ହେଲେ ମଧ୍ୟ ଏକ ଏକ ଭାବରେ ବଡ଼ ପ୍ରବଳ ଦେଖାଯାଏ ଏବଂ ତାହା ବିଶେଷ କଷ୍ଟର କାରଣ ହୋଇଅଛି । ସେ ବ୍ୟୟ କନ୍ୟା ବା ବରର ମୂଲ୍ୟ । ଯେଉଁ ଭାବରେ କନ୍ୟା ପାଇଁ ଧସ୍ତାଧସ୍ତି ସେଠାରେ କନ୍ୟାର କର୍ତ୍ତାଙ୍କୁ ଓ ଯେଉଁ ଭାବରେ ବର ପାଇଁ ଧସ୍ତାଧସ୍ତି ସେଠାରେ ବର କର୍ତ୍ତାଙ୍କୁ ଟଙ୍କା ନ ଦେଲେ ବିବାହ ହେବ ନାହିଁ । ଏ ପ୍ରଥା ବାସ୍ତବରେ କନ୍ୟା ବା ବର ଖରିଦ ଭିନ୍ନ ଆଉ କିଛି ନୁହେ । ଏହି ଉଭୟ ପ୍ରଥା ଶାସ୍ତ୍ର ଓ ଶିଷ୍ଟାଚାରର ବିରୁଦ୍ଧ ଏବଂ ଅପମାନଜନକ ଏଥିରେ ସନ୍ଦେହ ନାହିଁ । ଗତ ସେପ୍ଟେମ୍ବର ମାସ ତା ୨୫ ରିଖର ସମ୍ବଲପୁର ହିତୈଷିଣୀରେ 'ସମାଜକଳଙ୍କ' ନାମକ ପ୍ରବନ୍ଧରେ ଲେଖକ ଶାସ୍ତ୍ରର ପ୍ରମାଣ ଦେଇ ଯୋଗ୍ୟତା ସହିତ ପ୍ରତିପନ୍ନ କରିଅଛନ୍ତି ଯେ କନ୍ୟା ସୁନା କନ୍ୟାର ମୂଲ୍ୟ ବିନା ଆଉ କିଛି ନୁହେ ସେ ମୂଲ୍ୟହାସ କନ୍ୟା କ୍ରୟ କରି ବିବାହ କରିବାର ଆସୁର ବିବାହ । ଏ ବିବାହ ଯେ କରେ ସେ ଯେମନ୍ତ ପତିତ ଯେ କନ୍ୟା ବିକ୍ରୟ କରେ ସେ ମଧ୍ୟ ତେମନ୍ତ ବା ତତୋଧିକ । ତାହାର ସଂସର୍ଗ ତେଣିକି ଥାଉ ମୁଖାବଲୋକନ କରିବା ସୁଦ୍ଧା ପାପ ଅଟେ । ଅତଏବ ଦେଖାଯାଉଅଛି ଯେ ବିବାହ ଘଟିତ ଅତିରିକ୍ତ ବା ଅନର୍ଥକ ବ୍ୟୟ ଶାସ୍ତ୍ରାନୁମୋଦିତ ନ ଥାଇ ଶାସ୍ତ୍ରବିରୁଦ୍ଧ ଅଟେ । ଏବଂ ହିନ୍ଦୁମାନେ ଯେବେ ଧର୍ମଶାସ୍ତ୍ରାନୁସାରେ କାର୍ଯ୍ୟ କରନ୍ତେ ତେବେ ବିବାହ ବ୍ୟୟାତିଶଯ୍ୟର ସୁଦ୍ଧାଏ ଶୁଣାଯାନ୍ତା ନାହିଁ । ସୁତରାଂ ବର୍ତ୍ତମାନ ପ୍ରଶ୍ନ ଏହି ହେଉଅଛି କି ଲୋକେ ଯେବେ ଆପଣା ଆପଣା ଧର୍ମଶାସ୍ତ୍ରର ନିୟମାନୁସାରେ କାର୍ଯ୍ୟ ନ କରିବେ ଅର୍ଥାତ୍ ନିୟମ ଲଙ୍ଘନ କରିବେ ତେବେ ସେ କଥା କିଏ ବୁଝିବ ?

---

## ମହାବିଣାୟକ ।

ଏ କାଲି ଦର୍ପଣକଲ୍ଲର ମହାବିଣାୟକଟି ବଡ଼ ବିଖ୍ୟାତ ଅଟନ୍ତି ଓ ସେ ସ୍ଥାନଟି ଅତି ରମଣୀୟ ଅଟଇ । ପର୍ବତର ଉନ୍ନତାଗ୍ର ଉଦ୍ୟାନରେ ମହାବିଣାୟକଙ୍କ ମନ୍ଦିର ନିର୍ମିତ ହୋଇଅଛି । ତହିଁର ପାର୍ଶ୍ୱରେ ପର୍ବତରୁ ଝରପାଣି ଆସିବାର ଗୋଟିଏ ଧାର ଅଛି ତଦ୍ୱାରା ଝରଜଳ ନିୟତ ଭଲେ ଝର୍ଝର ହୋଇ ପଡ଼ୁଅଛି ତଡ଼ାଣ ତଳକୁ ଗୋଟିଏ ଜଳକୁଣ୍ଡ ଅଛି ତହିଁରେ ଜଳ ସର୍ବଦା ଏକସମାନ ଥାଏ । ଏକ ଦିଗରେ ପର୍ବତ ଓ ଅନ୍ୟ ଦିଗମାନଙ୍କରେ ବୃକ୍ଷଶ୍ରେଣୀରେ ସେ ସ୍ଥାନଟି ଯେପରି ଶୋଭନୀୟ ସେହିପରି ଆଶ୍ରମଦାୟକ ଅଟେ । ବର୍ତ୍ତମାନ ଦେବତାଙ୍କ ସେବା ପୂଜା ଯେଉଁ ରାଜା ମହନ୍ତ ଓ ପଣ୍ଡାମାନଙ୍କ ମଧ୍ୟରେ ବିବାଦ ଉପସ୍ଥିତ ହୋଇଅଛି । ଏଥିସଙ୍ଗେ ଦର୍ପଣର କଥିତ ଇତିହାସ ଅପ୍ରୀତିକର ହେବ ନାହିଁ ଓ ମଧ୍ୟ ଏଥିରେ ତହିଁର ସମ୍ପର୍କ ଅଛି । ଏହେତୁ ତାହା ନିମ୍ନେ ଲେଖୁଅଛୁଁ ଯଥା—

ପ୍ରାଚୀନ କାଳରେ ଦର୍ପଣ ଓ କନକଳା ଏ ଦୁଇ କଲ୍ଲ ଏକ ହିନ୍ଦୁରାଜାଙ୍କ ଅଧୀନରେ ଥିଲା । ସେହି ହିନ୍ଦୁରାଜା ବରୁଣିଆ ପର୍ବତରେ ମହାବିଣାୟକ ଓ ଦର୍ପଣ ଗଡ଼ଠାରେ ଜଗନ୍ନାଥ ଦେବ ସ୍ଥାପନ କରି ଅଳ୍ପ ଭୂମି ରଖି ସେବା ପୂଜା ଚଳାଉଥିଲେ ଓ ଦେବୋତ୍ତର ଜମିର ଉତ୍ପନ୍ନ ନିଅଣ୍ଟ ହେଲେ ନିଜ ତହବିଲରୁ ବାକି ଖର୍ଚ୍ଚ ଦେଉଥିଲେ । କାଳକ୍ରମେ ବିଧାର ନାମକ ରାଜା ଏ ଦୁଇ କଲର ଅଧିପତି ହେଲେ । ସେ ବଡ଼ ଦୁଷ୍ଟ ଓ ଅତ୍ୟାଚାରୀ ଓ ଅବଲୁଣ୍ଠନ କାର୍ଯ୍ୟରେ ସର୍ବଦା ରତ ଥିଲେ । ଏହି ସମୟରେ ଓଡ଼ିଶା ମୋଗଲଙ୍କ ଅଧୀନରେ ଥିଲା ଓ କିସ୍ତ କର୍ମଚାରୀମାନେ ପାଦଶାହ ଓ ନବାବଙ୍କ ପଲଙ୍କ ପ୍ରହରୀ ଅର୍ଥାତ୍ ସ୍ୱୟଂ ଶୟନାଗାରର ପ୍ରହରୀ ହେବାର ପ୍ରଥା ଥିଲା । ଶୁଭ୍ରଦାସ ହିନ୍ଦ ନାମକ ଜଣେ ସମ୍ଭ୍ରାନ୍ତ କ୍ଷତ୍ରୀୟ ବଂଶଜ ମୁରସିଦାବାଦ ନବାବଙ୍କର ପଲଙ୍କ ପ୍ରହରୀ ଥିଲେ । ସେ ନବାବଙ୍କ ପ୍ରବର୍ତ୍ତନାରେ ମୁସଲମାନଧର୍ମ ଗ୍ରହଣ ଓ ସାହତିଜଲ ନାମ ଧାରଣ କରି ତାଙ୍କର ବଡ଼ ପ୍ରିୟପାତ୍ର ହୋଇଥିଲେ । କଟକରୁ ସ୍ୱଗୃହ ମୁରସିଦାବାଦକୁ ପ୍ରେରଣ ସମୟେ ଦର୍ପଣରେ ତାହା ଦେଖା ଗଲା । ଏ ଦେଖାରେ ବିଧାର ଲିପ୍ତ ଥିବାର ବିଶେଷ ସମ୍ଭବ ହେବା ଓ ସେ

Digitized by srujanika@gmail.com

Split by PDF Splitter



ସର୍ବଦା ଲୁଟପାଟ କରୁଥିବା ହେତୁ ନବାବ ତାଙ୍କୁ ଦର୍ପଣରୁ ତଡ଼ି ଦେଇ ଉକ୍ତ ସାହି ରଙ୍ଗଲାଲ୍ଙ୍କୁ ଦର୍ପଣର ରାଜା କଲେ, ଏବଂ ଏଥିର ପ୍ରତି ଦୁଷ୍ଟମାନଙ୍କ ଦମନ ସକାଶେ ଉଚିତ ଆକାର ଭାର ଓ ଦଣ୍ଡର କ୍ଷମତା ତାଙ୍କ ହସ୍ତେ ଅର୍ପଣ କଲେ । ଇଂରାଜମାନେ ଓଡ଼ିଶା ଜୟ କରି ଦର୍ପଣ ରାଜାଙ୍କର ଏ କ୍ଷମତା ସ୍ଥିରତର ରଖିଥିଲେ କାରଣ ତାହା ସରକାରୀ ପରୱାନା ଓ ଏକରାରନାମାରେ ଲେଖାଅଛି । ମୁସଲମାନ ରାଜା ମୁହମ୍ମଦ୍‌ତକି ଦର୍ପଣ ଭୋଗ କଲେ । ସେ ଅଞ୍ଚଳରେ ପ୍ରବାଦ ଅଛି ଯେ ଦର୍ପଣର କର୍ତ୍ତା ମହାବିନାୟକ ଅଟନ୍ତି ଓ ତାଙ୍କୁ ଅମାନ୍ୟ କଲେ ରାଜ୍ୟ ଅମଙ୍ଗଳ ଘଟଇ । ମୁସଲମାନମାନେ ମଧ୍ୟ କୁସଂସ୍କାର ଛଡ଼ା ନ ଥିବାରୁ ସେ ରାଜାମାନେ ଏ ପ୍ରବାଦରେ ବିଶ୍ୱାସ କରି ମହାବିନାୟକ ଓ ଜଗନ୍ନାଥଦେବଙ୍କ ସେବା ପୂଜା ଇତ୍ୟାଦିରେ ବାଧା ନ ଦେଇ ସେ ସବୁ ସ୍ଥିରତର ରଖିଥିଲେ ଓ ଖରଚ ଟଙ୍କା ଦେଉଥିଲେ କେବଳ ପୂଜାରୀମାନଙ୍କ ଜିମା ସକଳ କାର୍ଯ୍ୟ ରହିଥିଲେ । ବର୍ତ୍ତମାନର ରାଜାଙ୍କ ପିତା ବାବୁ ଗୋପୀନାଥ ପଣ୍ଡିତ ଦର୍ପଣକୁ ଲାଟବନ୍ଦି କିସ୍ତମରେ କିଣିଲା ପରେ ପୂଜାରୀ ପଣ୍ଡାମାନେ ପ୍ରଶଂସିତ ଦେବତାମାନଙ୍କର ମାଲିକ ହେବାର ଚେଷ୍ଟା କଲେ ମାତ୍ର ଫୌଜଦାରୀ ଓ ଆକ୍ଟ ୪୨ ଧାରାମତେ (ଦଖଲ କମିଟି) ଓ ଜମିର ମାମଲାରେ ହାରି ଯିବାରୁ ପଣ୍ଡିତ ମହୋଦୟ ମାଲିକ ହେଲେ । ସେ ସମୟେ ଭଗବାନ ଦାସ ନାମକ ଜଣେ ଅଭ୍ୟାଗତ ମହାବିନାୟକଙ୍କର ବଡ଼ ଭକ୍ତ ଥିଲା ଓ ସେଠାରେ ସର୍ବଦା ରହି ସ୍ୱେଚ୍ଛାପୂର୍ବକ ଅନେକ କାର୍ଯ୍ୟ କରୁଥିଲା । ପ୍ରଶଂସିତ ପଣ୍ଡିତ ତାକୁ ମହନ୍ତ ପଦ ଦେଇ ତାହା ଜିମା ମହାବିନାୟକଙ୍କ ସେବା ପୂଜା କଲେ ଓ ଜଗନ୍ନାଥ ଦେବଙ୍କର ଜଣେ ବୈରାଗୀଭକ୍ତ ପରଗ ନିଯୁକ୍ତ କଲେ । କିନ୍ତୁ ପୂର୍ବ ପଣ୍ଡାମାନେ ତାଙ୍କଠାରେ ଦୋଷୀ ହୋଇଥିଲେହେଁ କ୍ଷମା ଗ୍ରହିବାରୁ ସେମାନଙ୍କୁ ରଖିଲେ ଓ ବେତନ ପରିବର୍ତ୍ତେ କିଛି ଜାଗିର ଜମି ଛାଡ଼ିଦେଲେ । ଏଥି ଉତ୍ତାରୁ ଆଉ କିଛି ବିବାଦ ନ ଘଟିବା ଓ ପଣ୍ଡିତ ମହୋଦୟଙ୍କ ଶାସନ ଓ ତତ୍ତ୍ୱାବଧାନରେ ସକଳ କାର୍ଯ୍ୟ ସୁବିଧାରେ ଚାଲିବାର ଶୁଣାଯାଏ ।

ମହାବିନାୟକଙ୍କର ଅଳ୍ପ ଜମି ଥିବାରୁ ବର୍ତ୍ତମାନର ରାଜା ବୈଦ୍ୟନାଥ ପଣ୍ଡିତ ଅନେକ ଜମି ଓ ଅଧିକା ମାଲ ଖଞ୍ଜା କରି ଅଛନ୍ତି । ତାଙ୍କ ନାବାଲଗି ସମୟେ ଏ ଜମିର ବନ୍ଦୋବସ୍ତ ହେବାରେ ଉକ୍ତ ଭଗବାନ ଦାସର ଚେଲା ଲଛମନ ଦାସ ଯେ ବର୍ତ୍ତମାନ ମହନ୍ତ ଅଟନ୍ତି ଆପଣା ନାମରେ ମହାବିନାୟକଙ୍କ ଜମି ନଥିବ କରାଇବାରୁ ରାଜାଙ୍କ ପକ୍ଷରୁ ଗୁରୁଜି ଆପତ୍ତି କରିବାରେ ଡେପୁଟୀ କଲେକ୍ଟର ମହନ୍ତର ନାମ ଖାରଜ କରି ରାଜାଙ୍କ ନାମରେ ସେବାଏତ ସ୍ୱରୂପେ ଜମି ଦାଖଲ କଲେ । ଗୁରୁଜି ଉକ୍ତ ମହନ୍ତକୁ ଉପରଲେଖିତ ବିଶ୍ୱାସଘାତ ଦୋଷରେ ବରଖାସ୍ତ କରି ଜଣେ ଗୁମାସ୍ତା ଓ ମୋହରିରଙ୍କ ଦ୍ୱାରା କେତେକ ବର୍ଷ ସେବା ଚଳାଇଲେ ମାତ୍ର ରାଜା ବାଲଗ ହେବାରୁ ଓ କମ ଖର୍ଚ୍ଚ ପ୍ରତି ତାଙ୍କର ବଡ଼ ଦୃଷ୍ଟି ଥିବାରୁ ମହନ୍ତ କ୍ଷମା ମାଗିବାରେ ତାଙ୍କୁ ପୁନର୍ବାର ନିଯୁକ୍ତ କଲେ କାରଣ ସେ ବେତନ ନିଅନ୍ତି ନାହିଁ । ବର୍ତ୍ତମାନ ମହନ୍ତ ଓ ପଣ୍ଡାମାନେ କେତେକମାସ ହେଲା ଆପଣା ମଧ୍ୟରେ ବିବାଦ ଓ ମାମଲା ମକଦ୍ଦମା କରି ଆପେ ୨ ମାଲିକ ହେବାର ଚେଷ୍ଟା କଲେ । ରାଜା ସେମାନଙ୍କୁ ଏପରି ବିବାଦ ଲଗାଇ ଠାକୁରଙ୍କ ମାଲ ନଷ୍ଟ ଅପବ୍ୟୟ ଓ ଅତ୍ୟାଚାର କରିବା ଓ ତାଙ୍କ ଆଦେଶ ଓ ଇଚ୍ଛାମତେ ମାନି ନ କରିବା ଦୋଷରେ ଗତ ସଂକ୍ରାନ୍ତିଠାରୁ ମହନ୍ତ ଓ ପଣ୍ଡା ଉଭୟଙ୍କୁ ବରଖାସ୍ତ କରି ନୂତନ ପରଗ ଓ ନୂତନ ପୂଜାରୀ ନିଯୁକ୍ତ କରି ଅଛନ୍ତି । ନୂତନ ପୂଜାରୀମାନେ ମହାବିନାୟକରେ ପ୍ରବେଶ ହୁଅନ୍ତେ ପୁରାତନ ପୂଜାରୀମାନେ ସବାଦରେ ସମବେତ ହୋଇ ଶସ୍ତ୍ରହସ୍ତ ହୋଇ ଥିଲେ କିନ୍ତୁ ଦର୍ପଣର ମେନେଜର ବାବୁ ଜଗମୋହନ ଲାଲଙ୍କ କଳ କୌଶଳରେ ସେମାନଙ୍କ ବଳ ନ ଚଳିଲା । ସେମାନେ ଓ ମହନ୍ତ ସମସ୍ତେ ହାରାଇ ଯିବାରୁ ନୂତନ ପରଗ ଓ ପୂଜାରୀମାନେ କର୍ମ କଲେ ପଣ୍ଡାମାନେ ଯାଜପୁର ମେଜିଷ୍ଟ୍ରେଟରେ ଦଙ୍ଗା ହଙ୍ଗାମା ଇତ୍ୟାଦି ହେବାକୁ ଦରଖାସ୍ତ ଦେବାରୁ ପୁଲିସ ଇନସ୍ପେକ୍ଟରଙ୍କ ହୁକୁମ ହେଲା ଓ [illegible] ସଃ ଇଃ ତଦନ୍ତ ପାଇ ଆସିଲା ଦିନ ପଣ୍ଡାମାନେ ତାହା ବଳରେ ମନ୍ଦିରରେ ପ୍ରବେଶ କଲେ । ସଃ ଇଃ ଦୁଇ ଦଳଙ୍କୁ ସେଠାରେ ଦେଖି ଦୁହିଙ୍କ ମଧ୍ୟରେ ମାରପିଟ ହୋଇ ଶାନ୍ତିଭଙ୍ଗର ସମ୍ଭବ ଥିବା ଓ ନୂତନ ପରଗ ଓ ଦୁଇଜଣ ପଣ୍ଡାଙ୍କଠାରୁ ମୁଚୁଲିକା ନେବା ସକାଶେ ରପୋର୍ଟ କଲେ । ସବ ଡିଭିଜନ ହାକିମ ଠିକ୍ ମତେ ବୁଝିଲେ ଯେ ମୁଚୁଲିକା ମାମଲା ଚଳିବ ନାହିଁ କିମ୍ବା ତହିଁରେ ବିବାଦ ଭାଙ୍ଗିବ ନାହିଁ । କାରଣ ଯେ ମୁଚୁଲିକା ଦେବ ସେ ଆପେ ନ କରି ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଶାନ୍ତିଭଙ୍ଗ କିମ୍ବା ବିବାଦ କରିପାରିବ । ଏହେତୁ ସେ ରାଜା, ମହନ୍ତ ଓ ଦରଖାସ୍ତକାରୀ ପଣ୍ଡା ଏମାନଙ୍କ ମଧ୍ୟରୁ କାହାର ଦଖଲ ଅଛି ଓ ସ୍ଥିରତର ରଖାଯାଇ ପାରେ ଏଥିର ବିଚାର କରନ୍ତେ ଫୌଜଦାରୀ କାର୍ଯ୍ୟବିଧି ଆଇନର ଧା ୧୪୫ ଅନୁସାରେ ମକଦ୍ଦମା ହାଏର କରି ଏ ତିନିପକ୍ଷଙ୍କ ନାମରେ ପ୍ରକୃତ ଦଖଲ ସମ୍ବନ୍ଧ ଆପଣା ୨ ଦାବି ଦର୍ଶାଇବା ସକାଶେ ନୋଟିସ ଜାରି କରି ଅଛନ୍ତି । ମକଦ୍ଦମା ବିଚାରାଧୀନ ଥିବାରୁ ଏଥିରେ ଆମ୍ଭେମାନେ ଆଉ କିଛି ମତ ପ୍ରକାଶ କରି ନ ପାରୁଁ । ଉପରଲିଖିତ ପ୍ରସଙ୍ଗମାନ ଆମ୍ଭମାନଙ୍କ ସମାଚାରରେ ଅଭିଜ୍ଞାନୁ ପାଠକମାନଙ୍କୁ ଜଣାଇଲୁଁ । ମକଦ୍ଦମାର ଉପଲକ୍ଷରେ ପ୍ରକୃତ ବୃତ୍ତାନ୍ତ ପ୍ରକାଶ ପାଇବ ଓ ଏହି ମକଦ୍ଦମାର ସୂକ୍ଷ୍ମ ନିଷ୍ପତ୍ତିରେ ବିବାଦ ଭାଙ୍ଗିଯାଉ ଓ ଦେବତା ଧନ ଆଉ ଅପବ୍ୟୟ ନ ହୋଇ ସେବା ପୂଜା ସୁନିୟମରେ ଚଳୁ ଏହାହିଁ ଆମ୍ଭମାନଙ୍କର କାମନା ।

## ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ ଅକାଳ ମେଘାଚ୍ଛନ୍ନ ଥାଇ ପ୍ରଚୁରବୃଷ୍ଟି ହୋଇଅଛି । ଗତ ବୁଧବାରଠାରୁ ଏଠା ଅବିରଳ ମହା [illegible] ବର୍ଷଣ [illegible] ଥିବାରୁ [illegible] ଏବଂ ଅପରାହ୍ଣ ସମୟରୁ [illegible] ହେବାରୁ [illegible] ଅକାଳ [illegible] ପୂର୍ଣ୍ଣିମା [illegible] ହେବାର ଅନୁମାନ ହୁଅଇ । [illegible] ନାହିଁ ।

କାବୁଲର ଅମୀରଙ୍କର [illegible] ମୃତ ହୋଇଥିବାର ପାଠକମାନଙ୍କୁ ଜଣାଇ ଅଛୁଁ । [illegible] ବର୍ତ୍ତମାନ [illegible] ଅଛନ୍ତି । [illegible] ଉତ୍ତରାଧିକାରୀ [illegible] ବର୍ତ୍ତମାନ [illegible] ହୋଇ ଅଛନ୍ତି । [illegible] ଏବଂ ଚତୁର୍ଥ [illegible] ବୟସ ଅଟେ ।

[illegible] ଧର୍ମଶିକ୍ଷା [illegible] କାର୍ଯ୍ୟରେ [illegible] କାରଣ [illegible] ମୁସଲମାନମାନଙ୍କୁ [illegible] ନାହିଁ ।

Digitized by srujanika@gmail.com

Split by PDF Splitter



ଲୋକଙ୍କ ଦେଖା ଦେଖି ସୁବିଧା ନଥିବା ସେ ଅଞ୍ଚଳକୁ ଖଂଶ୍ର ସୁଦ୍ଧ ଡାକ୍ତର ପ୍ରେରଣ କରିଅଛନ୍ତି ।

## ଯାଜପୁର ସମ୍ବାଦ ।

ଏ ସମୟରେ ମେଦିନୀପୁର ଓ ବାଲେଶ୍ୱରର ଉତ୍ତରସ୍ଥ ଲୋକ ଅନେକ ଯାତ୍ରୀ ବୈତରଣୀ ଓ ନାଭି ଗୟାରେ ପିଣ୍ଡ ପ୍ରଦାନ କରି ପୁରୀକୁ ଯାଉଥିବାରୁ ଓଲାଉଠା ସେମାନଙ୍କର ସହଗାମିନୀ ହୋଇ ଅଛନ୍ତି । ମେଦିନୀପୁର ଜିଲାର ଏକଦଳ ଯାତ୍ରୀ ଏଠି ବାଟେ ପୁରୀକୁ ଯାଉଥିଲେ ସେମାନଙ୍କ ମଧ୍ୟରୁ ଏକଗୋଟି ବ ୪୦ ବର୍ଷ ବୟସ୍କ ସ୍ତ୍ରୀ ଲୋକକୁ ଓଲାଉଠା ହୋଇ ସଂଜ୍ଞାଶୂନ୍ୟ ହେବାରୁ ସେମାନେ ତାକୁ ଛାଡ଼ି ଦେଇ ଚାଲି ଗଲେ ମାତ୍ର ତାହାର ଜୀବନ ଥିବାରୁ ତାକୁ ଡାକ୍ତରଖାନାକୁ ପଠାଗଲା । ଯେଉଁ ସମୟରେ ସେ ହସ୍‌ପିଟାଲକୁ ଆଣି ହେଲା ସେତେବେଳେ ତାହାର ଅନ୍ତିମ ସମୟ ଉପସ୍ଥିତ, କେବଳ ସାମାନ୍ୟ ଭାବରେ ନିଶ୍ୱାସ ପ୍ରଶ୍ୱାସ ଚାଲୁଥିଲା ଏଠାକାର ଡାକ୍ତରବାବୁ କ୍ଷେତ୍ରମୋହନ ଦାସ ରୋଗୀର ଏପରି ଦୁର୍ଦ୍ଦଶା ଦେଖି ମୃତ୍ୟୁ ଅବଶ୍ୟମ୍ଭାବୀ ଜ୍ଞାନ ନ କରି ବିଶେଷ ମନଯୋଗ ପୂର୍ବକ ତାହାର ଚିକିତ୍ସା କରିବାକୁ ଲାଗିଲେ, ଏବଂ ପ୍ରତ୍ୟେକ ଘଣ୍ଟାରେ ନୂତନ ଔଷଧର ବ୍ୟବସ୍ଥା କରି ତାକୁ ସଚେତ କରାଇଲେ ଏବଂ ତିନି ଦିନ ଅଶେଷ ପରିଶ୍ରମ କରି ତିନିଦିନ ପରେ ତାକୁ ସମ୍ପୂର୍ଣ୍ଣ ରୋଗ ମୁକ୍ତ କରିଅଛନ୍ତି । ସେ ପୂର୍ବାବସ୍ଥା ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ଡାକ୍ତରଖାନାରୁ ତାକୁ ବିଦାୟ ଦିଆଯାଇ ନାହିଁ । ଯେଉଁଲୋକ ଏମନ ସଦଗୁଣର ଅଧୀନ ହୋଇ ଥିଲା ତାକୁ କ୍ଷେତ୍ରମୋହନ ବାବୁ ପ୍ରାଣଦାନ କରି ସାଧାରଣର ଧନ୍ୟବାଦର ପାତ୍ର ହୋଇ ଅଛନ୍ତି ।

କଟକର ମାଜିଷ୍ଟ୍ରେଟ ଓ କଲେକ୍ଟର ଶ୍ରୀଯୁତ ମହାମାନ୍ୟ ସାହେବ ଏଠାକାର ଡାକ୍ତରଖାନା ପରିଦର୍ଶନ କରି ଡାକ୍ତରଖାନାର ଘର ଅତ୍ୟନ୍ତ କଷ୍ଟ ଦେଖି ତାହାର ସଂସ୍କାର ପ୍ରସ୍ତାବ କରି ଯାଇ ଅଛନ୍ତି । ଚନ୍ଦାଦାତାମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ସବ୍‌ଡିଭିଜନ ଅଫିସର ମହାଶୟଙ୍କର ମାସିକ ଚନ୍ଦା ଟ ୨ ୮ ଓ ପୁଲିସ ଇନସ୍‌ପେକ୍ଟର ଟ ୧୯ ଏବଂ ଟ ୬ ଙ୍କା ବାଦ ବାକି ସାମାନ୍ୟ ଲୋକମାନଙ୍କର ଦତ୍ତ ଚନ୍ଦା ଟ ୩ ଙ୍କାର ନ୍ୟୁନ ଅଟେ । ଯାଜପୁର ପର ଏକ ବୃହତ୍ ସବ୍‌ଡିଭିଜନରେ ଅନେକ ବଡ଼ ଜମିଦାର ଓ କଣ୍ଠାଭିର ରାଜାମାନେ ଥିବାଟଳେ ସେମାନଙ୍କର ଡାକ୍ତରଖାନାପ୍ରତି ଅନାସ୍ଥା ଭାବ ଦେଖି ସାହେବ ବାହାଦୁର ଅନୁତାପ ପ୍ରକାଶ କରି ଅଛନ୍ତି ସେ ସ୍ୱୟଂ ନୂସପିଟାଲ ଫଣ୍ଡରେ ଏକକାଳୀନ ଟ ୫ ଙ୍କା ଦାନ କରି ଯାଇ ଅଛନ୍ତି । ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର ଓ କଟକର ରାଜା ବୈଦ୍ୟନାଥ ପଣ୍ଡିତ ବାହାଦୁର ପ୍ରଭୃତିଙ୍କର ଅନ୍ୟ ସବ୍‌ଡିଭିଜନ ଭିତରେ ମଧ୍ୟରେ ବହୁତ ଜମିଦାରୀ ଓ ତାଲୁକ ଥିବାଟଳେ ସେମାନେ ଏଠା ଡାକ୍ତରଖାନାକୁ ବର୍ତ୍ତମାନ ସାହାଯ୍ୟ କରୁ ନ ଥିବାର ସେମାନଙ୍କଠାରୁ କିଛି ମାସିକ ସାହାଯ୍ୟ ପାଇବା ନିମନ୍ତେ ପରିଦର୍ଶକ ବହିରେ ମନ୍ତବ୍ୟ ଲେଖି ରହି ମନ୍ତବ୍ୟର ଏକ ୨ ପ୍ରସ୍ଥ ଅବିକଳ ନକଲ ଡେପୁଟି ସାହେବ ବାହାଦୁରଙ୍କଦ୍ୱାରା ଉପରୋକ୍ତ ରାଜା ବାହାଦୁର ପ୍ରଭୃତିଙ୍କଠାରୁ ପଠାଇବାର ଡାକ୍ତର ବାବୁଙ୍କ ପ୍ରତି ଆଦେଶ କରି ଯାଇ ଅଛନ୍ତି । ଚନ୍ଦାବହିରେ ଏପରି ଅନେକ ନାମ ଅଛି ସେ (ବର୍ତ୍ତମାନ ସେମାନେ ସଙ୍ଗତ ସମ୍ପନ୍ନ ଥାଇ ସୁଦ୍ଧା) ମାସରେ ଟ ॰ ୵ ଟ ॰ । ଓ ଟ॰ ୵ ଚନ୍ଦା ଦେବା ନିମନ୍ତେ ସ୍ୱୀକୃତ ହୋଇ ଆଜିପର୍ଯ୍ୟନ୍ତ ଏକ କପର୍ଦ୍ଦକ ମାତ୍ର ଆଦାୟ ନ କରି କାହାର ଟ ୩୦ କାହାର ଟ ୪୦ ଏହି ଅନୁକ୍ରମରେ ବାକି ଅଛି । ଅତଏବ ଏ ସବ୍‌ଡିଭିଜନର ଜମିଦାର ବର୍ଗ ଓ ଚନ୍ଦାଦାତାମାନଙ୍କଠାରେ ପ୍ରାର୍ଥନା ଯେ ସେମାନେ ଏ ସଙ୍ଗତ ଡାକ୍ତରଖାନା ପ୍ରତି ଦୟାଦୃଷ୍ଟି କରି ଲୋକଙ୍କର ସେ ଲୋମାନଙ୍କର ଆଶୀର୍ବାଦ ଭାଜନ ହେଉନ୍ତୁ ।

ଏଠା ମୁନ୍‌ସଫି ଅଦାଲତର ଶିରସ୍ତାଦାର ମୁନସି ସେଖ ଓବାଇଦୁଲ୍ଲା ପୀଡ଼ିତ ହୋଇ ଏକମାସର ଛୁଟି ନେଇଥିବାରୁ ତାଙ୍କ ସ୍ଥାନରେ ଅତ୍ର ଅଦାଲତର ଏକାଉଣ୍ଟେଣ୍ଟ ବାବୁ ଜଗନ୍ନାଥ ପ୍ରସାଦ ଘୋଷଙ୍କୁ ଏକଟିଂ ନିଯୁକ୍ତ କରିବା କାରଣ ଶ୍ରୀଯୁକ୍ତ ମୁନସଫ ବାବୁ ମାନ୍ୟବର ଜଜସାହେବଙ୍କଠାରୁ ରିପୋର୍ଟ ପଠାଇ ଥିଲେ ସାହେବ ବାହାଦୁର ତାହା ମଞ୍ଜୁର କରି ଅଛନ୍ତି ।

ଅଣ୍ଡିଶ୍ୟାଲ ସେଟେଲମେଣ୍ଟ ଅଫିସର ଶ୍ରୀଯୁକ୍ତ ବାବୁ ଯାମିନୀମୋହନ ଦାସ ପୁନର୍ବାର ଏ ଅଞ୍ଚଳକୁ ଆସି ଦୁଡ଼ାନ୍ଦାର ନିକଟରେ କ୍ୟାମ୍ପ କରି ଯାଜପୁର ଥାନାର ଅଟେଷ୍ଟେସନ କାର୍ଯ୍ୟ ଆରମ୍ଭ କରି ଅଛନ୍ତି । ବାବୁ ମହୋଦୟଙ୍କର ନମ୍ରତାରେ ପ୍ରାୟ ସମସ୍ତେ ସନ୍ତୁଷ୍ଟ ଅଛନ୍ତି । କିନ୍ତୁ ଏତଦ୍ଭିନ୍ନରେ ଏହି ମୌଜାର ଅନୁମାନିକ ସେତେ ନମ୍ବର ପର୍ଯ୍ୟନ୍ତ ଅଟେଷ୍ଟେସନ କାର୍ଯ୍ୟ ଶେଷ ହୋଇ ପାରିବ ସେହି ପରିମାଣ ପ୍ରଜା ଓ ସତ୍ୱାଧିକାରୀମାନଙ୍କୁ ହାଜର ହେବା ନିମନ୍ତେ ନୋଟିସ ନ କରି ଏକାବେଳକେ ମୌଜାକୁ ମୌଜା ପ୍ରଜା ଓ ଲାଖରାଜଦାରମାନଙ୍କୁ ନୋଟିସ ଦ୍ୱାରା ହାଜର କରାଇ ଶେଷରେ ଅଳ୍ପମାତ୍ର ଲୋକଙ୍କର ଅଟେଷ୍ଟେସନ କାର୍ଯ୍ୟକର ପୁନର୍ବାର ତହିଁ ଆରଦିନ ସମସ୍ତେ ହାଜର ହେବାକୁ ସମଝାଇ ଦେଉଥିବା ଓ ପ୍ରତ୍ୟହ ହାଜର ହୋଇ ସୁଦ୍ଧା ସେମାନଙ୍କର କାର୍ଯ୍ୟ ଶେଷ ହେଉ ନ ଥିବାରୁ ଅଧିକାଂଶ ଲୋକଙ୍କର ବିଶେଷ କଷ୍ଟ ହେଉଅଛି । ଯାଜପୁର ଥାନାଠାରୁ ତାଙ୍କର କ୍ୟାମ୍ପ ପ୍ରାୟ ଦୁଇମାଇଲରୁ ଊର୍ଦ୍ଧ ଅଟେ ଏଥିରେ ଥାନାବାସୀମାନେ ସକାଳ ଘ ୧୦।୧୧ ଟା ଠାରୁ ସେଠାକୁ ଯାଇ ପୁନର୍ବାର ରାତ୍ର ଘ ୧୦ ଟା ସମୟ ସେଠାରୁ ଫେରି ହୋଇ ଫେରି ଆସୁଅଛନ୍ତି । ଏ ବିଷୟରେ ବାବୁ ମହୋଦୟ ମନଯୋଗ ପୂର୍ବକ ସୁବନ୍ଦୋବସ୍ତ କରି ସାଧାରଣର ଏ ଅସୁବିଧା ନିବାରଣ କରିବେ ।

ଗଭର୍ଣ୍ଣର ଉପ୍ରକାର ଏକଜକ୍ୟୁଟିଭ ଇଞ୍ଜିନିୟର ଅ- ଶ୍ୱଅପବାଠାରେ ପହଞ୍ଚ ଅକାଳ ଜଳସ୍ରୋତରେ ଭ୍ରମରେ ଉତ୍କ୍ଷିପ୍ତ ହୋଇଥିଲା । ଗୃହୀତଙ୍କ ସାହେବଙ୍କର କେତେକ ହାନସ ଅଫିଅଛି ସେ ନବେମ୍ବର ମାସ ମଧ୍ୟରେ ସେଠାରେ ପହଞ୍ଚ କାର୍ଯ୍ୟାରମ୍ଭ କରିବାର କଥା ଅଛି ।

## ପୁରୀ-ସମ୍ବାଦ ।

ଅସ୍ମାନଙ୍କର ନୂତନ ମୁନସଫ ଶ୍ରୀଯୁତ ବାବୁ ନଗେନ୍ଦ୍ରନାଥଙ୍କ ଏଠାରେ ପହଞ୍ଚ ଗତ ପୂର୍ବ ସୋମବାର କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି । ପୂର୍ବ ମୁନସଫ ବାବୁ ମହେନ୍ଦ୍ରନାଥ ମୁର୍ଖିଯା ଜଣେ ବହୁ ଦର୍ଶୀ ଓ ନ୍ୟାୟ ପରାୟଣ ହାକିମ ଥିଲେ ।

ଗତ ଶୁକ୍ରବାର ଅପରାହ୍ଣ ଘ ୪ ଟା ସମୟରୁ ଅବିଶ୍ରାନ୍ତ ବର୍ଷା ଆରମ୍ଭ ହୋଇ ସୋମବାର ଛାଡ଼ି ଯାଇଅଛି । ଏହି ତଭୂଦଳ ପ୍ରଚୁର ବୃଷ୍ଟି ଦ୍ୱାରା ଗୃହିମାନଙ୍କର ହାହାକାର ରବ ଶୁଣାଯାଉ ଅଛି । ଏବେ ପବନ ନ ଥିବାରୁ ଶସ୍ୟ ପକ୍ଷରେ ବିଶେଷ ଉପକାର ହୋଇ ଅଛି ।

ଏ ବର୍ଷ କାର୍ତ୍ତିକ ପଞ୍ଚକ ଯାତ୍ରାକୁ ମଫସଲରେ ବିଶେଷ ବୃଷ୍ଟି ହେତୁ ପଞ୍ଚକୋଶୀ ଯାତ୍ରୀ ସମାଗମ ବିଶେଷ ଜଣା ପଡ଼ୁଅଛି । ଅନ୍ୟାନ୍ୟ ଯାତ୍ରୀସଂଖ୍ୟା ୪୦୦ ହଜାରରୁ ଅଧିକ ନୁହେ ।

ଅସ୍ମାନଙ୍କ ଶ୍ରୀଯୁକ୍ତ ସ୍କୁଲ ଇନସ୍‌ପେକ୍ଟର ମହୋଦୟ ଗତ ତା ୧୭ ରିଖେ ଏଠାରେ ପହଞ୍ଚି ସ୍କୁଲମାନ ପରିଦର୍ଶନ କରି ପ୍ରାୟ ଏକସପ୍ତାହ ପରେ ପ୍ରସ୍ଥାନ କରି ଅଛନ୍ତି ।

ଯାତ୍ରୀମାନଙ୍କଠାରେ ଓଲାଉଠାର ବିଶେଷ ପ୍ରାଦୁର୍ଭାବ ନ ଥିଲେ ହେଁ ବର୍ଷା ପୂର୍ବେ ସହରର ଠାବେ ୨ ଦୁଇ ଚୋଲିନାଇ ଯାଉଥିଲା । ବର୍ଷା ହୋଇଯିବାରୁ କିଛି ଉପଶମ ଅଛି ଜଣାଯାଉଛି ।

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ଶ୍ୟାମଚରଣ ଦାସ ଅଧିକାରୀ—ଆପଣଙ୍କର ଦୁଃଖ ରାଜାଙ୍କୁ ଜଣାଇଲେ ସେ ତହିଁର ସୁପ୍ରତିକାର କରିବେ । ଏ ବିଷୟ ସାଧାରଣ ଆନ୍ଦୋଳନର ଯୋଗ୍ୟ ନୁହେ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନନୀୟ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ଜଗଦ୍‌ବିଖ୍ୟାତ ପତ୍ରିକାରେ ସ୍ଥାନ ଦାନ କରି ବାଧିତ କରିବା ହେବେ ।

ଏହିତ ସେ ଏଠାକାର ସଦଜନଙ୍କ ମଦ୍ୟଭୁମାର ଜଣେ ପିଅନ ନାମ ଫକରୁଦ୍ଦିନ । ସା । ମିରଜାନଗର । ପ୍ର । ଅଲତି ହାଲ ତାଲବଜାର କଟକ, ଉତ୍କଣ୍ଠା ରୋଗ ହୋଇ ଲୋକଙ୍କୁ ଅତଲ ଓ ଅବଶ କରି ଦେଲା । ଡାକ୍ତରୀ ଓ ଦେଶୀୟ ଔଷଧ ଅନେକ ପ୍ରକାର ଦିଆଗଲା ଓ ଏଠାକାର ଜଣେ ପ୍ରଧାନ ଡାକ୍ତରଙ୍କଦ୍ୱାରା ଚିକିତ୍ସିତ ହେଲା କିନ୍ତୁ କିଛି ଫଳ ଦର୍ଶିଲା ନାହିଁ ଅମ୍ଭେମାନେ ତାହାଠାରୁ ନିରାଶ ହୋଇଥିଲୁ ଡାହାର ବଞ୍ଚିବାର ସନ୍ଦେହ ହୋଇଥିଲା । ପରଶେଷରେ ସହର କଟକ ବାଲୁବଜାର ସଙ୍ଗତ ନିବାସୀ କବିରାଜ ହରେକୃଷ୍ଣ ସାହା ପ୍ରକାଶ ନାମ କବିରାଜଙ୍କଦ୍ୱାରା ଚିକିତ୍ସା କରାଇବାରୁ ଏକବର୍ଷର ରୋଗୀ ଏକ ମାସରେ ଆରୋଗ୍ୟ ଲାଭ କରି କର୍ମକ୍ଷମ ହୋଇ ନିଜ ଗୃହରେ ହାଜର ହେଲା । ଉକ୍ତ ମାଷ୍ଟରଙ୍କ ସୂକ୍ଷ୍ମ କୌଶଳ ଓ ସୁବନ୍ଦୋବସ୍ତ ଓ ରୋଗ ନିର୍ଣ୍ଣୟ କରିବା ବିଷୟ ତାଙ୍କ ସାର୍ଟିଫିକଟମାନଙ୍କରେ ଯାହା ଲେଖା ଥିଲା ତାହା ଅମ୍ଭେମାନେ ନିଜେ ଅନୁଭବ କରି ଏ ବିଷୟ ସାଧାରଣଙ୍କ ଉପକାରାର୍ଥେ କର୍ତ୍ତବ୍ୟାନୁରୋଧେ ପ୍ରକାଶ କରିବାକୁ ବାଧ୍ୟ ହେଲୁଁ ।

୨୩।୧୦।୯୫ } ଶ୍ରୀ ମହେମୁଦଅଲି ଅନୁବାଦକ ଜଜ ଅଦାଲତ
କାଳିବଜାର } ଶ୍ରୀ ମହମଦି ଅଭହର ଡାକ୍ତରୀ ବର୍ଣ୍ଣ ମରସୁଲ
କଟକ } ଶ୍ରୀ ମହମଦ ଇସମାଇଲ ଅଧ୍ୟାପକ କଟକ
କଲେଜ ।

ମହାଶୟ !

ଆପଣଙ୍କ ଗତସଂଖ୍ୟକ ପତ୍ରିକାରେ ଜଣେ ପାଠକ ଡାକବିଭାଗର ପ୍ରଥମ ସର୍ଟିଫି ସମା-

Digitized by srujanika@gmail.com

ଲୋଚନା କରିଅଛନ୍ତି । ଏଥି ପୂର୍ବେ ଆପଣ ସ୍ୱୟଂ ଓ ସମ୍ବଲପୁର ହିତୈଷିଣୀରେ ଜଣେ ପାଠକ ମଧ୍ୟ ସମାଲୋଚନା କରିଥିଲେ । ଏଥି ପାଇଁ ଆପଣମାନଙ୍କଠାରେ କୃତଜ୍ଞତା ପାଶରେ ବଦ୍ଧ ହୋଇ ଶତ ଶତ ଧନ୍ୟବାଦ ଦେଉଅଛୁଁ ଏବଂ ଏହା ଦେଖି ଆଶା ହେଉଅଛି ଯେ ଆମ୍ଭର ପ୍ରାର୍ଥନା ନିତାନ୍ତ ଅରଣ୍ୟରୋଦନ ହୋଇ ନାହିଁ । ଆପଣମାନଙ୍କ ସମାଲୋଚନା ଦ୍ୱାରା କିପରି ଓ କେତେଦୂର ଉପକୃତ ହୋଇଅଛୁଁ ତାହା ବର୍ତ୍ତମାନ ପ୍ରକାଶ କରିବା ପ୍ରୟୋଜନ ନାହିଁ । ପ୍ରୟୋଜନ ହେଲେ ସମୟରେ ତାହା ଦେଖାଇଦେବୁଁ । କେହିଂ ଆମ୍ଭର ଏପରି ପ୍ରାର୍ଥନାକୁ ଅସଙ୍ଗତ ମନେକରିଥାନ୍ତି । ଏଥିରୁ ଆଶଙ୍କା ହେଉଅଛି ଯେ ତାଙ୍କ ଆପଣମାନେ ଆଉ ସମାଲୋଚନା କରିବାକୁ ଆଉ ମନ ବଳାଇ ନ ପାରନ୍ତି । ଆଗାମୀ ସଂଖ୍ୟା ଉତ୍କଳଦୀପିକାରେ ଦ୍ୱିତୀୟ ସର୍ଗ ବାହାରିବ । ପାଠକମାନେ ଟିକିଏ ମନୋଯୋଗ ଦେଇ ଦେଖିଲେ ଆମ୍ଭ ପ୍ରାର୍ଥନାର ପ୍ରଧାନ ଉଦ୍ଦେଶ୍ୟ ବୁଝିପାରିବେ । ଗ୍ରନ୍ଥ ଯେପରି ଅଗ୍ରସର ହେଉଥିବ ଆମ୍ଭର ଉଦ୍ଦେଶ୍ୟ ସେହିପରି ପ୍ରକାଶ ପାଉଥିବ । ଏଣୁକରି ଆପଣମାନଙ୍କଠାରେ ଏବଂ ଅନ୍ୟ ପତ୍ରିକାର ସମ୍ପାଦକ ଓ ସାଧାରଣ ପାଠକମାନଙ୍କଠାରେ ଆମ୍ଭର ସବିନୟ ଏହି ନିବେଦନ ଯେ ଅନୁଗ୍ରହ ପୂର୍ବକ ପ୍ରତ୍ୟେକ ସର୍ଗ ବାହାରିଲାରୁ ତାହାର ସମାଲୋଚନା କଲେ ଆମ୍ଭେ ପରମ ଉପକୃତ ଓ ଚିରବାଧିତ ହେବୁଁ ।

ଯେଉଁ ପାଠକ ମହାଶୟ ହିତୈଷିଣୀରେ ସମାଲୋଚନା କରିଥିଲେ ତାହାଙ୍କଠାରେ ନିବେଦନ ଏହି ଯେ କୋଟିଏ ବିଶେଷ ବିଷୟରେ ତାହାଙ୍କ ମତ ଅନୁସରଣ କରି ପାରିଲୁ ନାହିଁ । ତାହା ଏହି;—ପ୍ରମଥନାଥ ପଦରେ କି ଭୁଲ୍ ରହିଅଛି ? ବୋଧହୁଏ ମହାଭାରତ କାରଣ ବର୍ତ୍ତମାନ ଉକ୍ତ ମହାଶୟ ବୁଝି ପାରିଥିବେ । ଆଶା କରେଁ ଉକ୍ତ ମହାଶୟ ୧୯ ସର୍ଗର ୩୨୫ ଠାରୁ ୩୨୭ ଯାଏଁ ଆମ୍ଭର ମତ ଦେଖି ପାରିବେ ଦ୍ୱିତୀୟ ସର୍ଗ ପଢ଼ିଲେ ମଧ୍ୟ ବୁଝି ପାରିବେ । ନିତାନ୍ତ ପ୍ରୟୋଜନ ହେଲେ ଏ ପରେ କାରଣ ପ୍ରକାଶ କରିବୁଁ ।

ଉତ୍କଳପଣକ ବଶମ୍ବଦ
ଶ୍ରୀ ଗୋ—

---

ମହାଶୟ !

ଏ ନିମ୍ନଲିଖିତ ପତ୍ର ଖଣ୍ଡିକ ଆପଣଙ୍କ ପତ୍ରିକାରେ ପ୍ରକାଶ କରି ଚିରବାଧିତ କରିବେ ।

ସପ୍ତମଭାଗ ପନ୍ଦର ସଂଖ୍ୟା ସମ୍ବଲପୁର ହିତୈଷିଣୀରେ ଶ୍ରୀ ଶ୍ରୀବତ୍ସପଣ୍ଡା ପ୍ରକାଶ କରିଅଛନ୍ତି କି "ସ୍କୁଲରେ ପଢ଼ିବା ନିମନ୍ତେ ଖାଦ୍ୟସାମଗ୍ରୀ ବସାଘର ଇତ୍ୟାଦି ସୁବିଧାରୁ ଗଞ୍ଜାମ ପୁଏ ବଞ୍ଚିତ ହୋଇଅଛନ୍ତି" । ପୁଣି ଏହି ଦୋଷ ଗଞ୍ଜାମ ରାଜାମାନଙ୍କର ନୁହେ କି ବୋଲି ପ୍ରଶ୍ନ କରିଅଛନ୍ତି ପୁଣି ସେ ଲେଖିଅଛନ୍ତି ପାରଳାଖେମୁଣ୍ଡି ମହାରାଜା ପ୍ରବୃତ୍ତ ଉତ୍ସୁକ ହେଲେହେଁ ତେଲିଙ୍ଗିଲୋକଙ୍କ ନିମନ୍ତେ ଖାଦ୍ୟସାମଗ୍ରୀ ମିଳନାର ସୁବିଧା କରି ଓଡ଼ିଆ ଗୁଡ଼ିଙ୍କୁ ସେହି ସୁବିଧାରୁ ପ୍ରାପ୍ତରୁ ବଞ୍ଚିତ ହୋଇଅଛନ୍ତି । କିନ୍ତୁ ଏହି ସମ୍ବାଦଟି ଯଥାର୍ଥ ଅପ୍ରାକୃତ । ହାଇସ୍କୁଲରେ ବା ମିଡ଼ିଲସ୍କୁଲରେ ପଢ଼ିବା ଓଡ଼ିଆ ଛାତ୍ରମାନଙ୍କ ସମ୍ବନ୍ଧେ ଗଞ୍ଜାମ ରାଜାମାନଙ୍କର ବଦାନ୍ୟତା ଲେଖକ ଯଦି କିଛିମାତ୍ର ଅବଗତ ଥାନ୍ତେ ସେ ଏହି ସମ୍ବାଦଟି ପତ୍ରିକାସ୍ଥ କରିବାକୁ କେବେ ମାତ୍ର ଅଗ୍ରସର ହୋଇ ନ ଥାନ୍ତେ । ଲେଖକ ମହାଶୟ ଏହି ସମ୍ବନ୍ଧେ ଆପଣାର ଏହି ମତଟି ପ୍ରକାଶ କରିଅଛନ୍ତି । ରାଜାମାନେ କେବଳ ଇଂରାଜ ବିଦ୍ୟାର୍ଥୀମାନଙ୍କୁ ଉପଯୋଗୀ ସୁବିଧା ପ୍ରଦାନ କଲେ ଯଥେଷ୍ଟ ହେବ । କିନ୍ତୁ ଗଞ୍ଜାମ ରାଜାମାନେ ଇଂରାଜ ଓ ସଂସ୍କୃତ ଉଭୟ ବିଦ୍ୟାର୍ଥୀମାନଙ୍କୁ ସମସ୍ତ ସୁବିଧା ପ୍ରଦାନ କରୁଅଛନ୍ତି ।

ପାରଳାଖେମୁଣ୍ଡିର ଶ୍ରୀ ଶ୍ରୀ ଗୌରଚନ୍ଦ୍ର ଗଜପତି ମହାରାଜ ଓଡ଼ିଆ ଓ ତେଲୁଗୁ ଉଭୟ ବିଦ୍ୟାଶିକ୍ଷା କରିବାପାଇଁ ସେମାନଙ୍କୁ ଖାଦ୍ୟସାମଗ୍ରୀ, ବସାଘର ଇତ୍ୟାଦି ପ୍ରଦାନ କରୁଅଛନ୍ତି । ଲେଖକ ମହାଶୟ ଉପରୋକ୍ତ ବିଷୟମାନ ଅବଗତ ନ ହୋଇ ଖାଦ୍ୟସାମଗ୍ରୀ ଓ ବସାଘର ବିଷୟରେ ଦୁଇ ଶବ୍ଦ ପଂକ୍ତି ଲେଖି ନାମଜାଦା ମହାରାଜାଙ୍କ ବଦାନ୍ୟତା ପାରଳା ମହାରାଜା ଅନୁକରଣ କରନ୍ତୁ ବୋଲି କେଉଁ ଅଭିପ୍ରାୟରେ କହିଅଛନ୍ତି ? ପାରଳା ମହାରାଜାଙ୍କ ବଦାନ୍ୟତା ବିଷୟ କେଁ ନ ଅବଗତ ହୋଇ ଜାହାନ୍ତି ? ପାରଳା ମହାରାଜା ସ୍କୁଲରେ ଓଡ଼ିଆ ବାଳକଙ୍କ ପ୍ରତି ଯେବେ ଆପଣାର ବଦାନ୍ୟତା ଦେଖାନ୍ତୁ ନ ଥାନ୍ତେ ତେବେ ଲେଖକ ମହାଶୟ ମହାରାଜାଙ୍କଠାରୁ କପଡ ମାସିକ ଟ ୧୦ ଟା ଛାତ୍ରବୃତ୍ତି ପ୍ରାପ୍ତ ହେଉଅଛନ୍ତି ? ପୁଣି ମହାରାଜାଙ୍କର କନିଷ୍ଠ ଭ୍ରାତା ଶ୍ରୀ ଶ୍ରୀ ଶ୍ରୀ ପଦ୍ମନାଭ ଗଜପତିଦେବ ପାରଳାଖେମୁଣ୍ଡି ହାଇସ୍କୁଲ, ବ୍ରହ୍ମପୁର କଲେଜ ରମ୍ଭଲକ୍ଷ୍ମୀ ମିଡ଼ିଲସ୍କୁଲ ଓ ଟେକ୍କଲି ମିଡ଼ିଲ ସ୍କୁଲସ୍ଥ ଓଡ଼ିଆ ବାଳକମାନଙ୍କୁ ସ୍କୁଲ ବେତନ ଓ ପାରଳାଖେମୁଣ୍ଡି ହାଇସ୍କୁଲସ୍ଥ କତିପୟ ବାଳକମାନଙ୍କୁ ପୁସ୍ତକ ଓ ବସ୍ତ୍ର ପ୍ରଦାନ କରୁଅଛନ୍ତି ଶ୍ରୀ ମନ୍ତ୍ରୀ ପାରଳା ମଧ୍ୟ ସଂସ୍କୃତ ଓ ଇଂରାଜୀ ବିଦ୍ୟାର୍ଥୀମାନଙ୍କୁ ଉପଯୋଗୀ ସାହାଯ୍ୟାଦି ପ୍ରଦାନ କରୁଅଛନ୍ତି । ଅବଶେଷରେ ଲେଖକ ମହାଶୟଙ୍କଠାରେ ମୋହର ବିନୀତ ପ୍ରାର୍ଥନା ଏହି ଯେ ସେ ଏଣିକି କୌଣସି ବିଷୟର ସବିଶେଷ ବିବରଣ ଅବଗତ ନ ହୋଇ ସେ ସମ୍ବନ୍ଧେ ପତ୍ରେ ଅଥବା ପତ୍ରିକାରେ ପ୍ରକାଶ କରି ପାଠକଙ୍କୁ ଅପ୍ରାକୃତ ସମ୍ବାଦ ଦେବା ଲାଗି ଅଗ୍ରସର ହେବେ ନାହିଁ ।

ପାରଳାଖେମୁଣ୍ଡି  ଜଣେ ଛାତ୍ର
୨୭ । ୧୦ । ୯୫

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଜଗନ୍ନାଥ ପଣ୍ଡା | | ଟ ୦ ୧ |
| ଗୋବର୍ଦ୍ଧନ ଦାସ | କଟକ | ଟ ୦ ୧ |
| କୃପାସିନ୍ଧୁ ପୁରୋହିତ | କୋଲକତା | ଟ ୦ ୧ |
| ଜଗନ୍ନାଥ ଘୋଷ | ପଟନା | ଟ ୧ ୧ |
| ଧନମଣି ମହାନ୍ତି | ,, | ଟ ୦ ୧ |
| ପଦ୍ମନାଭ ଶର୍ମା ନିଜ ଲାଭ | ଭୁବନେଶ୍ୱର | ଟ ୦ ୧ |

## ବିଜ୍ଞାପନ ।


ଓଡ଼ିଶା କମିସ୍ନରର ମାନ୍ୟବର ଶ୍ରୀଯୁକ୍ତ ରେଭେନ୍ସା ସାହେବଙ୍କ ପ୍ରଣୀତ ନିମ୍ନଲିଖିତ ଅନୁବାଦିତ ପ୍ରକାଶିତ ପୁସ୍ତକମାନ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ସଚିବର୍ଷ ବଙ୍ଗଲା ଉପନ୍ୟାସ ଟ ୦ ୧
ସଂସାର ,, ଟ ୧ ।

---

KEY TO LETHBRIDGE'S
EASY SELECTIONS
( Minor course for 1896 )
*IS OUT*
*Price Rs. 1.*
To be had of the Secretary
Printing Company Cuttack.


Split by PDF Splitter
Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ନୂତନ ପୁସ୍ତକ ।

## ବିଳାସିନୀ ।

( ଉପନ୍ୟାସ )

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଏକଟଙ୍କା ମୋଫସଲକୁ ଡାକମାସୁଲ ଏକଅଣା ମାତ୍ର ।

---

## ବିଜ୍ଞାପନ ।

ନୂତନ ନୂତନ ନୂତନ

### କବି ଷଣ୍ଢ ବିରଚିତ

ସତ୍ୟଭାମାସ୍ୱୟଂବର ଚନ୍ଦ୍ରପାଳି ମୂଲ୍ୟ ଟ ୦/ ଏକଅଣା

ପଦ୍ମଲୋଚନ ପାଲା ମୂଲ୍ୟ ଟ ୦/

ମର୍ଦ୍ଦଗାମୀ ଚନ୍ଦ୍ରପାଳି ମୂଲ୍ୟ ଟ ୦⁄

ଦ୍ରଉଅର୍ଜୁନ ପାଲା ମୂଲ୍ୟ ଟ ୦⁄

ଉତ୍ତରାସ୍ତ୍ର ପାଳା „ ଟ ୦/

ଭ୍ରମରବର „ „ ଟ ୦/୬

ମର୍ଦ୍ଦଗାମୀବର୍ଣ୍ଣ ପାଳା ଟ ୦⁄

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅନ୍ୟାନ୍ୟପାଳମାନ ଯନ୍ତ୍ରସ୍ଥ ଅଛି

---

CHEAP ! CHEAP ! CHEAP !

**SCHOOL BOOKS.**

Prescribed for the Collegiate school and H. E. schools.

JUST TO HAND.

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ-ଦୋକାନରେ ପ୍ରାପ୍ତବ୍ୟ ।

---

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

### ଦାଚ୍ୟଭାବକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୫୨ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା ମୋଫସଲକମାନେ ଡାକମାସୁଲ ଟ ୦/

---

NOTICE

THE

# DWIBHASI.

*SECOND EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

---

## ବିଜ୍ଞାପନ ।

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ଲୋୟର ପ୍ରାଇମେରୀ ସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଅଟଲାସ୍, ଓ ସ୍ଲେଟ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଗୁରୁ ଓ ଶିକ୍ଷକମାନେ ଅନ୍ୱେଷଣରେ ପାଇପାରିବେ ।

---

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ⁄ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଚଉପଦୀ ପ୍ରଭୃତି ସୁମଧୁର-ସ୍ୱରର ଅତ୍ୟୁତ୍କୃଷ୍ଟ ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କିମ୍ବା ବୁକ୍‌ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖର୍ଯ୍ୟିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## ଶୁଭସଂବାଦ ।

ଆୟୁର୍ବେଦିକ ମେଡିସିନ୍ ମ୍ୟାନୁଫ୍ୟାକ୍‌ଚରିଂ

କୋମ୍ପାନୀ ଅଫ ଇଣ୍ଡିଆ, ଲିମିଟେଡ୍ ।

କାଲନା, ବେଙ୍ଗଲ ।

ଔଷଧର ମୂଲ୍ୟ ଶତକରା ଟ ୨୫ ଙ୍କା ଊଣା ହେଲା ।

କୋମ୍ପାନୀର ପ୍ରସ୍ତୁତ ଆୟୁର୍ବେଦୋକ୍ତ ଶୈଳବଦ୍ଧ ମୋଟ ୧୬୦ ଔଷଧ ସମୂହ ସେପରି ବିଶୁଦ୍ଧ ଏବଂ ଖାଣ୍ଟିବାନ୍ ଓ ସୁଲଭ ମୂଲ୍ୟରେ ତାହା ଆଉ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ଗୁଣବିଚାର କରିବା କୋମ୍ପାନୀର ଭାର । ଏତେ ସୁଲଭ ମୂଲ୍ୟରେ ଯାହାର ବିଶୁଦ୍ଧ ଔଷଧର ପ୍ରୟୋଜନ କୋମ୍ପାନୀ ନିକଟକୁ ଲେଖିଲେ ଠକିବାର ଭୟ ନାହିଁ । ରୋଗର ଅନୁପୂର୍ବିକ ଲକ୍ଷଣ ପଠାଇଲେ ବ୍ୟବସ୍ଥା ମଧ୍ୟ ଦିଆ ହୁଏ ।

**ଔଷଧର ମୂଲ୍ୟ ଅଗ୍ରିମ ଦେୟ—** ଯାହାର ଭେଲୁପେବଲରେ ଔଷଧ ନେବାର ପ୍ରୟୋଜନ ତାହାକୁ ଅନ୍ତତଃ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନଚେତ୍ ଆଦେଶାନୁସାରେ ଔଷଧ ପ୍ରେରିତ ହେବ ନାହିଁ ।

**ବୈଦ୍ୟନାଥ ବଟି—** ନିୟମିତ ବ୍ୟବହାର କଲେ କଷ୍ଟସାଧ୍ୟ ପ୍ରମେହ ରୋଗ ମଧ୍ୟ ଆରୋଗ୍ୟ ହୁଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ଧାରଣ୍ୟ ବୃଦ୍ଧିହୋଇ ଶୁକ୍ରକ୍ଷୟ ପ୍ରଭୃତି ଏକାବେଳକେ ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୭ ବଟି ୧୪ ଟଙ୍କା ଡାକମାସୁଲ ।୵ ଅଣା ।

**ମୋହିନୀକୁନ୍ତଳ ତୈଳ—** ବ୍ୟବହାରରେ କେଶ ଘନ, ଭ୍ରମରକୃଷ୍ଣ ଏବଂ ରେଶମ ପରି କୋମଳ ଓ ମସ୍ତିଷ୍କ ଶୀତଳ ହୋଇ ସ୍ମରଣଶକ୍ତି ବୃଦ୍ଧି ପାଏ ଏବଂ କେଶର ଅକାଳପତନ ଓ ପକ୍ୱତା ନିବାରିତ ହୁଏ । ଏହାର ଗନ୍ଧ ମଧୁର ମନୋହର ଏବଂ କୋମଳତାମୟ । ଏଥିରେ ମନ୍ତ୍ରିଷ୍କ ସ୍ନିଗ୍ଧ ରହେ ଏହା କେବଳ ମର୍ତ୍ତ୍ୟ ଭୂମିରେ ମହାଉତ୍ପନ୍ନ । ଏହା ଅପେକ୍ଷା କଳାଭୋଗଯୋଗୀ ସୁଗନ୍ଧଯୁକ୍ତ ତୈଳ ଆଉ ଆବିଷ୍କାର ହୋଇ ନାହିଁ ।

୧ ଶିଶି ୧ ଟଙ୍କା, ଡାକମାସୁଲ ।୵ ଅଣା ।

**ଦନ୍ତସମ୍ମାର ଚୂର୍ଣ୍ଣ—** ଏହା ବ୍ୟବହାରରେ ଦନ୍ତର ଓ ଦନ୍ତମୂଳର ଯେ କୌଣସି ରୋଗ ହେଲେହେଁ ଅତ୍ୟଳ୍ପ ଦିନ ମଧ୍ୟରେ ନିବାରିତ ହୁଏ । ଏହା ଅତ୍ୟନ୍ତ କଳାଭୋଗଯୋଗୀ ଏବଂ ସୁଗନ୍ଧିଯୁକ୍ତ ଦନ୍ତମଞ୍ଜନ ଏହାର ବିରୋଧୀ ନାହିଁ

୧ କୌଟା ୦ ୪ ଅଣା ଡାକମାସୁଲ ।୵ ଅଣା

**କୁନ୍ତଳକୌମୁଦୀ ତୈଳ—** ବ୍ୟବହାରରେ ମସ୍ତକ ସ୍ନିଗ୍ଧ ରହେ ଏବଂ ଚିରନୋନ୍ମାଦ ରୋଗ ମଧ୍ୟ ଦୂର ହୁଏ । ଏହା କଳାଭୋଗଯୋଗୀ ଓ ମନୋମୁଗ୍ଧକର ସୁଗନ୍ଧବିଶିଷ୍ଟ ।

୧ ଶିଶି ୧ ଟଙ୍କା ଡାକମାସୁଲ ।୵ ଅଣା ।

୧ ଡଜନ ୯ ଟଙ୍କା ।

କୋମ୍ପାନୀର ବର୍ତ୍ତମାନ ମୂଳଧନ ୨୦୦୦୦ ଟଙ୍କା ୨୦୦ ଅଂଶରେ ବିଭକ୍ତ । ପ୍ରତି ଅଂଶର ମୂଲ୍ୟ ୧୦୦ ଟଙ୍କା । ଅଂଶପ୍ରତି ବର୍ତ୍ତମାନ ଟ ୨୫ ଙ୍କା ଦେୟ । ଶୀଘ୍ର ୧୦୦୦୦ ଲକ୍ଷ ଟଙ୍କା ମୂଳଧନ ବୃଦ୍ଧି ହୋଇ ୧୦୦୦୦ ଅଂଶରେ ବିଭକ୍ତ ହେବ ଏବଂ ପ୍ରତି ଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବଂ ଅଂଶପ୍ରତି ୨୫ ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ ନେବାକୁ ଇଚ୍ଛୁକ ସତ୍ୱର ନାମ ଆମ ନିକଟ ପଠାଇବେ ।

**ସର୍ବତ୍ର ଏଜେଣ୍ଟର ପ୍ରୟୋଜନ—** ଏଜେଣ୍ଟଙ୍କୁ ଶତକଡ଼ା ୨୦ ଟଙ୍କା କମିଶନ ବାଦ ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଡକ୍ୟାଲିଜ୍‌ ଉତ୍ତର ଦେବୁ ଲିଖିବେ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।

ସେକ୍ରେଟେରି ଓ ଟ୍ରେଜରର ।

Digitized by srujanika@gmail.com

Split by PDF Splitter



# ଆୟୁର୍ବେଦୀୟ ଚିକିତ୍ସା ।

ଗବର୍ଣ୍ଣମେଣ୍ଟ ସ୍କୁଲ ଓ କଲେଜର ପରୀକ୍ଷୋତ୍ତୀର୍ଣ୍ଣ ଉପାଧି ପ୍ରାପ୍ତ ଆୟୁର୍ବେଦୀୟ ଶ୍ରୀ ଜଗନ୍ନାଥ ବିଦ୍ୟାରତ୍ନ କବିରଞ୍ଜନ କବିରାଜଙ୍କର ଆୟୁର୍ବେଦୀୟ ବିଦ୍ୟାଳୟ ଓ ଔଷଧାଳୟ

ନଂ ୩୮ ମୃତ ନିମୁଚାନ୍ଦ ବୌବଜାର କଲିକତା ।

ଭାରତବର୍ଷ ମଧ୍ୟରେ ଅଦ୍ବିତୀୟ ଏହି ଔଷଧାଳୟରେ ସବୁ ଶାସ୍ତ୍ରୀୟ ମୂଲ୍ୟ ଅତି ଅଳ୍ପ ଶକ୍ତି ସମ୍ପନ୍ନ, ପ୍ରତ୍ୟକ୍ଷ ଫଳ ପ୍ରଦାୟକ ଅମୋଘ ମହୌଷଧ ସକଳ ସୁଲଭ ମୂଲ୍ୟରେ ପ୍ରାପ୍ତ ହୁଏ ।

ଯେଉଁ ସବୁ ବିଦେଶସ୍ଥ ରୋଗୀ ଆମ୍ଭମାନଙ୍କଦ୍ବାରା ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି, ସେମାନେ ନିଜ ନିଜ ରୋଗର ଅବସ୍ଥା ଆନୁପୂର୍ବିକ ଲେଖି ଅର୍ଦ୍ଧ ଆଣାର ଟିକଟ ଦେଇ ଲେଫାଫାରେ ବ୍ୟବସ୍ଥା ଏବଂ ମୂଲ୍ୟ ଦେଲେ ଔଷଧ ଓ ଔଷଧ ସେବନ ପ୍ରଣାଳୀ ପଠାଇ ଥାଉଁ । ବେଙ୍ଗଳ ପୁସ୍ତକ ହୁଏ ନାହିଁ ଉକ୍ତ ପ୍ରାର୍ଥୀଗଣ ଅର୍ଦ୍ଧଆଣାର ଟିକଟ ପତ୍ରମଧ୍ୟରେ ପଠାଇବେ ।

# ଚମତ୍କାରଜନକ

## ମହୌଷଧ ।

ଏରୂପ ଔଷଧ ଅଦ୍ୟାପି ଆବିଷ୍କୃତ ହୋଇ ନାହିଁ ।

୧ । ହେମସୁତ ସାଲସା—ସ୍ବପ୍ନଶୋଣିତ ଶୋଧନର ଏବଂ ଶରୀର ପୁଷ୍ଟ ଓ ବଳବାନ ହେବାର ଅଦ୍ବିତୀୟ ଔଷଧ ମୂଲ୍ୟ ପ୍ରତି ଶିଶି ୧୲ ଡାଃ ମାଃ ।୵

୨ । ମହାକାମଶ୍ରେଷ୍ଠ ଓ ଶୁକ୍ରମାତୃକା ବଟିକା ଏହା ଧାତୁ ଦୌର୍ବଲ୍ୟ ପୁଂସତ୍ବହୀନ, ଧାରଣା ଶକ୍ତିର ଅଭାବ, ବହୁତ ପ୍ରକାର ମେହ, ବହୁମୂତ୍ର, ମୂତ୍ରକୃଚ୍ଛ୍ର, ବଧିରତା ରୋଗର ଅବ୍ୟର୍ଥ ଔଷଧ ଏକ ଡିବାର ମୂଲ୍ୟ ୨୲ ଡାଃ ମାଃ ୵

୩ । ପ୍ରମେହ ଗଜକେଶରୀ—ଏହା ଔପସର୍ଗିକ ମେହର (ଗନୋରିଆର) ମହୌଷଧ ୩ ଦିନ ମଧ୍ୟରେ ଆରୋଗ୍ୟ ହେବ ।

୪ । ଶିରଃଶୂଳ—ଅର୍ଦ୍ଧଶିରା, ମସ୍ତକ, ମସ୍ତିଷ୍କର ଅବ୍ୟର୍ଥ ଔଷଧ, ମୂଲ୍ୟ ପ୍ରତିଶିଶି ୧୲ ଡାଃ ମାଃ ।୵

୫ । ସର୍ବଜ୍ବରାନ୍ତକ ଘୃତ—ଏହା ଗମିର ଘା, ଦଦ୍ରୁ ଘା, କାଉ ଘା, ପଦ୍ମିନୀଘା ଭଗନ୍ଦର ଘା, ପାଚିଲା ଘା, ପ୍ରଭୃତି ସର୍ବପ୍ରକାର କ୍ଷତର ଅବ୍ୟର୍ଥ ଔଷଧ ୨ ଦିନ ମାତ୍ର ବ୍ୟବହାର କଲେ ଆରୋଗ୍ୟ ହେବ ।

୬ । ମୃତ୍ୟୁଞ୍ଜୟଯୋଗ—ଏହା ସେବନ କଲେ ରକ୍ତପିତ୍ତ, ମସ୍ତକ ରକ୍ତ ପଡ଼ିବା, କାଶ, କ୍ଷୟ ଅମ୍ଳରୋଗ, ରକ୍ତାତିସାର ହେବା ୭ ଦିନ ମଧ୍ୟରେ ଆରୋଗ୍ୟ ହୁଏ ମୂଲ୍ୟ ୨ ଡାଃ ମାଃ ୵

# ଶ୍ରୀମଦ୍ଭାଗବତ ।

## ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ କୃତ, ଯେଉଁ ଏକାଦଶସ୍କନ୍ଧ ଏହି ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚରିତ ହୋଇ ଆସୁଥିଲା, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ଦ୍ବିତୀୟସଂସ୍କରଣ ବାହାରିଅଛି । ଯେଉଁ ସ୍ଥଳମାନ ସମ୍ପୂର୍ଣ୍ଣ ସହିତ ବିଶେଷ ଅମେଳ ଥିଲା ତାହା ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ପ୍ରତି ପ୍ରସଙ୍ଗର ପ୍ରାରମ୍ଭରେ ସଂସ୍କୃତ ଶ୍ଲୋକମାନ ସନ୍ନିବେଶ ହୋଇଅଛି । ଆଉ ଶୁକଦେବଙ୍କଠାରୁ ଋଷିମାନେ ନୈମିଷାରଣ୍ୟରେ, ପରୀକ୍ଷିତ ମହାରାଜା ଗଙ୍ଗାତୀରରେ ଭାଗବତ ଶ୍ରବଣ କରୁଥିବାର ଚିତ୍ରପଟ ଶ୍ରୀ କୃଷ୍ଣଙ୍କର ପାଦପଦ୍ମରେ ଶରଣ ହେବା ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ ବିରାଜ କରୁଥିବା ବିଷୟର ସୁନ୍ଦର ଚିତ୍ରମାନ ପ୍ରଦତ୍ତ ହୋଇଅଛି । ମୂଲ୍ୟପୂର୍ବେ ଟ ୦୲ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଉତ୍ତମ ବନ୍ଧାଇ ପୁସ୍ତକର ଅଗ୍ରିମ ମୂଲ୍ୟ ଟ ୦୲ ଧାର୍ଯ୍ୟ ହୋଇଅଛି ।

ବିଜ୍ଞାପନ ।

## ନୂତନପୁସ୍ତକ ।

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ କରା ଯାଉଅଛି ।

| | |
|---|---|
| ତୁଳସୀସ୍ତବକ (ଦ୍ବିତୀୟ ସଂସ୍କରଣ) | ଟ ୦ ୵ |
| ଗଣକଅମାନନ୍ଦା (୨ୟ ସଂସ୍କରଣ) | ଟ ୦ ୵ |
| ମାଆ (ସରଳ ସୁନ୍ଦର କାବ୍ୟ) | ଟ ୦ ୵ |
| ବସନ୍ତକା ଚମ୍ପୂ ୨ୟ ସଂସ୍କରଣ | ଟ ୦ ୵ |
| ବସନ୍ତଦେବ ଚମ୍ପୂ ୧ମ ସଂସ୍କରଣ | ଟ ୦ ୯୲ |
| ରସ ଚମ୍ପୂ ୧ମ ସଂସ୍କରଣ | ଟ ୦ ୵ |
| ବପବୈଶ (ମଦ୍ୟବଡ଼ବଟେଲଶିର) | ଟ ୦ ୶ |
| ରତ୍ନମାଳାର ଅର୍ଥପୁସ୍ତକ (୨ୟ ସଂ) | ଟ ୦ ୬୲ |
| ନାଇଷ୍କୋଚ୍ଚଳ ବର୍ଣ୍ଣଶିକ୍ଷା | ଟ ୦ ୵ |
| ଦୁର୍ଗାବତୀ (କାବ୍ୟ) | ଟ ୦ ୵ |
| ପଦ୍ମାବତୀ ଟ ୦ । ସ୍ଥଳେ | ଟ ୦ ୶ |
| ଧ୍ୟାନମାଳା (ସଂସ୍କୃତ) | ଟ ୦ ୯୲ |

ବିଜ୍ଞାପନ ।

## ଭଗବଦ୍ଗୀତା ।

( କୃଷ୍ଣସିଂହ ମହାଭାରତ ଭୀଷ୍ମପର୍ବ ଅନ୍ତର୍ଗତର ପଦ୍ୟ ) ମୁଦ୍ରିତ ହୋଇ ବିକ୍ରୟ ହେଉଅଛି । ମୂଲ୍ୟ ଖ ୧ ଟ ୦ । ଡାକମାସୁଲ ଟ ୦ ୬

## NOTICE.

Wanted a private tutor for the son and nephew of the undersigned both reading same lessons. Salary Rs. 20 per month with free quarters. None need apply who has at least not appeared in the C. U. Entrance Examination with Sanscrit. Preference will be given to one who has experience in teaching. Applications with testimonials will be received up to the end of this month.

Bhadrow, 8—10—95. } Hara Mohan Roy Churamony
*Zemindar.*
Bhadrow
P. O. NIALL.

## ବିଜ୍ଞାପନ ।

ମାଇନର ଓ ବର୍ଣ୍ଣାକ୍ୟୁଲର ଛାତ୍ରମାନଙ୍କର ବିଶେଷ ଆବଶ୍ୟକୀୟ ।

## ଉତ୍କଳପରୀକ୍ଷା ସମାଧାନ ।

ଯେଉଁ ଉତ୍କଳପରୀକ୍ଷା ବର୍ତ୍ତମାନ ମାଇନର ଓ ବର୍ଣ୍ଣାକ୍ୟୁଲର ସ୍କୁଲମାନଙ୍କରେ ଚଳୁଅଛି, ସେହି ପୁସ୍ତକର ସମାଧାନ ଛପା ହୋଇ ବିକ୍ରୟ ସକାଶେ ପ୍ରସ୍ତୁତଅଛି । ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଟ ୦ । ଅଣା, ଯେଉଁମାନେ ଏକତ୍ରରେ ୫ ଖଣ୍ଡ କମ୍ପା ନହିଁବା ଅଧିକ ନେବେ ସେମାନଙ୍କୁ ଶତକଡ଼ା ଟ ୧୨୲ ହିସାବ କମିଶନ ଦିଆଯିବ ।

ତା ୨୭।୧୦।୯୫ ପ୍ରତାପଗଡ଼ କଟକ } ଶ୍ରୀ ସୁଦର୍ଶନ ନନ୍ଦଶର୍ମା ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୶ |
| ଅର୍ଦ୍ଧସ୍ତମ୍ଭ | ଟ ୬୲ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୲ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚ ଟ ୦୲ ରୁ ଊଣା ହେବ ନାହିଁ ।

ଦ୍ବିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥର ଦେୟର ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ଵତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଙ୍କ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ସ୍ ୪୩ ସଂଖ୍ୟା । ୨ । ଇ ୨୯ ନ କାର୍ତ୍ତିକ ଶୁକ୍ଳ ୧୩୦୭ ସାଲ ଶନିବାର । ଅଗ୍ରିମ ଟ ୩୮ । ପଶ୍ଚାଦେୟ ଟ ୬୧


କଲିକତାର ବୋଷ୍ଟାନବଲ ବଗିଚାରେ ଦେଶୀୟ ସ୍ତ୍ରୀମାନଙ୍କର ଏକ କନଫେନ୍ସ ହୋଇଥିଲା । ପ୍ରାୟ ଛନଂଶ ବଙ୍ଗୀୟ ମହିଳା ଏଥିରେ ଯୋଗ ପ୍ରଦାନ କରିଥିଲେ ଏମାନଙ୍କ ମଧ୍ୟରେ କେତେକ ଦେଶୀୟ ଖ୍ରୀଷ୍ଟୀୟାନ୍ ଥିଲେ ଓ ଅନେକ ଗୁଡ଼ାଏ ମଧ୍ୟ ବାଲ୍ୟାବସ୍ଥାରେ ଜନାନା ମହଲ ଉପଭୋଗୀ ମହିଳା କଲିକତା ସହରରେ ସ୍ତ୍ରୀସ୍ୱାଧୀନତା କ୍ରମଶଃ ବୃଦ୍ଧିହେବାକୁ ଆରମ୍ଭ ହେଲାଣି ।

---

ଗତ ପୂର୍ବ ଶୁକ୍ରବାର ଦିବସ ଶ୍ରୀଯୁକ୍ତ ଡବଲିଉ ମଡ କଟ୍ଟକ କଲେକ୍ଟରୀର ଭାର ଶ୍ରୀଯୁକ୍ତ ଡବଲିଉ, ବି, ଟମସନଙ୍କୁ ପ୍ରଦାନ କରି ବିଦାୟ ହେଲେ । ସାହେବ ମହୋଦୟ ବର୍ତ୍ତମାନ କଟକ ବନ୍ଦୋବସ୍ତର କର୍ତ୍ତା ହେଲେ । ବନ୍ଦୋବସ୍ତ ଶେଷ ନ ହେବା ପର୍ଯ୍ୟନ୍ତ ତାଙ୍କୁ ଭଲ୍ତ ବଙ୍ଗଳରୁ ଅନ୍ତର କରଯାଉ ନାହିଁ । ନୂତନ କଲେକ୍ଟର ମିଃ ଟମସନ ଗୃଢ଼ ଶ୍ରୀହଣ କଲାଇସ୍ତରେ ଶୁଣାଗଲା ଯେ ସେ ଏକମାସ ନିମନ୍ତେ ଏଠାରେ ଥିବେ ତତ୍ପରେ ବନ୍ଦୋବସ୍ତରେ ନିଯୁକ୍ତ ହେବେ ଓ ତାଙ୍କ ପରବର୍ତ୍ତିରେ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଇ, ଏଫ୍, ସ୍ମୁ ଅଫିସିଏଟିଂ ଗତ ଗେଜେଟରେ ମଧ୍ୟ ତ୍ରୁଟି ସାହେବଙ୍କ ଏଠାକୁ ଅସିବା ବିଷୟ ପ୍ରକାଶିତ ହୋଇଅଛି । ଶ୍ରୀଯୁକ୍ତ ଟମସନସାହେବ ଅତି ଅଳ୍ପକାଳମଧ୍ୟରେ ଏଠାରେ ଅଶିଷ୍ଟାଣ୍ଟିକୁ

ଯାଇ କଲେକଟର ହୋଇ ... ଭାରେ କର୍ମଚାରୀମାନଙ୍କର ଯେ ପରିମାଣରେ ଅନନ୍ଦ ଭାଜନ ହୋଇଥିଲେ ସାହେବ ମହୋଦୟ ମଧ୍ୟ ତଦନୁରୂପ ଆନନ୍ଦ ପ୍ରଦାନ କରିବାର ଅନୁଭୂତ ହୋଇଥିଲେ ଏବଂ ଏହି ଅଳ୍ପକାଳମଧ୍ୟରେ ସେ ଯେମନ୍ତ ଯୋଗ୍ୟତା ଓ ସ୍ୱଜାତି ଅମଲାଙ୍କ ପ୍ରତି ସହାନୁଭୂତି ଦେଖାଇଲେ ତାହା ଏକାବେଳକେ ଆଶାତୀତ ଅଟଇ ।

---

ଗତ ପଞ୍ଚବାର ଦିବସ ବାଲିଯାତ୍ରା ପର୍ବ ହୋଇଥିଲା । ପର୍ବର ଦୁଇଗୁଣ ଦିବସ ପୂର୍ବରୁ ବୃଷ୍ଟି ଓ ପବନ ହେଉଥିବାରୁ ଆମ୍ଭମାନଙ୍କର ଆଶଙ୍କା ଥିଲା ଯେ ବାଲିଯାତ୍ରା ପର୍ବରେ ବିଘ୍ନ ଘଟିବ କିନ୍ତୁ ଯାହା ହେଉ ଦିନକ ପୂର୍ବରୁ ଆକାଶ ନିର୍ମଳ ହେବାକୁ ଆରମ୍ଭ ହେଲା ବୃଷ୍ଟି ଓ ପବନ ଅନ୍ତର୍ଦ୍ଧାନ ହେଲା ସୁତରାଂ ପର୍ବ ରକ୍ଷା ପକ୍ଷରେ କୌଣସି ପ୍ରକାର ବ୍ୟାଘାତ ହେଲା ନାହିଁ । ଏଠା ବାଲିଯାତ୍ରା ମହାନଦୀସ୍ଥ ଗଡ଼ଗଡ଼ିଆ ମହାଦେବଙ୍କ ସନ୍ନିକଟରେ ଓ କାଠଯୋଡ଼ି ନଦୀ ସ୍ନାନଘାଟ ନିକଟରେ ହୁଏ । ଏ ବର୍ଷ ତଦନୁସାରେ ହୋଇଥିଲା । କାଳ ଓ ପାଗ ଭଲ ଥିବାରୁ ପର୍ବ ମଧ୍ୟ ଭଲ ହୋଇଥିଲା । ପୁରାତନ ପ୍ରଥାନୁସାରେ ଯାହା ଚଳି ଅସୁଅଛି ସେହିପରି କାର୍ଯ୍ୟ ହୋଇଥିଲା । ଦର୍ଶକ ଓ

ଦୋକାନୀଙ୍କ ସଂଖ୍ୟା ପୂର୍ବବର୍ଷମାନଙ୍କ ଅପେକ୍ଷା ଅଧିକ ଥିଲା । ବହୁଲୋକ ସମାଗମର ଆଶଙ୍କା କରି ପୁଲିସ ମଧ୍ୟ ତାମ୍ବୁ ଗାଡ଼ି ଥିଲେ ମାତ୍ର ସୁଖର ବିଷୟ ଯେ କୌଣସି ଦୁର୍ଘଟନା ଘଟି ନାହିଁ । ଭୂତପୂର୍ବ ମଧ୍ୟରେ କେତେକ ସାହେବ ସାଧାରଣ ଲୋକଙ୍କ ପ୍ରାୟ ଭିଡ଼ ମଧ୍ୟରେ ପ୍ରବେଶ କରି ଖେଳନା ଇତ୍ୟାଦି କଣାକଣି କରୁଥିଲେ । ଏହା ଶୁଭଲକ୍ଷଣ ।

---

ଏଠା ବଙ୍କସିକଳାବସ୍ଥ ମହାଜନ ତିଳକ ଗତଙ୍କ ଫୌଜଦାରୀ ମୋକଦ୍ଦମା ଗତମାସର ତା ୨୯ ଋଷରେ ନ ହୋଇ ଚଳିତମାସ ତା ୧୬ ରୁଷରେ ହେବାର ଥିଲା । ମୋକଦ୍ଦମା ଖୋଦ ମାଜିଷ୍ଟ୍ରେଟ ସାହେବଙ୍କ ବିଗୁରାଧୀନରେ ଥିଲା । ମୋକଦ୍ଦମା ବିଗୁର ଦିବସ ଆମ୍ଭମାନଙ୍କର ନୂତନ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଡବଲିଉ ବି ଟମସନ ଉକ୍ତ ମୋକଦ୍ଦମାକୁ ଏଠାର ଅଶିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ କିଂସ୍‌ଫୋର୍ଡଙ୍କ ବିଗୁରାର୍ଥେ ପ୍ରେରଣ କରିବାରୁ ମୋକଦ୍ଦମାର କାର୍ଯ୍ୟାରମ୍ଭ ହୋଇଥିଲା । ପୋଲିସପକ୍ଷରୁ ପାଞ୍ଚଜଣଙ୍କ ସାକ୍ଷ୍ୟ ଓ ମୁଦ୍ଦାଲାର ଜବାବ ଗ୍ରହଣ କରାହୋଇ ଅଛି ଜବାବରେ ପ୍ରକାଶ ହୋଇଅଛି ଯେ ପୋଲିସ ଇନସପେକ୍ଟର ଟଙ୍କା ଦାବି କରିବାରେ ମୁଦ୍ଦାଲା ଦାବିକୁ ଅସ୍ୱୀକାର କଲେ ଲେଣ୍ଡ୍‌ବର ତାଙ୍କନାମରେ ମୋ-

Digitized by srujanika@gmail.com

Split by PDF Splitter



ମୋକଦ୍ଦମା ଉପସ୍ଥିତ । ସରକାରଙ୍କ ପକ୍ଷରୁ କୌଣସି ଉକିଲ ଉପସ୍ଥିତ ନ ଥିଲେ । ମୁଦାଲାଙ୍କ ପକ୍ଷରୁ ଡେପୁଟୀ ପ୍ରିଡ ସରକାରୀ ଉକିଲ ବାବୁ ହରିବଲ୍ଲଭ ବୋଷ ବାବୁ ପ୍ରିୟନାଥ ଚାଟର୍ଜି ଓ ବାବୁ ଭଗବାନ୍‌ଙ୍କ ଉପସ୍ଥିତ ଥିଲେ । ମାଜିଷ୍ଟ୍ରେଟ ମହୋଦୟ ମୁଦାଲାର ଜବାବ ନେଇ ତା ୧୫ ରିଖକୁ ମୋକଦ୍ଦମା ସ୍ଥଗିତ ରଖିଲେ । ଉଭୟ ପକ୍ଷ ଉକିଲଙ୍କର ବକ୍ତୃତା ଶୁଣିବା ଉତ୍ତାରେ ଅଭିଯୋଗ ଚଳିବା ବିଷୟ ବିଚାର କରିବେ । ମୋକଦ୍ଦମା ବିଚାରାଧୀନ ଥିବାରୁ ଆମ୍ଭେମାନେ ମତାମତ ପ୍ରକାଶ କରିବାକୁ ଅସମର୍ଥ ।

---

ନାଟବନ୍ଧ ସମୟରେ ସହର ମଧ୍ୟରେ ଜନତା ହୋଇଥାଏ ତଦନୁସାରେ ଏ ବର୍ଷ ଅଧିକ ଲୋକର ସମାଗମ ହୋଇଅଛି । ମନିଅର୍ଡରର ନିୟମ ଜାରି ହେବା ପୂର୍ବରେ ଆହୁରି ଅଧିକ ଜନତା ହେଉଥିଲା । ମନିଅର୍ଡର ନିୟମଦ୍ୱାରା ଅନେକ ଜମିଦାରର ସୁବିଧା ହୋଇଅଛି ସତ୍ୟ କିନ୍ତୁ ମନିଅର୍ଡର ଗ୍ରାହକର ବ୍ୟବହାର ଉତ୍ତମରୂପେ ଜାଣି ନ ଥିବା ଏବଂ ଅସମୟରେ ମନିଅର୍ଡର ଟଙ୍କା ପହଞ୍ଚିବା ହେତୁ ଜମିଦାରମାନେ ଲଣ୍ଡଭଣ୍ଡ ଓ କ୍ଷତିଗ୍ରସ୍ତ ହୋଇଥିବାରୁ ଅନେକ ଜମିଦାର ମନିଅର୍ଡରର ସାହାଯ୍ୟ ପରିତ୍ୟାଗ କରି ପୂର୍ବପର ନଗଦ ଟଙ୍କା ପେଠ କରିବାର ଉପାୟ ଅବଲମ୍ବନ କରୁଅଛନ୍ତି ତେଣୁକରି ଏ ବର୍ଷର ଜନତା ଅତିଶୟ ହୋଇଅଛି ଓ ଚଳିତ ବନ୍ଦୋବସ୍ତ ପୁନଃସ୍ଥିରିମର ସମୟ ହେବାରୁ ଉମେଦ୍‌ବାରମାନଙ୍କ ସଂଖ୍ୟା ଅଧିକ ହୋଇଅଛି । ଏପରି ଅବସ୍ଥାରେ ସହରର ସ୍ୱାସ୍ଥ୍ୟ ମନ୍ଦ ହେବାର ସମ୍ଭାବନା କିନ୍ତୁ ଏପର୍ଯ୍ୟନ୍ତ କୌଣସି ପ୍ରକାର ବିଶେଷ ଅଶୁଭ ସମ୍ବାଦ ଶୁଣା ଯାଇ ନ ଥିଲେ ମଧ୍ୟ ଠାବେ ୨ ବିସୂଚିକାରୋଗର ପ୍ରାଦୁର୍ଭାବ ଶୁଣା ଯିବାରେ ଭୟ ହେଉଅଛି କାଳେ ସହରର ସ୍ୱାସ୍ଥ୍ୟ ମନ୍ଦ ହୋଇପାରେ । ଗତ ବର୍ଷ ସମୟରେ ମିଉନିସିପାଲିଟୀ ବିସୂଚିକାରୋଗର ଦମନାର୍ଥେ ବହୁ ସାହାଯ୍ୟ କରିଥିଲେ ଓ ଆଲକାତରା ଜାଳିବାଦ୍ୱାରା ସହରର ଦୂଷିତବାୟୁ ଅପନୋଦନ କରିବାର ଚେଷ୍ଟା କରିଥିଲେ । ଆମ୍ଭେମାନେ ଆଶା କରୁ ମିଉନିସିପାଲିଟୀ ବର୍ତ୍ତମାନ ସମୟରୁ ସଚେଷ୍ଟ ହେଲେ ଅମ୍ଭମାନଙ୍କର ଭୟ ନିଷ୍ଫଳ ହୋଇଯିବ । ପ୍ରବାଦ ଅଛି ଯେ ରୋଗର ଉପକ୍ରମଠାରୁ ରୋଗକୁ ଆଗନ୍ତୁ ନିବାରଣ କରି ରଖିବା ଶ୍ରେୟସ୍କର ।

---

କଂଗ୍ରେସ ଅର୍ଥାତ ଜାତୀୟ ମହାସମିତିର ଦିନ ପ୍ରାୟ ସନ୍ନିକଟ ହେଲାଣି । ପୁନା ସହରରେ ଆଗାମୀ ଡିସେମ୍ବରମାସ ଶେଷ ଭାଗରେ ଜାତୀୟ ସମିତିର ଅଧିବେଶନ ହେବ । ପ୍ରତିବର୍ଷ କଂଗ୍ରେସ ଚଳନରେ ସାଧାରଣୋଦ୍ୟୋଗୀମାନଙ୍କର ବ୍ୟସ୍ତ ହେବା ଉଚିତ । ଜାତୀୟ ସମିତି ପ୍ରତି ଓଡ଼ିଆ ଲୋକଙ୍କ ଭକ୍ତି ଛିନ୍ନ ହେଲା ପ୍ରାୟ । ଗତ କେତେକ ବର୍ଷ ହେଲାଣି ଜଣେ ମାତ୍ର ପ୍ରତିନିଧିର ଉପସ୍ଥିତ ହେବା ଦୂରେ ଥାଉ ଓଡ଼ିଶାର ରାଜଧାନୀ କଟକନଗରରୁ ଜଣେମାତ୍ର ଚନ୍ଦାଦାତା ହୋଇ ନାହାନ୍ତି । ମହାସମିତିର ପ୍ରଥମାବସ୍ଥାରେ ଓଡ଼ିଶାବାସିଙ୍କ ଉତ୍ସାହ ଜନ୍ମିଥିଲା । ତାହା ଉତ୍ସାହ କେତେଦିନ ଠାରୁ ପା[illegible] ସାଧାରଣ ଲୋକ[illegible] ଏଥି କାରଣ । [illegible]ପେକ୍ଷା କରୁଥିଲୁଁ ଶିକ୍ଷାର ଉନ୍ନତି କ୍ରମେ ସାଧାରଣ ଚର୍ଚ୍ଚାର ବିଷୟ ଉତ୍ତମରୂପେ ଆଲୋଚିତ ହେବ କିନ୍ତୁ ତାହା ଅଧିକ ଦୁର୍ଦ୍ଦଶା ହୋଇଅଛି । ଅଳ୍ପଶିକ୍ଷିତ ଲୋକରେ ଯେଉଁ କାର୍ଯ୍ୟ ସୁନ୍ଦରରୂପେ ଚଳୁଥିଲା ବେଶୀ ଶିକ୍ଷିତଲୋକରେ ତାହା କାର୍ଯ୍ୟ ସ୍ୱପ୍ନବତ୍ ହେଲାଣି । ଏଥିର କାରଣ କି କେବେ ଶିକ୍ଷିତଯୁବକମାନେ ଭାବୁଅଛନ୍ତି ? ଖେଳ କ୍ରୀଡ଼ାରେ, ଆମୋଦରେ ଅବା ଭ୍ରମଣ ସମୟରେ କେବେ କି ଦେଶର ବର୍ତ୍ତମାନ ଅବସ୍ଥା ଓ ଅତୀତ ଅବସ୍ଥାର ତାରତମ୍ୟ ବିଚାର ପଡ଼ିଥାଏ କି ? ସାଧାରଣ କାର୍ଯ୍ୟ ପ୍ରତି ଉଦାସୀନ ହେବା କି ଦେଶ ପକ୍ଷରେ ମଙ୍ଗଳ? ଆମ୍ଭେମାନେ ଅନୁରୋଧ କରୁଁ ଶିକ୍ଷିତଯୁବକମାନେ ଏହି ବିଷୟରେ ଆନ୍ଦୋଳନ କରନ୍ତୁ ଓ ଜାତୀୟ ମହାସମିତିରେ ଯୋଗ ପ୍ରଦାନ କରିବା ଉଚିତ ଅବା ଅନୁଚିତ ତଦ୍‌ଦ୍ୱାରା ସିଦ୍ଧାନ୍ତ କରନ୍ତୁ । ତର୍କରେ କୌଣସି ବିଷୟର ମୀମାଂସା ହୁଏ ନାହିଁ ଏହା ସ୍ୱତଃସିଦ୍ଧ ଓ ସର୍ବବାଦ ସମ୍ମତ ।

---

ପୁରୀ ବସାଘର ଆଇନ ପ୍ରଥମେ କେବଳ ପୁରୀ ନଗର ନିମନ୍ତେ ସୃଷ୍ଟି ହୋଇଥିଲା । ବର୍ତ୍ତମାନ ସେହି ଆଇନ ଓଡ଼ିଶାର ଜନକଲ ଅନ୍ତର୍ଗତ ଜଗନ୍ନାଥ ସଡ଼କର ସମସ୍ତ ଚଟିଘରମାନଙ୍କରେ ଏବଂ ଖୁର୍ଦ୍ଦାଲରେ ଜାରି ହୋଇଅଛି । ଏପରି ଗୟା ବୈଦ୍ୟନାଥ ନବଦ୍ୱୀପ ପ୍ରଭୃତି ବଙ୍ଗପ୍ରଦେଶର ଆଉ କେତେକ ସ୍ଥାନରେ ମଧ୍ୟ ଜାରି ହୋଇଅଛି । ସନ ୧୮୯୩।୯୪ ସାଲରେ ବସାଘର ସମ୍ବନ୍ଧୀୟ ମୋଟ ଆୟ ଟ ୪୨୩୨୧ ଙ୍କା ହୋଇଥିଲା । ମାତ୍ର ସନ ୧୮୯୪।୯୫ ସାଲରେ ଜଗନ୍ନାଥ ଦର୍ଶନର ଶୁଭକାଳ ନ ପଡ଼ିବାରୁ ଆୟ ଊଣା ହୋଇ ଟ ୩୭୪୫୨ ଙ୍କାରେ ରହିଲା ଯାତ୍ରୀ ଊଣା ହେବାର ଆଶଙ୍କାରେ ପୁରୀ ସହରର ବସାଘରର ମାଲିକମାନେ ଅଳ୍ପଲୋକ ନିମନ୍ତେ ଲାଇସେନସ ନେଇଥିଲେ । ଏଥିକୁ ମାନ୍ୟବର ଛୋଟଲାଟ ବାହାଦୂର ଆଦେଶ ଦେଇଅଛନ୍ତି କି ଯେଉଁ ବସାଘରେ [illegible] ରହିପାରନ୍ତି ତହିଁରୁ ଊଣା ଲୋ[illegible] ଲାଇସେନସ ପ୍ରାର୍ଥ[illegible] ବାର କର୍ତ୍ତ[illegible]

[illegible] ଶିବାହାସ

[illegible] ବର୍ଷାପେକ୍ଷା ଆୟ ଊଣା ହେଲେହେଁ ବ୍ୟୟ ପୂର୍ବବର୍ଷର ୩୨ ହଜାର ଟଙ୍କା ସ୍ଥଳେ ଏବର୍ଷ ଟ ୩୮୨୭୨ ଙ୍କା ହୋଇଅଛି । ଅନ୍ୟାନ୍ୟ ବ୍ୟୟ ମଧ୍ୟରେ ଜଗନ୍ନାଥ ସଡ଼କ ପାର୍ଶ୍ୱରେ ଯୋଡ଼ିଏ ପୁଷ୍କରିଣୀ ଏବଂ ଗୋଟିଏ ଓଲାଉଠା ରୋଗୀଙ୍କର ବସାଘର ନିର୍ମାଣ ହୋଇଅଛି । ତଥାପି ବର୍ଷଶେଷରେ ୨୯ ହଜାର ଟଙ୍କା ତହବିଲ ବାକି ରହିବାରୁ ମାନ୍ୟବର ଛୋଟଲାଟ ବାହାଦୁର ଯାତ୍ରିଙ୍କ ହିତାର୍ଥେ ଆହୁରି ଅଧିକ ବ୍ୟୟ କରିବାର ଆଦେଶ ଦେଇଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ ଯାତ୍ରୀଙ୍କର ଚିକିତ୍ସା ନିମନ୍ତେ ଜଗନ୍ନାଥ ସଡ଼କରେ ଆଉ କେତେଗୁଡ଼ିଏ ଚିକିତ୍ସାଳୟ ସ୍ଥାପନ କରିବା ଉଚିତ ।

---

ସରକାରୀ ଏକଣୀଦାଖଲ ଗତ ନବେମ୍ବର ଦିନ୍ତୁ ସରକାରୀ ସ୍ତମ୍ଭ କଟକ କଲେକ୍ଟରିରେ ଦାଖଲ କରିବା କାରଣ ଫର୍ମମାନ ଏଠା ସ୍ଥାନୀୟ ପ୍ରେସରେ ଛାପା ହୋଇଅଛି । ବୋଧହୁଏ ଫର୍ମର ସଂଖ୍ୟା ଊଣାପଡ଼ିବା ଅଥବା ଉଚିତ ସମୟରେ ଉପସ୍ଥିତ ହୋଇ ନ ପାରିବାରୁ ସ୍ଥାନୀୟ ପ୍ରେସର ସାହାଯ୍ୟ ଗ୍ରହଣ କରାଗଲା । ପୂର୍ବରେ ସରକାରୀ ଫାରମ ମାନ ସ୍ଥାନୀୟ ଛାପାଖାନାମାନଙ୍କରେ ଛପା ହେଉଥିଲା । କିନ୍ତୁ କେତେକ ବର୍ଷ ହେଲା କଲିକତାସ୍ଥ ସରକାରୀ ଛାପାଖାନାରେ ଛପା ହୋଇ ଉକ୍ତ ଫରମମାନଙ୍କ

Digitized by srujanika@gmail.com

Split by PDF Splitter



ପ୍ରେରଣ କରୁଥିବେ ଅଛି । ଏତଦ୍ଦ୍ୱାରା ସ୍ଥାନୀୟ ଛାପାଖାନାମାନଙ୍କର କ୍ଷତି ହୋଇଅଛି ସତ୍ୟ ମାତ୍ର ଗବର୍ଣ୍ଣମେଣ୍ଟଙ୍କ ବିଶେଷ ଲାଭ ହେଉଥିବାର ବୋଧ ହେଉ ନାହିଁ । ସମୟ୨ରେ ଉପରୋକ୍ତ ପ୍ରକାର ଅନୁଯୋଗ ହେବାରୁ ଗବର୍ଣ୍ଣମେଣ୍ଟଙ୍କୁ ବୃଥା ଉତ୍ତ ଖରଚରେ ପଡିବାକୁ ହୁଏ ଓ ମଧ୍ୟ ଡାକ ଆଦି ଅନ୍ୟପ୍ରକାର ଗୋଲମାଲ ଖର୍ଚ୍ଚାଦ୍ୱାରା ସ୍ଥାନୀୟ ପ୍ରେସର ଛାପାଖରଚକୁ ବଳପଡ଼ଇ ଅମ୍ଭେମାନେ ଏତଦ୍ଦ୍ୱାରା ସମସ୍ତ ଫାରମ ସ୍ଥାନୀୟ ପ୍ରେସରେ ଛାପା କରିବା ନିମନ୍ତେ କହୁ ନାହୁଁ କିନ୍ତୁ ଯଦ୍ଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ଲାଭ ହୋଇପାରେ ଏପ୍ରକାର କାର୍ଯ୍ୟରେ ସ୍ଥାନୀୟ ପ୍ରେସକୁ ସାହାଯ୍ୟ କଲେ ସ୍ଥାନୀୟ ପ୍ରେସ ପ୍ରତି ଅନୁଗ୍ରହ ପ୍ରକାଶ କରାଗଲା ଅଥଚ ନିଜର ଲାଭ ହେଲା ଅମ୍ଭେମାନେ ଆଶା କରୁଁ ଗବର୍ଣ୍ଣମେଣ୍ଟ ଏ ବିଷୟର ସବିଶେଷ ଉପଯୋଗ ଜନ୍ୟ ହାକିମମାନଙ୍କଠାରୁ ତଲବ କଲେ ସତ୍ୟା-ସତ୍ୟ ପ୍ରକାଶ ପାଇବ । ବର୍ତ୍ତମାନ ଭାରତର ଶିକ୍ଷା ପୂର୍ବାପେକ୍ଷା ବିଶେଷ ବିସ୍ତୃତି ଲାଭ କରି-ଅଛି ଓ ସ୍ଥାନେ୨ ଛାପାଖାନାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଅଛି ତେଣୁ ଛପାଇ ଖର୍ଚ୍ଚା ପ୍ରତିଯୋଗିତା ହେତୁ ପୂର୍ବାପେକ୍ଷା ହ୍ରାସ ହୋଇଅଛି । ଏପ୍ରକାର ସ୍ଥଳରେ ସ୍ଥାନୀୟ ଛାପାଖାନାର ଛପାଇ ଖର୍ଚ୍ଚ ଊଣା ହେବାର ସମ୍ଭାବନା ଓ ଏତଦ୍ଭିନ୍ନ ହା-ଠାରୁ କାର୍ଯ୍ୟ ସମୟକୁ ସୁବିଧା ମଧ୍ୟ ସହଜ ।

---

ଆମ୍ଭମାନଙ୍କର ସହଯୋଗୀ ସମ୍ବଲପୁର ହିତୈ-ଷିଣୀଙ୍କଠାରୁ ଦୁଃଖର ସହିତ ଅବଗତ ହେଲୁଁ ଯେ ମଧ୍ୟପ୍ରଦେଶର ଚିଫ୍ କମିଶ୍ନର ଶ୍ରୀଯୁକ୍ତ ଉଡ୍‌ବର୍ଣ୍ଣଙ୍କ ସମ୍ବଲପୁରର ଅଦାଲତ ସମୂହରେ ଓଡ଼ିଆଭାଷା ବଦଳରେ ହିନ୍ଦିଭାଷା ବ୍ୟବହୃତ ହେବାର ଆଦେଶକୁ ବଡ଼ଲାଟ ବାହାଦୁର କାଏମ ରଖିଲେ । ସମ୍ବଲପୁର ଅଧିବାସୀ ଓ କଟକର ଉତ୍କଳ ସଭାର ଆବେଦନ ନାମଞ୍ଜୁର ହେଲା । ଆଗାମୀ ବର୍ଷ ଜାନୁୟାରୀମାସ ତା ୧ ରିଖଠାରୁ ସମ୍ବଲପୁରଜିଲ୍ଲା କୋର୍ଟରେ ହିନ୍ଦିଭାଷା ପ୍ରଚଳିତ ହେବ । ଉଡ୍‌ବର୍ଣ୍ଣ ସାହେବଙ୍କର ଜୟ ହେଲା । ଓଡ଼ିଆଭାଷା ବିସ୍ତାରର ସଙ୍କୀର୍ଣ୍ଣତା ହେଲା । ହୁକୁମ ବାହାର ହେଲା ସତ୍ୟ କିନ୍ତୁ ଗୋଟିଏ ଭାଷା ଲୋକଙ୍କ ପ୍ରତି କେତେ ଅନ୍ୟାୟ ହୋଇଗଲା । ଅନ୍ୟାନ୍ୟ ଭାଷା ପରି ଓଡ଼ିଆଭାଷାର ଉନ୍ନତି ମଧ୍ୟ ଅତ୍ୟଳ୍ପ ପରିମାଣରେ ନାହିଁ । କିନ୍ତୁ ଓଡ଼ିଆ-ଭାଷା ପ୍ରଚଳିତ ଦେଶମାନ ରାଜନୈତିକ କାରଣ ବଶତଃ ଅଥବା ଅନ୍ୟ କାରଣରୁ ହେଉ ବିଭିନ୍ନ ହୋଇ ଭିନ୍ନ୨ ବିଭାଗର ଅଧୀନ ହୋଇଥିବାରୁ ଭାଷା ଉନ୍ନତି ପ୍ରତି ବହୁ ବ୍ୟାଘାତ ହୋଇଅଛି ଓ ମଧ୍ୟ ଓଡ଼ିଆମାନଙ୍କର ସହାନୁଭୂତି ହ୍ରାସ ହୋଇଅଛି ତଥାପି ଭାଷା ଅଦାଲତରେ ପ୍ରଚଳିତ ଥିବାରେ ଓଡ଼ିଆ ରାଜ୍ୟ ବିଭିନ୍ନ ହୋଇ ସୁଦ୍ଧା ଭାଷାର ଗୌରବ ହ୍ରାସ ହୋଇ ନ ଥିଲା ଅବା ତହିଁର ଅବନତି ହୋଇ ନ ଥିଲା । କିନ୍ତୁ ଭାଷା ପରିବର୍ତ୍ତନରେ ଭାଷାର ଆଦର କଥାରୁ ହ୍ରାସ ହେବା କଥା ସ୍ୱତଃସିଦ୍ଧ ସୁତରାଂ ସହାନୁଭୂତି ଲୋପ ପାଇବାର ସମ୍ଭାବନା । ଅମ୍ଭମାନଙ୍କ ଛୁଟି-ସ୍ଥିତ କମିଶ୍ନର ଶ୍ରୀଯୁକ୍ତ ଜ କୁକ୍ ତାଙ୍କର ବାର୍ଷିକ ରିପୋର୍ଟରେ ଓଡ଼ିଶାରାଜ୍ୟ ବିଭକ୍ତ ସମ୍ବନ୍ଧରେ ଅକାଟ୍ୟ ଯୁକ୍ତି ପ୍ରଦାନ କରିଅଛନ୍ତି । ଅମ୍ଭେମାନେ ଆଶା କରିଥିଲୁ ଗବର୍ଣ୍ଣମେଣ୍ଟ ଉକ୍ତ ଯୁକ୍ତିର ସାରବତ୍ତା ବୋଧଗମ୍ୟ କରି କୌଣସି ଉପାୟ ଅବଲମ୍ବନ କରିଥିବେ । ମାତ୍ର ଗବର୍ଣ୍ଣ-ମେଣ୍ଟଙ୍କ ମନ୍ତବ୍ୟରେ ଉକ୍ତ ବିଷୟ ପ୍ରତି ବିଶେଷ ଦୃଷ୍ଟିପାତ ହୋଇଥିବାର ଲେଶ ମାତ୍ର ଚିହ୍ନ ଦେଖିଲୁ ନାହିଁ । ଏପରି ଗୁରୁତର ବିଷୟ ରିପୋର୍ଟରେ ଏକ ଅଂଶରେ ନିପତିତ ନ କରି ବିଶେଷ ପତ୍ରାଦିଦ୍ୱାରା ଏହାର ମୀମାଂସା କରିବା ଉଚିତ ଥିଲା ଓ ତାହା ହେବା ମଧ୍ୟ ବିହିତ ଯାଇ ନାହିଁ କେବଳ ମୂଳ କର୍ତ୍ତା ଲୁଡ୍‌ସାହେବ ଚିରକାଳ ନିମନ୍ତେ ବିଦାୟ ଗ୍ରହଣ କରିଅଛନ୍ତି । ତଥାପି ତାଙ୍କର ସୁଯୋଗ୍ୟ ଉତ୍ତରାଧିକାରୀ ମିଃ ଆର୍, ସି, ଦତ୍ତଙ୍କଠାରୁ ଅମ୍ଭେମାନେ ତହିଁରୁ ଯେ ବଞ୍ଚିତ ହେବୁଁ ଏପରି ଆଶଙ୍କା ନାହିଁ । ସେ ଅବଶ୍ୟ ଓଡ଼ିଶାଦେଶର ହିତ ପାଇଁ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କଲେ ଭାଷା ଉନ୍ନତିର କଣ୍ଟକ ପରି-ଷ୍କାର ହୋଇଯିବ ଓଡ଼ିଆମାନଙ୍କ ସହାନୁଭୂତି ବୃଦ୍ଧି ପାଇବ । ଏବଂ ସମ୍ବଲପୁରର ଲୋକମାନେ ରକ୍ଷା ପାଇବେ ।

---

ଜଗନ୍ନାଥ ସଡ଼କରୁ ଠକମାନଙ୍କର ଦୌରାତ୍ମ୍ୟ ନିବାରଣ ନିମନ୍ତେ ସରକାର ବାହାଦୁର ନାନା ପ୍ରକାର ପ୍ରବନ୍ଦୋବସ୍ତ କରିଥିବା ସତ୍ତ୍ୱେ ଓ ତାହା ସମ୍ପୂର୍ଣ୍ଣରୂପେ ନିବାରିତ ହେଉ ନାହିଁ । ନିରୀହ ଯାତ୍ରିମାନେ ପ୍ରାୟ ଅଧିକାଂଶ ସମୟରେ ପ୍ରବଞ୍ଚକମାନଙ୍କଦ୍ୱାରା ପ୍ରତାରିତ ହେଉ ଅଛନ୍ତି; ମାତ୍ର ସେମାନେ ବିଦେଶୀ ପଥିକ ଥିବା ହେତୁ ବୃଥା ସମୟ ଓ ଅର୍ଥବ୍ୟୟ ହ୍ରାସ ସକଳ ସମୟରେ ତତ୍ପ୍ରତି ଧ୍ୟାନ କରିବାକୁ ଅନାବଶ୍ୟକ ଜାଣି ଭୁଲ ହୋଇ ଚାଲି ଯାଆନ୍ତି । ଦୈବାତ୍ ଯଦି ବଞ୍ଚକମାନେ ରାଜକୀୟ କାର୍ଯ୍ୟକାରୀଦ୍ୱାରା ବା ଅନ୍ୟ ପ୍ରକାରେ ଧୃତ ହୁଅନ୍ତି ତାହା ହେଲେ ସେମାନେ ତାଙ୍କୁ ଦଣ୍ଡ ଦେବା ପକ୍ଷେ ଯତ୍ନଶୀଳ ହୋଇ ଥାଆନ୍ତି । ସେପ୍ରକାର ସଂଖ୍ୟା ନିତାନ୍ତ କମ ଅଟେ । ଜଗନ୍ନାଥ ସଡ଼କରେ ନିତ୍ୟ ଯେ କେତେ ଯାତ୍ରୀ ପ୍ରବଞ୍ଚକମାନଙ୍କଦ୍ୱାରା ପ୍ରତାରିତ ହୋଇ ସର୍ବସ୍ୱାନ୍ତ ହେଉ ଅଛନ୍ତି ତାହାର ଇୟତ୍ତା ନାହିଁ । ନିମ୍ନ-ଲିଖିତ ଘଟନାରୁ ପ୍ରବଞ୍ଚକମାନଙ୍କର କପଟ ଅଭ୍ୟାସର ତାହା ପାଠକବର୍ଗ ହୃଦୟଙ୍ଗମ କରିବେ । ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସୋରୋ ଥାନା ଇଲାକାର ଦୁଇଜଣ ଯାତ୍ରୀ ସ୍ତ୍ରୀ ଫେରନ୍ତି ଆପଣା ଘରଠାକୁ ଲେଉଟି ଯାଉଥିବା ସମୟରେ ଗତ ଦେଓ୍ୱାଲି ଅମାବାସ୍ୟାଦିନ ଖଣ୍ଡିତର ବଜାରର କଛିଟ ଦୂରରେ ବସି ପାକ ଖାଉ-ଥିଲେ, ଏମନ୍ତ ସମୟରେ ପ୍ରଥମେ ଏକଜଣ ( ଠକ ) ଆସି ସେମାନଙ୍କର ପରିଚୟ ନେଇ ତାଙ୍କ ସହିତ ବାଲେଶ୍ୱର ପର୍ଯ୍ୟନ୍ତ ଯିବାର ସଙ୍ଗୀ ହେଲା; ତାହାର କିୟତ୍‌କ୍ଷଣ ପରେ ଆଉ ଦୁଇ-ଜଣ ଠକ ଦୁଇପଟ ବସ୍ତ୍ର ନିର୍ମିତ ବଳା ଆଣି ତାହା ତୀର୍ଥ୍ୟକର୍ମିତ, ଜଳା ବୋଲି କହି ପ୍ରଥମୋକ୍ତ ଠକକୁ ବିକ୍ରୟ କରିବାକୁ କହିଲେ ତହୁଁ ସେ ଟ ୧୦ ଙ୍କା ମୂଲ୍ୟରେ ଏକପଟ ବଳା ଆପେ ନେବାକୁ ରାଜି ହୋଇ ଅନ୍ୟ ପଟ ଉକ୍ତ ଯାତ୍ରୀ ଦ୍ୱୟଙ୍କୁ କିଣିବା ନିମନ୍ତେ ଅନୁରୋଧ କଲା ମାତ୍ର ସେମାନେ ଉକ୍ତ ବଳା ନେବାକୁ ଅସ୍ୱୀକୃତ ହେଲେ ତହୁଁ ପ୍ରଥମ ଠକ ଆପେ ଏକପଟ ବଳା ନେଇ ନଗଦ ଟ ୨ ଙ୍କା ଦେଇ ତାହାର ଗାଡ଼ ଆଗରେ ଚାଲି ଯାଇଅଛି ଗାଡ଼ଠାକୁ ଗଲେ ବାକି ଟ ୮୧ ଦେବ ବୋଲି କହି ସେ-ମାନଙ୍କୁ ତାହା ସଙ୍ଗରେ ଯିବାକୁ କହିବାରେ ସେମାନେ ବଜାର ଅଡ଼କୁ ନ ଯାଇ ତାହାର ବିପରୀତ ଦିଗକୁ ଯିବାକୁ କହିଲେ, ତହୁଁ ପ୍ରଥମୋକ୍ତ ଠକ ସୋରୋବାସୀ ଦ୍ୱୟଙ୍କୁ ପୂର୍ବୋକ୍ତ ପ୍ରକାର କହି ଟ ୮୧ ଧାର ମାଗିବାରୁ ସେମାନେ ତାକୁ ଅପରିଚିତ ଜାଣିବାରେ ତାଙ୍କ-ଠାରେ ଟଙ୍କା ନ ଥିବାର କହି ମନା କରିବାରୁ କପଟ ତାଙ୍କଠାରେ ଟଙ୍କା ନାହିଁ ବୋଲି କହି ସେମାନଙ୍କର ଗଣ୍ଠିରି ଦେଖିବାକୁ ଚାହିଁବାରେ ସେମାନେ ମନା କରିବାରୁ ସେ ବଳପୂର୍ବକ ତାଙ୍କ ଗଣ୍ଠିରି ଖୋଲି ସେଥିରେ ଥିବା ନଗଦ

Digitized by srujanika@gmail.com

ଟ ୭ ଙ୍କା ଓ ଅବଶିଷ୍ଟ ଆଉ କେତେକ ମାଲ ବାହାର କରି ନେଇ ୨ୟ ଠକ ଦ୍ୱୟଙ୍କୁ ନେ-କାରେ ସେମାନେ ଗୃହଗଲେ । ଉକ୍ତ ସେ ଉକ୍ତ ଦସ୍ତା ବଲାଙ୍କୁ ପଥିକ ଦ୍ୱୟଙ୍କୁ ଦେଇ ସେ ଟଙ୍କା ଦେଲେ ବଲା ଭେକ ଖୋଲି କହି ଗୃହ ଗଲା ସେଠାରୁ ଓଡ଼ିଆ ଯାତ୍ରୀଦ୍ୱୟ ଅନ୍ୟ କୌ-ଶଳ ଉପାୟ ନ ପାଇ ଉକ୍ତ ଠକର ଅନୁଗମନ କଲେ କେତେକଦୂର ଗଲା ପରେ ଉକ୍ତ ଦୁଇ-ଜଣ ଠକ ଏକତ୍ର ହୋଇ ଯାଇ ରାସ୍ତାରେ ଏକ ବୃକ୍ଷ ମୂଳରେ ରହିଲେ । ଏ ଯାତ୍ରୀଦ୍ୱୟ ମଧ୍ୟ ସେମାନଙ୍କର ଅଜ୍ଞାତରେ ଅନତି ଦୂରରେ ଲୁଚି ରହିଲେ ରାତ୍ର ଶେଷରେ ଠକମାନେ ସେଠାରୁ ପ୍ରସ୍ଥାନ କରିବାରୁ ଏମାନେ ମଧ୍ୟ ତାଙ୍କର ପଶ୍ଚାତ୍ ୨ ଯାଇ ଖୁର୍ଦ୍ଦା ଘର ବଜାର ନିକଟରେ ପହଞ୍ଚନ୍ତେ ସେଠାରେ ଧର୍ମଶାଳା ଆଗାରୁ ହେଡ଼୍ କନେଷ୍ଟବଲ୍ ଅନ୍ୟ ଏକ ମକଦ୍ଦମା ତଦାରଖ କରୁଥିବାର ଶୁଣି ସେମାନେ ଜମା-ଦାରଙ୍କଠାରୁ ଯାଇ ପୂର୍ବୋକ୍ତ ସମସ୍ତ ହାଲ କହି ଦସ୍ତା ବଲା ଦାଖଲ କଲେ ଉକ୍ତ ହେଡ୍ କନେଷ୍ଟବଲ୍ ସେମାନଙ୍କ ସହିତ ଯିବାରୁ ସେ-ମାନେ ଠକ ଦ୍ୱୟଙ୍କୁ ଦେଖାଇ ଦେଲେ ଜମା-ଦାର ଅନ୍ୟାନ୍ୟ ଭଦ୍ରଲୋକଙ୍କ ମୁକାବିଲାରେ ସେମାନଙ୍କଠାରୁ ତଲାସୀ ନେବାରୁ ମୁଦେଇର ହାବକୁଲ ଟଙ୍କା ଓ ମାଲ ବରାମଦ ହେଲା । ପୁଲିସ ସେମାନଙ୍କର ପରିଚୟ ପଚାରିବାରେ ସେମାନେ ନେପାଳୀ ଓ ସନ୍ନିକଟବର୍ତ୍ତୀ ମଜଫରପୁର ଜିଲାରେ ବାସ କରୁଥିବାର ପ୍ରକାଶ କଲେ ଏବଂ ସେମାନେ ବଙ୍ଗଳା ମିଶା ହିନ୍ଦି କଥା ଓ ଦୋ-ଭାଷୀ ଓଡ଼ିଆ କଥା କହୁଥିବାରୁ ସେମାନଙ୍କର ପ୍ରକୃତ ବାସସ୍ଥାନ କେଉଁଠାରେ କିଛି ଠିକଣା ମିଳିଲା ନାହିଁ । ପୁଲିସ ଏ ମକଦ୍ଦମା ତଦାରଖ କରି ଦଣ୍ଡବିଧିଆଇନର ଦ ୩୭୯ ଧା ଅନୁସାରେ ଚଲାଣ ଦେବାରୁ ସାଜପୁର ହାକମ ନିକଟରେ ସେମାନଙ୍କର ପ୍ରତ୍ୟେକଙ୍କୁ ଛଅମାସ ମିୟାଦ ପରିଶ୍ରମ ସହିତ କାରାଦଣ୍ଡର ଆଦେଶ ହୋଇଅଛି ।

---

### ସଦର କାନୁନ୍‌ଗୋଇଙ୍କ ଅପିଲ ।

ଏଠା କଲେକ୍ଟରୀ କଚେରୀର ସଦର କାନୁନ୍‌ଗୋଇ ବାବୁ ଯଦୁଚରଣଦାସଙ୍କୁ କଲେ-କ୍ଟର ସାହେବ ଟ ୨୦ ଙ୍କା ବେତନର କାନୁ-ନ୍‌ଗୋଇ କର୍ମରୁ ଅବନତ କରିଥିବା ବିଷୟ ପାଠକମାନେ ଅବଗତ ଅଛନ୍ତି । ସଦର କାନୁ-ନ୍‌ଗୋଇ କଲେକ୍ଟର ସାହେବଙ୍କର ଉକ୍ତ ଆଦେଶ ବିରୁଦ୍ଧରେ ଓଡ଼ିଶା ବିଭାଗର କମିଶ୍ନର ସାହେବଙ୍କ ହଜୁରରେ ଅପିଲ କରିଥିଲେ । ଗତ ସୋମବାର ଦିନ ଉକ୍ତ ଅପିଲ ଆମ୍ଭମାନଙ୍କର ନୂତନ କମିଶ୍ନର ମିଷ୍ଟର ରମେଶଚନ୍ଦ୍ର ଦତ୍ତ ସାହେବଙ୍କ ହଜୁରରେ ପେଶ ହୋଇଥିଲା । ଏ ମୋକଦ୍ଦମାରେ କଲେକ୍ଟର ସାହେବଙ୍କ ପକ୍ଷରୁ ସେଠା ସିରସ୍ତାଦାର ବାବୁ ଦୁର୍ଗାଚରଣ ଦାସ ମୋକଦ୍ଦମା ଚଳାଇବାକୁ ଯାଇଥିଲେ । ଅପିଲର ଅପିଲ ବିଷୟରେ କରଖାସ୍ତକାରୀ ହାକମଙ୍କ ପକ୍ଷରୁ ପ୍ରତିନିଧି ଉପସ୍ଥିତ ହେବା ସମ୍ପୂର୍ଣ୍ଣ ଅଭି-ନବ ବ୍ୟାପାର ଅଟଇ । ଯଦି ଅନେକ କାଗଜ ପତ୍ର ଥିବା ହେତୁ କମିଶ୍ନର ସାହେବ ସିରସ୍ତା-ଦାରଙ୍କୁ ଉପସ୍ଥିତ ହେବାକୁ ଅନୁମତି ଦେଇ-ଥାନ୍ତି ତାହା ସ୍ୱତନ୍ତ୍ର କଥା ଏବଂ ନ୍ୟାୟ ବିଚାରର ସହାୟତା ହେତୁ ତାହା ଅନୁମୋଦିତ ହୋଇ ପାରେ । ମାତ୍ର ଲୋକେ ବୁଝିଲେ ଯେ କଲେ-କ୍ଟର ସାହେବଙ୍କର ଏଥିରେ ଭାରି ଜିଦ ଥିବା ହେତୁ ସେ ଆପଣା ପକ୍ଷରୁ ପ୍ରତିନିଧି ପଠାଇ-ଥିଲେ । ଯାହାହେଉ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହକାରେ ପାଠକମାନଙ୍କୁ ଜଣାଉଅଛୁଁ ଯେ ଅପିଲ ବିଚାରରେ ପ୍ରଶଂସିତ କମିଶ୍ନର ସାହେବ କଲେକ୍ଟର ସାହେବଙ୍କର ଆଦେଶ ରହିତ କରି ସଦର କାନୁନଗୋଇଙ୍କି ତାଙ୍କ ସସ୍‌ପେଣ୍ଡ ସମୟର ପୂର୍ଣ୍ଣବେତନ ସହିତ କର୍ମରେ ପୁନଃ ସ୍ଥାପିତ କରିଅଛନ୍ତି କେବଳ ତତ୍ତ୍ୱାବଧାନର ତ୍ରୁଟି ଅବହେଳା ହେତୁ ତାଙ୍କୁ ମା ୨ ସ କାଳ ବେତନହିଁର ସସ୍‌ପେଣ୍ଡ ରଖିଥିଲେ । ଏ ବିଷୟ ଯେ ସନ୍ତୋଷଜନକ ନ୍ୟାୟ ହୋଇଅଛି ବୋଲିବା ବାହୁଲ୍ୟ । କମିଶ୍ନର ସାହେବ ପ୍ରଶଂସିତ କରି-ଅଛନ୍ତି ଯେ ସଦର କାନୁନ୍‌ଗୋଇ ଦ ୨୦ ର୍ଷ କାଳ ସରକାରୀ କର୍ମ ଯୋଗ୍ୟତା ସହିତ ଏବଂ ସଦ୍ଭାବରେ କରିଅଛନ୍ତି ଏବଂ ସେ ସଦର କାନୁନଗୋଇ କର୍ମ ମଧ୍ୟ ଦ ୧୫ ର୍ଷ କଲେ । କୌଣସି ପୂର୍ବତନ କଲେକ୍ଟରମାନେ ଏହାଙ୍କ ବିରୁଦ୍ଧରେ କିଛି କହି ନାହାନ୍ତି ବ ସଦର କାନୁନ୍‌ଗୋଇ ପଦରେ କେବେ କୌଣସି ଦୋଷ ହେତୁ ଦଣ୍ଡ ପାଇବା କଥା କେଉଁଠି ଆଉ ଧମକ ମଧ୍ୟ ପାଇନାହାନ୍ତି । ଏରୂପ ସ୍ଥଳେ ତାଙ୍କର ପେନସନ୍ ଯୋଗ୍ୟ ବୟସ ହେଲା ବେଳକୁ ଏଭଳି ଦଣ୍ଡ ଅନୁଚିତ ଅଟଇ ମଧ୍ୟ ଯେଉଁ ଦୋଷରେ ସଦର କାନୁନଗୋଇଙ୍କି ଦଣ୍ଡ ଦିଆଯାଇଅଛି ସେ ଦୋଷ ତେତେ ଗୁରୁତର ନୁହଇ ଯହିଁରେ କି ଏତେ ଦଣ୍ଡକୁ ଉପଯୁକ୍ତ ହୋଇ ଯିବ ସଦର କାନୁନ୍‌ଗୋଇଙ୍କ ଦୋଷ କେତେକ ଖାତେ ରପୋର୍ଟ ଆଦି ସମୟ ମଧ୍ୟରେ ହାକମଙ୍କ ନିକଟରେ ଦାଖଲ ହୋଇ ନ ଥିବା ଓ ସେହିରୂପ କାଗଜମାନ ନଥି ହୋଇ ମହାଫିଜଖାନାକୁ ପଠାଯାଇ ନ ଥିବା ଅଟଇ । ଯଦି ତାଙ୍କ ଅମଲାମାନେ ଟିକିଏ ମନଯୋଗ କରିଥାନ୍ତେ ତେବେ ଏ ଦୋଷ ବାହାରୁ ନ ଥାନ୍ତା ତଥାପି ତାଙ୍କ ତତ୍ତ୍ୱାବଧାନରେ ଯେ ହେଲା ହୋଇଅଛି ଏଥିରେ ଦ୍ୱିରୁକ୍ତି ନାହିଁ ଏବଂ ସଦର କାନୁନଗୋଇ ମଧ୍ୟ ବନ୍ଦୋବସ୍ତ ଓ ଅନ୍ୟ ଗୁରୁତର କାର୍ଯ୍ୟରେ ବ୍ୟତିବ୍ୟସ୍ତ ଥିବାରୁ ତତ୍ତ୍ୱାବଧାନ ଯଥାମତ କରିପାରି ନ ଥିବାର ସ୍ୱୀକାର କଲେ ସେ ଯାହାହେଉ କମିଶ୍ନର ସାହେବ ପ୍ରଶଂସିତଙ୍କ ବିଚାର ଯେ ଉଚିତ ଏବଂ ସନ୍ତୋଷଜନକ ହୋଇଅଛି ଏଥିରେ ସନ୍ଦେହ ନାହିଁ ଏବଂ ଅପିଲ ବିଚାର ସମୟରେ ସେ ଯେପରି ଶାନ୍ତ ଏବଂ ଧୀରଭାବରେ କାଗଜପତ୍ର ଦେଖି ମତାମତ ପ୍ରକାଶ କରୁଥିଲେ ତାହା ସନ୍ତୋଷପ୍ରଦ ଆନନ୍ଦଜନକ ହୋଇଅଛି । ଭରସା କରୁଁ ଦୁଃଖୀ ଅମଲାଙ୍କର କମିଶ୍ନର ସାହେବ ବାହାଦୁର ଏହିପରି ସ୍ୱଭାବରେ ସର୍ବସାଧାରଣ-ଙ୍କର ଅନ୍ତରରେ ସହାନୁଭୂତିର ସୂଚନା ଦେଉଛନ୍ତି ।

---

### ଓଡ଼ିଶାର ବାର୍ଷିକ ବିବରଣ ।

ଓଡ଼ିଶାର ଗତ ବାର୍ଷିକ ବିବରଣ ମଧ୍ୟରେ ଶ୍ରୀଯୁକ୍ତ କୁକ୍‌ସାହେବ କମିଶନର ସମସ୍ତ ଓଡ଼ିଆ ଭାଷା ପ୍ରଚଳିତ ଭୂଖଣ୍ଡରେ ଏକ ଶାସନାଧୀ-ନରେ ଆଣିବାର ପ୍ରସ୍ତାବ କରି ଆମ୍ଭମାନଙ୍କର ବିଶେଷ କୃତଜ୍ଞତା ଭାଜନ ହୋଇଛନ୍ତି । ସମସ୍ତ ଓଡ଼ିଶା ବାସିଙ୍କର ଏହି ଅନ୍ତରର ପ୍ରାର୍ଥନା ଅଟେ ଏବଂ ଆମ୍ଭେମାନେ ଅନ୍ୟାନ୍ୟ ସହଯୋଗିଙ୍କ ସହିତ ଏହି ପ୍ରସଙ୍ଗର ପୁନଃ ଉତ୍ଥାପନ କରି ଗବର୍ଣ୍ଣମେଣ୍ଟଙ୍କ ସୁବିଷ୍ଟ ନେଡ଼ିବାରେ ତ୍ରୁଟି କରୁନାହୁଁ । ସମ୍ପ୍ରତି ସମ୍ବଲପୁରରୁ ଓଡ଼ିଆଭାଷା ଉଠି ଯିବାର ପ୍ରସ୍ତାବ ହେବାରୁ ଯହିଁ ବିରୁଦ୍ଧରେ କେତେ ସୁଦ୍ଧା ଏ ଦୁଃଖର ସୂଚନା ପ୍ରକାଶ କରି ତହିଁରେ ଯେ ସମସ୍ତ ଯୁକ୍ତି ଦର୍ଶାଇ ଥିଲୁ ଶ୍ରୀଯୁକ୍ତ କୁକ୍‌ସାହେବ ଠିକ ସେହିପରି ଏବଂ ସୁନ୍ଦର ଭାଷା-ରେ ସେ ସମସ୍ତର ପୋଷକତା କରି ଅଛନ୍ତି ଏବଂ

Digitized by srujanika@gmail.com

Split by PDF Splitter



ସମସ୍ତ ଓଡ଼ିଆ ପ୍ରଚଳିତ ରାଜ୍ୟକୁ ଏକ ବିଭାଗ ଭୁକ୍ତ କରିବା କାରଣ ଦୃଢ଼ରୂପେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଅଛନ୍ତି । ସେ କହିଅଛନ୍ତି କି ଓଡ଼ିଶା ବିଭାଗ ଭୂମି ପରିମାଣ ଏବଂ ଲୋକ ସଂଖ୍ୟାରେ କ୍ଷୁଦ୍ର ଅଟେ ଏବଂ ଏଥିସଙ୍ଗେ ସମ୍ବଲପୁର ଜିଲ୍ଲା ଓ ତହିଁର ଅଧୀନ ଗଡ଼ଜାତ ପାଟନା ସୋନପୁର ରେଢ଼ାଖୋଲ ବାମଣ୍ଡା ଓ କଳାହାଣ୍ଡି ମାହାଲମାନ ଏବଂ ଗଞ୍ଜାମ ଜିଲ୍ଲା ସମସ୍ତ ଅଥବା ତହିଁର ଏକ ଅଂଶ ଓ ତହିଁ ସଙ୍ଗେ କିମିଡ଼ି ଓ ସୁମୁସର ତାଲୁକାମାନ ଯୋଗ ହେଲେ ଓଡ଼ିଶା ବିଭାଗର ଅଙ୍ଗ ପୁଷ୍ଟ ହେବ ଅଥଚ ଏହି ବିସ୍ତୃତ ରାଜ୍ୟର କାର୍ଯ୍ୟ ନିର୍ବାହ କରିବାକୁ କମିଶନର ସାହେବଙ୍କ ଅବକାଶର ଅଭାବ ହେବ ନାହିଁ । ସମସ୍ତ ଓଡ଼ିଶା ଏକ ବିଭାଗର ଅନ୍ତର୍ଗତ କରି ଏକା ଆଇନ ଓ ନିୟମାବଳୀ ଅଧୀନ କରିବା ଏକାନ୍ତ ବାଞ୍ଛନୀୟ ବର୍ତ୍ତମାନ ପରି ଓଡ଼ିଶାର ଏକ ସାମାନ୍ୟ ଅଂଶ ମଧ୍ୟ ପ୍ରଦେଶର ଅଧୀନ ଏବଂ ଅପର ସାମାନ୍ୟ ଅଂଶ ମାନ୍ଦ୍ରାଜର ଅଧୀନ ରହିବା ଶ୍ରେୟସ୍କର ନୁହେ । ସନ ୧୮୪୧ ମସିହାର ମାନଚିତ୍ରରେ ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜର ଅନ୍ତର୍ଗତ ଉପର ଲିଖିତ ରାଜ୍ୟଖଣ୍ଡ ମାନ ଓଡ଼ିଶା ପ୍ରଦେଶ ମଧ୍ୟରେ ଭୁକ୍ତ ହୋଇଅଛି । ରାଜନୀତି ହେତୁରେ ମଧ୍ୟ ଓଡ଼ିଶାର ଗଡ଼ଜାତ ସୁପ୍ରିଣ୍ଟେଣ୍ଟଙ୍କ ଅଧିକାରରେ ସମ୍ବଲପୁର ଆସିବା ଉଚିତ କାରଣ ତାହାହେଲେ ବୌଦ ଖଣ୍ଡ ଆଠମଲ୍ଲିକରେ କୌଣସି ଗୋଲମାଲ ହେଲେ ଅନ୍ୟ ପ୍ରଦେଶର କର୍ମଚାରିଙ୍କ ସାହାଯ୍ୟ ଲୋଡ଼ିବା ବିନା ସୁପ୍ରିଣ୍ଟେଣ୍ଟ ସାହେବ ସ୍ୱୟଂ ତାହା ନିବାରଣ କରିବାକୁ ସକ୍ଷମ ହେବେ ଏହିପରି ଗଞ୍ଜାମ ଓଡ଼ିଶା ସଙ୍ଗେ ଯୋଗ ହେଲେ ଜୟପୁର ମେଳ ସମୟରେ ଯେଉଁ ଅସୁବିଧା ଘଟିଥିଲା ତାହା ଆଉ ଘଟିବ ନାହିଁ । ଏକା ଗୋଲମାଲ ସମୟରେ କାହିଁକି ଶାନ୍ତି ସମୟରେ ମଧ୍ୟ ସମସ୍ତ ଓଡ଼ିଶା ଏକ ଶାସନ କର୍ତ୍ତାଙ୍କର ତତ୍ତ୍ୱାବଧାରଣରେ ରହିଲେ ଶାସନ ସୁଗମ ହେବ । ସମ୍ବଲପୁର ନାଗପୁର ଅପେକ୍ଷା କଟକକୁ ନିକଟ ଏବଂ ରେଲବାଟ ଶୀଘ୍ର ଫିଟିବାର ଉଦ୍ୟମ ଲାଗିଥିବାରୁ ଦୂରତ୍ୱର ଆପତ୍ତି ଆଉ ଖଟି ନ ପାରେ ଓଡ଼ିଆ ମାନଙ୍କର ଜାତି ଏବଂ ଭାଷାଗତ ସ୍ୱତନ୍ତ୍ରତା ଅଛି । ଏହା ଲୋପ ହେବାର ନୁହେ ବରଂ କ୍ରମଶଃ ଓଡ଼ିଆ ଭାଷା ଗଡ଼ଜାତ ମଧ୍ୟରେ ବିସ୍ତାର ହେଉଅଛି । ଏକ ଦିଗରେ ହିନ୍ଦି ଓ ଅନ୍ୟ ଦିଗରେ ତେଲଙ୍ଗାଙ୍କ ସଙ୍ଗେ ଲଢ଼ି ମଧ୍ୟ ଓଡ଼ିଆମାନେ ଆପଣା ଭାଷା ରକ୍ଷା କରିବାକୁ ସମର୍ଥ ହୋଇଅଛନ୍ତି ମାତ୍ର ଅଳ୍ପ ସଂଖ୍ୟକ ଏକ ଜାତୀୟ ଲୋକଙ୍କୁ ବହୁସଂଖ୍ୟକ ଭିନ୍ନଜାତୀୟ ସଙ୍ଗରେ ବଳପୂର୍ବକ ମିଶାଇ ରଖିବାର ଅଳ୍ପ ସଂଖ୍ୟକ ଲୋକଙ୍କ ଜାତୀୟ ସ୍ୱଭାବ ଓ ବାସନାର ପଦେ ପଦେ ବିପଦ ଏବଂ ସମ୍ବଲପୁରରେ ହିନ୍ଦି ଜାରି ହେବାର ପ୍ରସ୍ତାବ ତହିଁର ଗୋଟିଏ ଉଦାହରଣ ଅଟେ । ଏହିପରି ଅନେକ ସୁଯୁକ୍ତି ଦର୍ଶାଇ ଶ୍ରୀଯୁକ୍ତ କମିଶନର ସାହେବ ଆପଣା ପ୍ରସ୍ତାବର ପୋଷକତା କରିଅଛନ୍ତି । ଦୁଃଖର ବିଷୟ ଯେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଆପଣା ନିର୍ଦ୍ଧାରଣରେ ଏବିଷୟରେ କିଛି କହି ନାହାନ୍ତି । ଏମନ୍ତ ସୁଯୁକ୍ତି ପୂର୍ଣ୍ଣ ପ୍ରସ୍ତାବ ଯେ ଗବର୍ଣ୍ଣମେଣ୍ଟଙ୍କ ମନକୁ ଘେନ ନାହିଁ ଅମ୍ଭେମାନେ କେବେହେଲେ ବିଶ୍ୱାସ କରିବୁ ନାହିଁ । ମାଏ କାଲେ ସେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଏ ପ୍ରସ୍ତାବ ଜଣାଇବାରେ ଭୁଲିଲା ଥିବେ ଏଥିପାଇଁ ତାହାଙ୍କୁ ସ୍ମରଣ କରାଇଦେବା ଓଡ଼ିଶାବାସୀଙ୍କର ଉଚିତ ହେଉଅଛି । ଏବିଷୟରେ ଶୀଘ୍ର ମନୋଯୋଗୀ ହେବା କାରଣ ସର୍ବସାଧାରଣଙ୍କୁ ଅନୁରୋଧ କରୁଁ ।

---

## ସାପ୍ତାହିକ ସମ୍ବାଦ ।

ଏସପ୍ତାହରେ ପ୍ରଥମ କେତେକ ଦିନ ଆକାଶପରିଷ୍କାର ଥିଲେ ହେଁ ଗତ ଶୁକ୍ରବାର ଦିନରୁ ଆକାଶରେ ମେଘ ଉଦୟ ହୋଇ ଅଛି । କିନ୍ତୁ ବୃଷ୍ଟି ନ ହୋଇ ଖରା ନ ଥିବାର ଅନୁମାନ ହେଉଅଛି । ଶୀତ ମଧ୍ୟ କ୍ରମଶଃ ପ୍ରବେଶ କରୁଅଛି ।

ଅସ୍ମମାନଙ୍କର ମାନନୀୟ କମିଶନର ଓ ଗଡ଼ଜାତ ଇଲାକାର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଏର ସି, ଡଜ ସାହେବ ଗଡ଼ଜାତ ଭ୍ରମଣ ନିମନ୍ତେ ଆଗାମୀ ତା ୧୪ ରିଖରେ ଏଠାରୁ ପ୍ରସ୍ଥାନ କରିବେ । ତାଙ୍କର ଆସିଷ୍ଟାଣ୍ଟ ବାବୁ ସୁଦାମଚନ୍ଦ୍ର ନାୟକ ସଙ୍ଗେ ଯିବାର ଶୁଣା ଯାଉଅଛି ।

ଅସ୍ମମାନଙ୍କର ଏକଟିଂ କଲେକ୍ଟର ଶ୍ରୀଯୁକ୍ତ ଉଇଲସନ, ବି, ଏ, ମହାଶୟ ଜଟଣ ଅଞ୍ଚଳ ଗସ୍ତକୁ ଯାଇଅଛନ୍ତି ।

ଅସ୍ମମାନଙ୍କର ବଡଲାଟ ଲର୍ଡ ଏଲଗିନ୍ ଶୀଘ୍ର ବଡଲାଟଗିରି ପଦ ତ୍ୟାଗ କରି ଇଂଲଣ୍ଡକୁ ପ୍ରତ୍ୟାବର୍ତ୍ତନ କରିବେ । ଷ୍ଟେଟସମ୍ୟାନ ପତ୍ରିକାରେ ପ୍ରକାଶ ଯେ ସେ ତାଙ୍କର ଇଚ୍ଛା ପ୍ରଧାନ ମନ୍ତ୍ରୀ ଲର୍ଡ ସାଲିସ୍ବରିଙ୍କୁ ଜଣାଇ ଦେଇଅଛନ୍ତି ।

ସାର ଆଣ୍ଟନି ମାକ୍‌ଡୋନାଲଡ ଉତ୍ତର ପଶ୍ଚିମ ପ୍ରଦେଶର ଲେଫ୍‌ଟେନାଣ୍ଟ ପଦରେ ନିଯୁକ୍ତ ହେବା ପ୍ରକାଶିତ ହୋଇଅଛି ।

ମଧ୍ୟ ପ୍ରଦେଶର ଚିଫ୍ କମିଶନର ପଦରେ ହୋମ ସେକ୍ରେଟେରୀ ମିଃ ଡି, ଜେ, ଲାୟଲ ନିଯୁକ୍ତ ହେବାର ଶୁଣା ଯାଉଅଛି । ତେବେ ବଙ୍ଗଳା ଦପ୍ତରର ପ୍ରଧାନ ସେକ୍ରେଟେରୀ ମି, ଏଚ, ଜି କଟନଙ୍କ ନିଯୋଗ ହେଲା ନାହିଁ ।

ମାନ୍ଦ୍ରାଜ ହାଇକୋର୍ଟର ଜଜ ବେଷ୍ଟ ସାହେବ ମହୀଶୂରର ପ୍ରଧାନ ବିଚାରପତି ପଦରେ ନିଯୁକ୍ତ ହୋଇଥିବାର ସମ୍ବାଦ ମିଳଇ । ଉତ୍ତମ ।

ବର୍ଦ୍ଧମାନଠାରେ ଗୋଟିଏ ଅଦ୍ଭୁତ ପ୍ରକାରର ଡକାୟତି ମୋକଦ୍ଦମାର ବିଚାର ହୋଇଯାଇଥିବାର ସମ୍ବାଦ ମିଳଇ । ଜଣେ ଭଡ଼ା ଗାଡ଼ିର ସଇସ ଭଡ଼ା କରିବାକୁ ଗାଡ଼ି ଘୋଡ଼ା ନେଇଯାଇ ଅଳ୍ପକାଳ ପରେ ଫେରିଆସି ତାହାର ମୁନିବକୁ ଘୋଡ଼ା ଯୋଡ଼ିକ ଖରା ଗର୍ମିରେ ମରିଯାଇଥିବାର ପ୍ରକାଶ କଲା । ବିଚାରରେ ସଇସ ଘୋଡ଼ା ଯୋଡ଼ିକ ବିକ୍ରୟ କରି ଟଙ୍କା ଆତ୍ମସାତ୍ କରିଥିବାର ପ୍ରମାଣ ହେବାରୁ ବିଚାରପତି ସଇସକୁ ବର୍ଷେ ନିମନ୍ତେ କଠିନ ପରିଶ୍ରମ କରିବା କାରଣ ଜେଲଖାନାକୁ ବିଦାୟ କଲେ ।

କଲିକତାର ବିଖ୍ୟାତ ମହାରାଜା ସର ଯୋତୀନ୍ଦ୍ର ମୋହନ ଠାକୁରଙ୍କର ପୁରାତନ ବୈଠକଖାନା ଭଙ୍ଗା ହୋଇ ବିଲାତର ଲର୍ଡମାନଙ୍କ ଘର ପ୍ରାୟ ଚୂଡ଼ାଯୁକ୍ତ ଘର ନିର୍ମାଣ ହେବାର ଉଦ୍ୟୋଗ ଲାଗିଅଛି । ଏହି ଚୂଡ଼ାର ଉଚ୍ଚତା ୧୦୦ ଫୁଟ ହେବ ଏବଂ ଘଡ଼ି ସହାଏ ମଧ୍ୟ ସମ୍ମୁଖରେ ଏକ ଚୂଡ଼ା ନିର୍ମିତ ହେବ ଏବଂ ତହିଁରେ ଅନେକ ସନ୍ନିବେଶିତ ହୋଇ ଅନ୍ଧକାର ରାତ୍ରିରେ ମଧ୍ୟ ତାହା ଦେଖାଯାଇ ପାରିବାର ବନ୍ଦୋବସ୍ତ ହେବ । ଏହିକାର୍ଯ୍ୟ ନିମିତ୍ତ ବିଲାତି କଣ୍ଟ୍ରାକ୍ଟରଙ୍କୁ ଫରମାସ ଦିଆଯାଇଅଛି ଏବଂ ଏହା ନିର୍ମିତ ହେଲେ ଯେ ସାଧାରଣ ଦର୍ଶନୀୟ ଦ୍ରବ୍ୟ ହେବ ଏଥିରେ ଆଉ ସନ୍ଦେହ ନାହିଁ । ବୈଠକଖାନାର ଚୂଡ଼ା ଉପରେ ପତାକା ଉଡ଼ିବ । ଖର୍ଚ୍ଚ ଲକ୍ଷ ୨ ଟଙ୍କା ହେବ ଏବଂ ବିଲାତ କାରିଗର ତାହା ତିଆର କରିବେ । ଧନ୍ୟ କଳାସ ତ୍ରିମୂର୍ତ୍ତି ! !

ବଙ୍ଗଳାର ଲାଟଙ୍କ ଫୋର୍ଡର ମାର୍କୁଇସ ଜ୍ୱରଦ୍ୱାରା ପୀଡ଼ାଗ୍ରସ୍ତହୋଇ ଶୁଦ୍ଧାସ ଅତିହଠାତ୍ କରିଥିବାର ସମ୍ବାଦ ମିଳଇ । ଅମ୍ଭ ଦେଶରେ କେବଳେ ଦରିଦ୍ରି ହେଉ ମରନ୍ତି ।

କଥିତ ଲୁଏ ସର ଏଡ୍‌ୱାର୍ଡଥ୍ରିଲଡ ମହୋଦୟ ବଙ୍ଗଳାରେ ରାଜସ୍ୱ ପଦରେ ବସିତ ହେବେ । ଟେଲସନ କବିଙ୍କ ମୃତ୍ୟୁ ଜନିତ ଏ ପଦ ଏପର୍ଯ୍ୟନ୍ତ ଖାଲି ଥିଲା ।

ସାଓଁତାଳ ପ୍ରଗଣାରୁ କଲିକତାକୁ ଗୋଟିଏ ଦ ୭ ଓ ବୟସ୍କ ବାଳକ ଆସିଅଛି ଯେ ତାହାର ମସ୍ତକ ପ୍ରକାଣ୍ଡ ଏବଂ ଦାଢ଼ି ମଧ୍ୟ ଅଛି । ସୃଷ୍ଟିରେ କେତେପ୍ରକାର ଜୀବ ନାହାନ୍ତି !

ଅଯୋଧ୍ୟାରେ କେତେକ ଲୋକ ବାନରମାନଙ୍କ ଅଣ୍ଟାରେ ପାଶ ଲଗାଇଦେଇ ତହିଁରେ ଏମନ୍ତ ଭାବରେ କାଉଁଟିଏ ବାନ୍ଧିଦେଉଅଛନ୍ତି ଯେ ମାଙ୍କଡ଼ ଗୁଡ଼ାକ ଦେଲେ ବାଡ଼ିଟି ତାହାମୁଣ୍ଡରେ ଠକ ୨ ହୋଇ ବାଜଇ । ଜଣେ ବୈରାଗୀ ଏଥିରେ ଦୁଃଖିତ ହୋଇ ଧର୍ମର ଅବମାନନା ମନେକରି ସେ ଲୋକମାନଙ୍କୁ ଦଣ୍ଡବିଧି ଆଇନର ଧା ୨୯୫ ମତେ ଗ୍ରେଫ୍ତାର ହେବା କାରଣ ପୁଲିସରେ ଏତଲା ଦେଇ ଅଛନ୍ତି ।

ଅମେରିକାର କରବାହୀପକୁ ଷ୍ଟେନସନ୍‌ରୁ ତଦଣ୍ଡହଂକାର ଯୋଜା ପ୍ରେରିତ ହେଉଅଛନ୍ତି । ପ୍ରକାଣ୍ଡସୂଦ୍ଧ ହେବ ପରା । କ୍ୟୁବାଠାରେ ସ୍ପେନମାନଙ୍କ ବିଦ୍ରୋହିମାନେ ଘୋର କରିଥିଲେ ମାତ୍ର ସ୍ପାନଘୋଲରୁ ଗୋଟିଏ କେତ କରି ପାରିଲେ ନାହିଁ ।

ଯାପାନର ମନ୍ତ୍ରୀ ମିକସ୍କର ଚିଡିଲଠାରୁ ଅଧ୍ୟାନ କରନେଇ ଯାପାନ ଛାଡ଼ି ଚ୍ଛିତ କରିଥିବାର ସମ୍ବାଦ ମିଳଇ । ବୋଧହୁଏ ଅଲ ଗ୍ରଣୀଙ୍କ ହତ୍ୟାକାଣ୍ଡରେ ଏ ମହାଶୟ ଲିପ୍ତ ଥିଲେ ।

କୋରିଆ ଉପଦ୍ୱୀପର ରାଜା ସମ୍ରାଟ ଉପାଧି ଗ୍ରହଣ କରିଥିବାର ସମ୍ବାଦ ମିଳଇ । ଯୁରୋପୀୟ ରାଜାମାନେ ଏଥିରେ ଘୋର ଆପତ୍ତି କରିଅଛନ୍ତି ।

ପାମୀର ଏବଂ ହିନ୍ଦୁକୁଶର ସୀମାନାର ଦେଖି ବୈଜ୍ଞାନିକ ଜ୍ଞାନଗ୍ରାହ ଇଣ୍ଡିଆରେ ଦେନମାର୍କଠାରୁ ଏକଦଳ ବୈଜ୍ଞାନିକ ସନ ୧୮୯୭ ମସିହା ଜାନୋୟାରୀ ମାସରେ ଭାରତକୁ ଆଗମନ କରିବେ ।

Digitized by srujanika@gmail.com

ଶ୍ୟାମ ମା ୩ ସ ମଧ୍ୟରେ ଋଷ ଓ ଚୀନଦେଶ ତ୍ୟାଗ କରି ଯିବାର ଯେଉଁ କଥା ଥାଇଥିଲେ ଋଷିଆ, ଫ୍ରାନସ ଏବ ଜର୍ମାନ ତାହା ସ୍ଥଗିତ କରିଥିବାର ସମ୍ବାଦ ମିଳଇ । ଚୀନ ଏବା କୋ ୩ ହ ମୁଦ୍ରା ପ୍ରଦାନ କରିବା ଓ ଫରମୋ- ସା ଉପଦ୍ୱୀପରେ ସ୍ୱାଧୀନ ଭାବେ ଉପାଧ୍ୟାୟ କରିବା ପର୍ଯ୍ୟନ୍ତ ମଧ୍ୟ ସେମାନେ ବୃଦ୍ଧିଲ୍ଲ କରିବେ ।

କାବୁଲ ଅମୀରଙ୍କ ପୁତ୍ର ନସିରୁଲ୍ଲାଖାଁ ଗତ ଅକ୍ଟୋବର ମାସ ତା ୨୦ ଦିନରେ ଭାରତ ସୀମା ତ୍ୟାଗ କରି ଅପଣା ପ୍ରଜାଙ୍କୁ ଭଗନ କରିଥିବାର ସମ୍ବାଦ ମିଳଇ । ଏହାଙ୍କ ଅନୁଷ୍ଠାନ ଦ୍ୱାରାରେ ମୋଟ ଖର୍ଚ୍ଚ କେତେ ପଡ଼ଇ ଜାଣିବାକୁ ବାକି ରହିଲା ।

କଲିକତା କେବୂଲର ଠାରେ ଜଣେ ସନ୍ନ୍ୟାସୀ ଚୋଙ୍କାଠି ଦ୍ୱାରା କ୍ଷେତ୍ର ଧରିଥିବାର ଷ୍ଟେଟସମ୍ୟାନ ପତ୍ରିକାର ସମ୍ବାଦ ଦ୍ୱାରା ପ୍ରକାଶ ହେଉଅଛନ୍ତି । ଚୋଙ୍କାଠି ଚଳାଇବାର ପ୍ରଣା ଅନେକ ଦିନରୁ ପ୍ରଚଳିତ ଅଛି ମାତ୍ର କଲିକତାର ପ୍ରକାଶ ସ୍ଥାନରେ ଏପରି କେବେ ଘଟି ନାହିଁ । ସନ୍ନ୍ୟାସୀ ପ୍ରଥମେ ଚୋ- ଙ୍କାଠି କୁ ଗେରମୁଣ୍ଡରେ ଲଗିବା କାରଣ ଚଳାଇଲେ ଏବ ପରେ ଦେହରେ ଲଗିବାର ଅଭ୍ୟେସ କରିବାରୁ ଚୋଙ୍କାଠି ସେହିସ୍ଥାନର ଦେହରେ ମଧ୍ୟ ଲଗିଗଲା । ଏହା ଦେଖି ଦର୍ଶକ ମାନଙ୍କ ମଧ୍ୟରେ ଭୂମିକ ଷଣ୍ଡଗୋଳ ଉପସ୍ଥିତ ହେଲା ଏବ ସେଇ ଅପଣାର ଅପରାଧ ସ୍ୱୀକାର କରି ଅପରାତ ୫ ୨୨ ଘା ଜଣ ତେଇ ମୃତ୍ୟୁଗଲା । ଏଥିରେ କଲିକତା ଠାରେ ବହୁତ ଗଣ୍ଡଗୋଳ ଅଛି ।

ଫରାସିସ ସେନା ଜ୍ୟୁଇଲ ଇଣ ମାଡାଗାସ୍କାରର ପ୍ରଧାନ ନଗରରେ ପ୍ରବେଶ ଲାଭ କରିବା ସମୟରେ ସେମାନ- ଙ୍କର ବନ୍ଦୀକୃତ ସେହାଙ୍କ ଲୋକମାନେ ଅତି କଷ୍ଟରେ ସମ୍ପ- ରେ ହାଣିପକାଇଥିବାର ସମ୍ବାଦ ମିଳଇ ।

ଲଣ୍ଡନ ନଗରର ଗତ ସମ୍ବାଦରୁ ପ୍ରକାଶ ଯେ ବନ୍ଦରରେ ଇଲ୍ଗୋଲ୍ଡସ୍ୱା କ, ( କମ୍ପାନି ) ନାମକ ଗୋଟିଏ ପ୍ରଥମ ଶ୍ରେଣୀର ଯୁଦ୍ଧ ଜାହାଜକୁ ଗତ ଅକ୍ଟୋବର ମାସ ତା ୨୯ ଦିନରେ ଭସାଇ ଦିଆଯାଇ ଅଛି । ଏ ଜାହାଜ ଅତ୍ୟନ୍ତ ଅଧିକ ଏଥିରେ ନବା ୧୭ ଟି ତୋପ ରଖାଯାଇ ଅଛି । ମା ୧୭ ଟି ମଧ୍ୟରେ ଏ ଜାହାଜ ନିର୍ମିତ ହୋଇଥିବାର କଥିତ ହୁଏ ।

ବର୍ତ୍ତମାନ ଲଣ୍ଡନ ନଗରରେ ଗୋଟିଏ ଘର ହଠାତ୍ ଭୂମି ଛୁଟି ହ ୨ ଜ ଲୋକ ବଧ ଦଗ୍ଧୀଭୂତ ହୋଇଥିବାର ସମ୍ବାଦ ମିଳ- ଇ । ସମ୍ପ୍ରତି ସେହି ନୂତନ କଷ୍ଟ ହୋଇ ଯାଉଅଛି । ଏହାର କାରଣ ଅଦ୍ୟାପି ଜଣାଯାଇ ନାହିଁ ।

## ଯାଜପୁରସମ୍ବାଦ ।

ଅବଧୂତଗାଇତିବ ନାମକ କେଉଁ ସ୍ଥାନର ଶାସନ ଚୌଧୁରୀ- ଭାଇ ମହାଦେବଙ୍କ ସ୍ୱାମୀ କଥିତ ବ୍ରାହ୍ମଣୀର ଲଜ୍ଜାଶୀଳ- ତାପ୍ରତି ଅତ୍ୟାଚାର କରିବା କାରଣ ଗତ ପ୍ରକାଶ ହେଉ ଅଭିଯୁକ୍ତ ହୋଇଥିବା ବିଷୟ ଏହି ପତ୍ରରେ ଲେଖିଥିଲୁ । ମାତ୍ର ଦୁଃଖର ବିଷୟ ଯେ ଏଠାକାର ଡେପୁଟି ମାଜିଷ୍ଟ୍ରେଟ ମୁନ୍ସିମାନ ଓ ଷ୍ଟାଟ୍ୟୁଟିଲ ମୁନ୍ସିମାନ ହେଡ କନେଷ୍ଟବଲ ଓ ଚୌକିଦାର ଦଳ ଦୋଷୀକୁ ମୁକ୍ତ କରିବା କାରଣ ଯଥାସାଧ୍ୟ ଚେଷ୍ଟା କରି ଥିଲେ, ମାତ୍ର ବିଚାରପତି- ଙ୍କର ସୁବିଚାରରେ ସେମାନଙ୍କର ଉକ୍ତ ଚେଷ୍ଟା ନିଷ୍ଫଳ ହୋଇ ଦୋଷୀର ଏକମାସ ନିମନ୍ତେ ଶ୍ରମସହକାରେ ଜେଲ ହୋଇ ତାହାର ଶାସ୍ତି ହୋଇଅଛି ।

ଏବର୍ଷ ଖାଦ୍ୟଦ୍ରବ୍ୟର ଅଧିକାଂଶ ଗତ ବର୍ଷା ହୋଇ ଯାଇଅଛି ମାତ୍ର ଅନାବୃଷ୍ଟି ନେଷ ଛଡ଼ା ନାହିଁ ଏବେ ଉତ୍ତ- ମ ଫଳ ହେବାର ଦେଖାଯାଉଛି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ- ମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଆପଣଙ୍କ ୭।୭।୯୫ ପ୍ରକାଶିତ ପତ୍ରିକାରେ କେନାପୁର ପୋଷ୍ଟମାଷ୍ଟର କୈଳାଶଚନ୍ଦ୍ର ଦତ୍ତ ଏବ ବଳସ୍ତମପୁର ସ୍କୁଲ ଶିକ୍ଷକ ଶ୍ରୀ ଚିନ୍ତାମଣି ମହାନ୍ତି ମହାଶୟ ଦ୍ୱୟ ଯେଉଁ ଦୁଇଗୋଟି ପ୍ରଶ୍ନ କରିଥିଲେ, କ୍ରମବଶତଃ ଉକ୍ତ ପ୍ରଶ୍ନ ଦ୍ୱୟର ଉତ୍ତର ଅଦ୍ୟାବଧି ଏ ସମାଜକୁ ଯାଇ ପାରି ନ ଥିଲା । ବର୍ତ୍ତମାନ ନାନାବିଧ ଗ୍ରନ୍ଥ ଆଲୋ- ଚନା କରାଯାଇ ଯେଉଁ ଉତ୍ତର ସ୍ଥିରୀକୃତ ହେଲା ତାହା ପ୍ରେରଣ କରି ପ୍ରାର୍ଥନା କରୁଅଛୁଁ ଯେ ଆପଣଙ୍କ ପତ୍ରିକାର ଏକ ପ୍ରାନ୍ତରେ ସ୍ଥାନ ଦାନ କଲେ ବାଧିତ ହେବୁଁ ।

ପ୍ରଥମ ବ୍ୟକ୍ତିଙ୍କ ପ୍ରଶ୍ନ ଯଥା —

"ଗୋସ୍ୱାମୀ ଗୋରୁ ଚରାଉଥିବା ସମୟରେ ସେଥି ମଧ୍ୟରୁ ଗୋଟିଏ ଗୋରୁ ନାଳରେ ଜଳ ପାନ କରୁଁ ୨ କୁମ୍ଭୀରଦ୍ୱାରା ଧୃତ ହୋଇ ୧ ଘଣ୍ଟା ପରେ ପ୍ରାଣ ତ୍ୟାଗ କଲା । ଏଥିରେ ଗୋସ୍ୱାମୀଙ୍କୁ ଦୋଷ ଲାଗିବ କି ନାହିଁ ।"

ପ୍ରମାଣଂ ଯଥା, ପରାଶର ସଂହିତାୟାଂ—
କୂପଖାତେ ତଟୀବନ୍ଧେ ନଦୀବନ୍ଧେ ପ୍ରପାସୁ ଚ ।
ପାନୀୟେଷୁ ବିପନ୍ନାନାଂ ପ୍ରାୟଶ୍ଚିତ୍ତଂ ନ ବିଦ୍ୟତେ ।
କୂପଖାତେ ତଟୀଖାତେ ଦୀର୍ଘଖାତେ ତଥୈବ ଚ
ଅନ୍ୟେଷୁ ଧର୍ମଖାତେଷୁ ପ୍ରାୟଶ୍ଚିତ୍ତଂ ନ ବିଦ୍ୟତେ

ଉପରୋକ୍ତ ବାକ୍ୟଦ୍ୱୟରୁ ଜଣା ଯାଉଅଛି ଯେ ଗୋରୁ ଜଳାଶୟରୁ ଜଳପାନାର୍ଥ ଗମନକରି ବିପନ୍ନ ବା ମୃତ ହେଲେ ପ୍ରାୟଶ୍ଚିତ୍ତ କର୍ତ୍ତବ୍ୟ ନୁହେ ।

ଦ୍ୱିତୀୟ ବ୍ୟକ୍ତିଙ୍କ ପ୍ରଶ୍ନ ଯଥା—

"କୌଣସି ବ୍ରାହ୍ମଣ ଅସ୍ତ୍ରଦ୍ୱାରା ବୃଷ କଲେ ଦୋଷୀ ହେବ କି ନାହିଁ ।"

ତହିଁ ପ୍ରମାଣଂ ଯଥା,—ପଞ୍ଚ ଭସ୍ମଗ୍ରନ୍ଥେ ।
ମୁଷ୍କମୋକ୍ଷଣଙ୍କେବପ୍ରୋ ଗୋବଧସ୍ୟ ବ୍ରତଂ ଚରେତ୍ । ପ୍ରତ୍ୟୋଜନସ୍ତୁ ଲୁଙ୍ଗିନ ବ୍ରତସ୍ୟାର୍ଦ୍ଧଂ ବିଶୁଦ୍ଧ୍ୟେ ।
ବୃଷଭଂ ତୁ ପ୍ରସହ୍ୟେନ କପିଲାଂ ବାପି କାମତଃ । ଯୋଜୟିତ୍ୱା ହଲେ ଲୁର୍ଯ୍ୟାତୁ କୃଚ୍ଛ୍ରଂ ଚାନ୍ଦ୍ରାୟଣଂ ଚରେତ୍ ।

ଉପରୋକ୍ତ ବାକ୍ୟଦ୍ୱୟରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି ଯେ ବ୍ରାହ୍ମଣ ଯେବେ ନିଜେ ବଳଦର ମୁଷ୍କମୋକ୍ଷ ( ଅଣ୍ଡକୋଷ ଛେଦନ ) କରି କୃଷି କାର୍ଯ୍ୟ କରେ ତେବେ ସମ୍ପୂର୍ଣ୍ଣ ଗୋବଧର ଦୋ- ଷଗ୍ରାହୀ ହେବ । ଯେବେ ଅନ୍ୟଦ୍ୱାରା ତାହା କରାଇ ଥାଏ ତେବେ ଶୁଦ୍ଧ ହେବା ନିମନ୍ତେ ଗୋବଧର ଅର୍ଦ୍ଧ ପ୍ରାୟଶ୍ଚିତ୍ତ କରିବ ।

ଆଉ ଯଦ୍ୟପି ବ୍ରାହ୍ମଣ ମୁଷ୍କମୋକ୍ଷ ନ କରି ( ବୃଷଭାବସ୍ଥାରେ ) ତାହାଦ୍ୱାରା କୃଷିକାର୍ଯ୍ୟ କରେ ତାହା ହେଲେ ଚାନ୍ଦ୍ରାୟଣ ବ୍ରତ କରି ଶୁଦ୍ଧ ହେବ । ଇତି ।

ବଶମ୍ବଦ ।

| | |
|---|---|
| ଖାଲିକଣ୍ଠ ବଂଗର<br>୨।୧୧।୯୫ | ଶ୍ରୀରଘୁନାଥ ମିଶ୍ର<br>ସହକାରୀ ସମ୍ପାଦକ<br>ଆର୍ଯ୍ୟନୀତି ପ୍ରଦୀପସମାଜ |

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ବୈଷ୍ଣବ ପଟ୍ଟନାୟକ | | ଟ ୩୯ |
| „ ସଦର୍ଶ ଦାସ | କଟକ | ଟ ୧୯ |
| ମୁନ୍ସୀ ମହମଦ ଅଲ | „ | ଟ ୧୯ |

---

# ବିଜ୍ଞାପନ ।

ଓଡ଼ିଶା କମିଶ୍ନର ମାନନୀୟ ଶ୍ରୀଯୁକ୍ତ ଲଟ୍ଟେ- ଜନ୍‌, ଦତ୍ତଙ୍କ ପ୍ରଣୀତ ନିମ୍ନଲିଖିତ ସଙ୍କଳନ ପ୍ରଶଂସିତ ପୁସ୍ତକମାନ କଟକ ପ୍ରିଣ୍ଟିଙ୍ଗ୍‌କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଓ ତାଙ୍କର ଅନ୍ୟ କେତେକ ପୁସ୍ତକ ଶୀଘ୍ର ଅସି ପହଞ୍ଚିବ ।

ଶତବର୍ଷ ବଙ୍ଗଳା ଉପନ୍ୟାସ ଟ ୩ ୧
ସଂସାର „ ଟ ୧ ।

---

ଏ ବର୍ଷା ମାନେଜରଙ୍କ ଅଫିସ ଫୌଜଦାରୀ ଲଳାଦା ନିମନ୍ତେ ମାସିକ ଟ ୧୦ ୧ ବେତନରେ ଜଣେ ମୋହରର ଅବଶ୍ୟକ । ଅଫିସ କାର୍ଯ୍ୟ ଦକ୍ଷ ଓ ଚରିତ୍ରବାନ୍ ଲୋକଙ୍କ ଦାଖ ଗ୍ରହଣୀୟ ଅବେଦନ ବାଦମାନଙ୍କ ବରଖାସ୍ତ ଚଳିତ ନ- ଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ଗ୍ରହଣ କରାଯିବ ।

Pal Lahara } Damodur Putnaik
1—11—95. } *Manager*

---

KEY TO LETHBRIDGE'S
EASY SELECTIONS
( Minor course for 1896 )
*IS OUT*
*Price Re. 1.*
To be had of the Secretary
Printing Company Cuttack.

Split by PDF Splitter
Digitized by srujanika@gmail.com

## ବିଜ୍ଞାପନ ।

ନୂତନ ପୁସ୍ତକ

## ବିବାସିନୀ ।

( ଉପନ୍ୟାସ )

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଏକଟଙ୍କା ମୋଫସଲକୁ ଡାକମାସୁଲ ଏକଅଣା ମାତ୍ର ।

---

## ବିଜ୍ଞାପନ ।

ନୂତନ ନୂତନ ନୂତନ

### ଧର୍ବି ବର୍ଣ୍ଣ ବିରଚିତ

ସଚିତ୍ର ଚ୍ଛିଣ କଳ୍ପପାଲା ମୂଲ୍ୟ ଟ ୦/ ଏକଅଣ

| | | |
|---|---|---|
| ପଦ୍ମଲୋଚନ ପାଲା | ମୂଲ୍ୟ | ଟ ୦/ |
| ମର୍ଦ୍ଦଗାଜୀ ଜନ୍ମପାଲା | ମୂଲ୍ୟ | ଟ ୦୵ |
| ହରଅର୍ଜୁନ ପାଲା | ମୂଲ୍ୟ | ଟ ୦୵ |
| ଭୃଗୁଭାସ୍ତ ପାଲା | ,, | ଟ ୯/ |
| ଭ୍ରମରବର | ,, | ଟ ୦/୬ |
| ମର୍ଦ୍ଦଗାଜୀବନ୍ଦୀ ପାଲା | | ଟ ୦୵ |

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅଳ୍ପ ଲାଭ୍ୟପାଲମାନ ପ୍ରସ୍ତୁତ ଅଛି

---

## CHEAP !. CHEAP ! CHEAP !

### SCHOOL BOOKS.

Prescribed for the Collegiate school and H, E. schools.

### JUST TO HAND.

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

---

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

### ଦାର୍ଢ୍ୟତାଭକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୫୨ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା ମୋଫସଲବାସୀଙ୍କୁ ଡାକମାସୁଲ ଟ ୦/

---

## NOTICE
## THE
# DWIBHASI.

*SECOND EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ !

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

---

## ବିଜ୍ଞାପନ ।

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲସ, ଓ୍ୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଳେଶରେ ପାଇପାରିବେ ।

---

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୧ ୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପ୍ପା, ଠୁମରୀ ପ୍ରଭୃତି ସୁମଧୁର-ସ୍ୱରର ପଦଭୁକ୍ତ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଅଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କିମ୍ବା ବୁକ୍‌ସେଲର ବାବୁ ରାମପ୍ରସାଦ ମୁଖାର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## ଶୁଭସଂବାଦ ।

ଆୟୁର୍ବେଦୀୟ ମେଡିସନ୍ ମ୍ୟାନୁଫାକ୍ଟରିଂ

କୋମ୍ପାନୀ ଅବ ଇଣ୍ଡିଆ, ଲିମିଟେଡ୍ ।

କାଲନା, ବେଙ୍ଗଲ ।

ଔଷଧର ମୂଲ୍ୟ ଶତକଡା ଟ ୨୫ ଙ୍କା କମ ହେଲା ।

କୋମ୍ପାନୀର ପ୍ରସ୍ତୁତ ଆୟୁର୍ବେଦୋକ୍ତ ତୈଳ ଘୃତ ମୋଦକ ଔଷଧ ସମୂହ ଯେପରି ବିଶୁଦ୍ଧ ଏବଂ ଫଳଦାୟକ ଓ ସୁଲଭ ମୂଲ୍ୟରେ ବିକ୍ରୟ ହୁଏ ସେପରି ଆଉ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର କାର୍ଯ୍ୟକାରିତା ନିମିତ୍ତ କୋମ୍ପାନୀ ଦାୟୀ । ଏତ ସୁଲଭ ମୂଲ୍ୟରେ ଯାହାର କଣ୍ଠେ ଔଷଧର ପ୍ରୟୋଜନ କୋମ୍ପାନୀ ନିକଟକୁ କେବେ ପଠାଇବା ଉଚିତ ନାହିଁ । ସେମାନ ଅନୁପାନ ବିବରଣ ପଠାଇଲେ ବ୍ୟବସ୍ଥା ଦିଆ ଯାଉଅଛି ।

### ଔଷଧର ମୂଲ୍ୟ ଅଗ୍ରିମ ଦେୟ—

ଯାହାର ଭେଲ୍ୟୁପେବଲରେ ଔଷଧ ନେବାର ପ୍ରୟୋଜନ ତାହାକୁ ଅନ୍ତତଃ କିମ୍ବଦଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନଚେତ୍ ଅପେକ୍ଷାନୁସାରେ ଔଷଧ ପ୍ରେରିତ ହେବ ନାହିଁ ।

**ବୈଦ୍ୟନାଥ ବଟି**—ନିୟମିତ ବ୍ୟବହାର କଲେ କଷ୍ଟସାଧ୍ୟ ପ୍ରମେହ-ରୋଗ ମଧ୍ୟ ନିରାକୃତ ହୁଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ୱପ୍ନଦୋଷ ଶୁକ୍ରକ୍ଷୟ ପ୍ରଭୃତି ଏକାବେଳକେ ପ୍ରଶମିତ ହୁଏ । ଏହା ପରୀକ୍ଷିତ ଫଳ ଅବ୍ୟର୍ଥ ।

୨ ବଟି ୧୮ ଟଙ୍କା ଡାକମାସୁଲ ।୵ ଅଣା ।

**ମକରଧ୍ୱଜ**—ଆୟୁର୍ବେଦ ଦୌର୍ବଲ୍ୟନାଶକ ଅବ୍ୟର୍ଥ ମହୌଷଧ । ଶିଶୁମାନଙ୍କର କାସସ୍ୟୁକ୍ତ ଜ୍ୱରରେ ଏହି ପ୍ରୟୋଜ୍ୟ । ଏହାର ଗୁଣ ଅନନ୍ତ, ଅନୁପାନ ବିଶେଷରେ ଏହା ସର୍ବ ରୋଗରେ ମଧ୍ୟ ବ୍ୟବହାର ହୁଏ ।

